ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୫/୨୦୨୦ (୧୨ପୃଷ୍ଠା) | Bhubaneswar, Tuesday, September 15/2020 | ★★★★

୪୬ଶ ଭାଗ ୨୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ‘ଇନ୍ଦୁ କି ଜୱାନି’ରେ କିଆରା

ବଲିଉଡ ଅଭିନେତ୍ରୀ କିଆରା ଆଡଭାନୀଙ୍କ ମୁଭି ‘ଇନ୍ଦୁ କି ଜୱାନି’ର ଟ୍ରେଲର୍ ସେପ୍ଟେମ୍ବର ୧୬ରେ ରିଲିଜ୍ ହେବାକୁ ଯାଉଛି। ଏ ନେଇ ସେ ବେଶ୍ ଏକ୍ସାଇଟେଡ୍ ଅଛନ୍ତି।

୦୨

୧୨

## ଥିମ୍‌ଙ୍କୁ ୟୁଏସ୍ ଓପନ ଟାଇଟଲ

ଜର୍ମାନୀର ଆଲେକଜାଣ୍ଡର ଜେଭରେଭଙ୍କୁ ହରାଇ ଅଷ୍ଟ୍ରିଆର ଡୋମିନିକ୍ ଥିମ୍ ଚଳିତ ବର୍ଷର ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି।



### ବନ୍ଦ ହେବ କ୍ୱାରାଣ୍ଟାଇନ୍ ସେଣ୍ଟର




# ଆରମ୍ଭ ହେଲା ମୌସୁମୀ ଅଧିବେଶନ

**ନୂଆଦିଲ୍ଲୀ,୧୪।୯(ପି.ଟି.)**



- ପ୍ରଥମ ଦିନରେ ୨ ବିଲ୍ ପାରିତ
- ଆଜିଠାରୁ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା
- ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ସମେତ ୧୩ ପୂର୍ବତନ ସାଂସଦଙ୍କୁ ଶ୍ରଦ୍ଧାଞ୍ଜଳି

କରୋନା କଟକଣା ମଧ୍ୟରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ସୋମବାର ଆରମ୍ଭ ହୋଇଛି। ଅଧିବେଶନର ପ୍ରଥମ ଦିନରେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ସପ୍ତଦଶ ଲୋକ ସଭାର ଏମ୍‌ପି ଏଚ୍.ଏସ୍. ବସନ୍ତ କୁମାର, କଣ୍ଠଶିଳ୍ପୀ ପଣ୍ଡିତ ଯଶରାଜ ଲାଲାଜି ଟଣ୍ଡନ, ଅଜିତ ଯୋଗୀ ଏବଂ ଚେତନ ଚୌହାନଙ୍କ ସମେତ ୧୩ଜଣ ପୂର୍ବତନ ସଦସ୍ୟଙ୍କ ବିୟୋଗରେ ଶ୍ରଦ୍ଧାଳୀ ଅର୍ପଣ କରାଯାଇଛି। ପ୍ରଶ୍ନକାଳ ସମ୍ପର୍କରେ ବିରୋଧୀମାନେ ହଙ୍ଗାମା କରିଥିବା ଦେଖିବାକୁ ମିଳିଥିଲା। ପ୍ରାୟ ୧ଘଣ୍ଟା ପାଇଁ ଗୃହକୁ ମୁଲତବୀ ରଖାଯାଇଥିଲା। ପରେ ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଦିବଙ୍ଗତ ନେତା, ସୁରକ୍ଷା ବାହିନୀ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଥମ ଦିନ ଅଧିବେଶନରେ ଲୋକ ସଭାରେ ୪ ଶହ ଏମ୍‌ପି ଉପସ୍ଥିତ ଥିଲେ। ବାଚସ୍ପତି ଓମ୍ ବିର୍ଲାଙ୍କ ସୂଚନା ଅନୁଯାୟୀ କେନ୍ଦ୍ର ସରକାର ୮ଟି ବିଲ୍ ଉପସ୍ଥାପିତ କରିଥିଲେ। ଏଥିମଧ୍ୟରୁ ୨ଟି ବିଲ୍ ପାରିତ ହୋଇଥିବା ବେଳେ ବାକି ୬ଟି ଉପରେ ଅଧିକ ଆଲୋଚନା ହେବାର ରହିଛି। ପାରିତ ହୋଇଥିବା ବିଲ୍ ହେଉଛି ନାଶନାଲ କମିଶନ୍ ଫର୍ ହୋମିଓପ୍ୟାଥି ବିଲ୍-୨୦୨୦ ଏବଂ ନାଶନାଲ କମିଶନ୍ ଫର୍ ଇଣ୍ଡିଆନ୍ ସିଷ୍ଟମ୍ ଅଫ୍ ମେଡିସିନ୍ ବିଲ୍।

ପରେ ଗୃହକୁ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ପ୍ରଥମ ଦିନ ଅଧିବେଶନ ସକାଳ ୯ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧ ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ତେବେ ଏହି ଅଧିବେଶନ ମଙ୍ଗଳବାରଠାରୁ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିବ। ଲୋକ ସଭା ଇତିହାସରେ ପ୍ରଥମଥର ପାଇଁ ମୌସୁମୀ ଅଧିବେଶନରେ ସମସ୍ତ ସଦସ୍ୟମାନେ ମାସ୍କ ପରିଧାନ ପୂର୍ବକ ସାମାଜିକ ଦୂରତା ବଜାୟ ରଖି ଗୃହ କାର୍ଯ୍ୟରେ ଅଂଶ ଗ୍ରହଣ କରିଛନ୍ତି। ଏଥିପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅଧିବେଶନରେ ଅଂଶଗ୍ରହଣ କରୁଥିବା ସଦସ୍ୟମାନଙ୍କ ପାଇଁ କୋଭିଡ୍ ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଛି। ଯେଉଁମାନଙ୍କ ରିପୋର୍ଟ ନେଗେଟିଭ ରହିଛି କେବଳ ସେହି ସଦସ୍ୟଙ୍କୁ ଗୃହକାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯାଇଛି। ତେବେ ଏମ୍‌ପି ମୀନାକ୍ଷୀ ଲେଖୀ, ଅନନ୍ତ କୁମାର ହେଗ୍‌ଡେ ଏବଂ ପରଭେଶ ସାହିବ ସିଂଙ୍କ ସମେତ ୨୪ଜଣ ଏମ୍‌ପି କରୋନା ପଜିଟିଭ ଥିବା ଜଣାପଡ଼ିଛି।

ମୌସୁମୀ ଅଧିବେଶନର ପ୍ରଥମ ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦ କହିଛନ୍ତି ଯେ, ମୁଁ ଭାବୁଛି ପାର୍ଲାମେଣ୍ଟ ଆଜି ଦେଶବାସୀଙ୍କୁ ଏକତାର ସନ୍ଦେଶ ପ୍ରଦାନ କରିବା ସହ ସାରାଦେଶ ଆଜି ଆମେ ଯବାନ୍‌ଙ୍କ ସହ ରହିଛୁ ବୋଲି ପ୍ରମାଣ କରିଛି। ଏଥିସହିତ ମୋଦି ସମସ୍ତ ଏମ୍‌ପିଙ୍କୁ କରୋନା ମହାମାରୀ ସମୟରେ ଲୋକଙ୍କ ସହ ଛିଡ଼ା ହୋଇଥିବାରୁ ଧନ୍ୟବାଦ ଜଣାଇଛନ୍ତି। ଏବେ କରୋନା କଟକଣା ଯୋଗୁ ରାଜ୍ୟ ସଭା ଏବଂ ଲୋକ ସଭା ଅଧିବେଶନ ଭିନ୍ନ ସମୟରେ ହେବ। ଏଥର ଶନିବାର ଏବଂ ରବିବାର ମଧ୍ୟ ସଂସଦର ଅଧିବେଶନ ଚାଲିବାର କାର୍ଯ୍ୟକ୍ରମ ରହିଛି। ଏମ୍‌ପିମାନେ ଏହାକୁ ଗ୍ରହଣ କରିଥିବାରୁ ସେମାନଙ୍କୁ ମୋ ତରଫରୁ କୃତଜ୍ଞତା ଜଣାଉଛି ବୋଲି ମୋଦି କହିଛନ୍ତି। ଅପରପକ୍ଷରେ ଗତ କିଛି ମାସ ଧରି ଭାରତ- ଚାଇନା ପ୍ରକୃତ ନିୟନ୍ତ୍ରଣ ରେଖା(ଏଲ୍‌ଏସି)ରେ ୨ଦେଶ ମଧ୍ୟରେ ଚାଲିଥିବା ବିବାଦ, କରୋନା ମହାମାରୀର ମୁକାବିଲା, ଏପରିକି ଏଥିପାଇଁ ଦେଶରେ ଦେଖାଦେଇଥିବା ଅର୍ଥନୀତିର ନିମ୍ନଗାମୀ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ମୌସୁମୀ ଅଧିବେଶନରେ ମୁଖ୍ୟ ପ୍ରସଙ୍ଗ କରିବା ସହ ତା’ ଉପରେ ଆଲୋଚନା କରିବାକୁ ଦାବି କରୁଥିବାବେଳେ ସରକାର କୋଭିଡ୍ ସମୟରେ ନେଇଥିବା ପ୍ରାୟ ୨ଡଜନ୍‌ରୁ ଊର୍ଦ୍ଧ୍ୱ ନୂଆ ପ୍ରସ୍ତାବକୁ ପାରିତ କରିବା ଲକ୍ଷ୍ୟରେ ରହିଛନ୍ତି। ମୋଦି କହିଛନ୍ତି ଯେ, ଯେପର୍ଯ୍ୟନ୍ତ କରୋନାର ଔଷଧ ବାହାରି ନାହିଁ ସେ ପର୍ଯ୍ୟନ୍ତ ଆମେ ତାକୁ ଢ଼ିଲା ଦେବା ନାହିଁ। ଯେଉଁ ଦମ୍ଭର ସହ ଏପର୍ଯ୍ୟନ୍ତ ଆମେ ସମସ୍ତେ ଲଢ଼ି ଆସିଛେ ସେହି ଭାବରେ ଆମକୁ ଆଗକୁ ଲଢ଼ିବାର ଅଛି ବୋଲି ମୋଦି କହିଛନ୍ତି।

# ୨୪ ଘଣ୍ଟାରେ ଟପିଲା ୪ ହଜାର

**ଭୁବନେଶ୍ୱର,୧୪।୯(ବ୍ୟୁରୋ)**

### କରୋନା ସଂକ୍ରମଣ

- ଆଉ ୪,୧୯୮ ପଜିଟିଭ୍ ଚିହ୍ନଟ, ୧୧ ମୃତ
- ଆକ୍ରାନ୍ତଙ୍କ ସଂଖ୍ୟା ୧,୫୫,୦୦୫, ମୃତ୍ୟୁ ୬୩୭ ଛୁଇଁଲା



କାଳ ହେଲାଣି କରୋନା। ରାଜ୍ୟରେ ସଂକ୍ରମଣ ହୁହୁ ହୋଇ ମାଡ଼ି ଚାଲିଥିବାବେଳେ ଆଉ ଏକ ନୂଆ ରେକର୍ଡ ଭାଙ୍ଗିଛି ଏହି ମହାମାରୀ। ମାର୍ଚ୍ଚ ୧୫ରେ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। ଆକ୍ରାନ୍ତଙ୍କ ସଂଖ୍ୟା ୪ହଜାର ଛୁଇଁବାକୁ ୩ ମାସ ଲାଗିଥିଲା। ଗତ କିଛିଦିନଧରି ପ୍ରତିଦିନ ୩ହଜାର ଉପରେ ସଂକ୍ରମିତ ହେଉଥିବାବେଳେ ଏବେ ୪ହଜାର ପାର୍ କରିଛି। ଶେଷ ୨୪ ଘଣ୍ଟାରେ ୪,୧୯୮ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଛି। କରୋନାର ଏପରି ଉପରମୁହାଁ ଧାରା ରାଜ୍ୟରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ଶିକ୍ଷା, ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ସବୁକ୍ଷେତ୍ରରେ ଗୁରୁତର ସମସ୍ୟା ଉପୁଜିଥିବାବେଳେ ବିକାଶଧାରା ଓ ଜୀବଜୀବିକା ବଡ଼ ବିପର୍ଯ୍ୟୟର ସାମ୍ନା କରିଛି। ୭ ମାସ ଧରି କଳବଳ କରୁଥିବା କରୋନାକୁ ସରକାର ଓ ଜନସାଧାରଣ ମୁକାବିଲା କରୁଥିଲେ ମଧ୍ୟ ଆଗାମୀ ଚ୍ୟାଲେଞ୍ଜକୁ ନେଇ ଚିନ୍ତା ବଢ଼ିଛି।

ତେବେ ଖୋର୍ଦ୍ଧା ଜିଲାରେ ଦିନକୁ ଦିନ ସ୍ଥିତି ଜଟିଳ ହେବାରେ ଲାଗିଛି। ଏହି ଜିଲାରୁ ପୁଣି ସର୍ବାଧିକ ୭୫୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହା ☞ପୃଷ୍ଠା-୪

## ପେଟ୍ରୋଲ ୧୪, ଡିଜେଲ ୧୭ ପଇସା କମିଲା



**ନୂଆଦିଲ୍ଲୀ,୧୪।୯:** ସୋମବାର ଉଭୟ ପେଟ୍ରୋଲ ଓ ଡିଜେଲ ଦର ହ୍ରାସ ହୋଇଛି। ଫଳରେ ଭୁବନେଶ୍ୱରରେ ପେଟ୍ରୋଲ ୧୪ ପଇସା ହ୍ରାସ ହୋଇ ୮୨.୨୭ ଟଙ୍କା ରହିଛି। ଏଠାରେ ଡିଜେଲ ୧୭ ପଇସା ନିମ୍ନରେ ରହି ୭୯.୧୮ ଟଙ୍କା ରହିଥିବା ଜଣାପଡ଼ିଛି। ନୂଆଦିଲ୍ଲୀଠାରୁ ଭୁବନେଶ୍ୱରରେ ଉଭୟ ପେଟ୍ରୋଲ ଏବଂ ଡିଜେଲ ଦର ଊର୍ଦ୍ଧ୍ୱରେ ରହିଛି। ସୂଚନାଯୋଗ୍ୟ, ଗତ ସପ୍ତାହ ଶନିବାର ଭୁବନେଶ୍ୱରରେ ପେଟ୍ରୋଲ ଓ ଡିଜେଲ ଦରରେ ଯଥାକ୍ରମେ ୧୪ ଏବଂ ୧୩ ପଇସା ହ୍ରାସ ହୋଇଥିଲା। ମେଟ୍ରୋ ସହରଗୁଡ଼ିକରେ ସୋମବାର ଇନ୍ଧନ ଦର ୧୩ରୁ ୧୬ ପଇସା ଖସିଛି। ନୂଆଦିଲ୍ଲୀରେ ପେଟ୍ରୋଲ ଏବଂ ଡିଜେଲ ଦର ୧୪ ଓ ୧୫ ପଇସା ନିମ୍ନରେ ରହିଛି। ଫଳରେ ଦର ଯଥାକ୍ରମେ ୮୧.୭୨ ଟଙ୍କା ଏବଂ ୭୨.୭୮ ଟଙ୍କା ରହିଛି। ସେହିଭଳି ଚେନ୍ନାଇରେ ପେଟ୍ରୋଲ ୧୩ ପଇସା ଖସି ୮୪.୭୨ ଟଙ୍କା, କୋଲକାତାରେ ୧୩ ପଇସା ହ୍ରାସ ପାଇ ୮୩.୨୩ ଟଙ୍କା ଏବଂ ମୁମ୍ବାଇରେ ୧୩ ପଇସା ହ୍ରାସ ଘଟି ୮୮.୩୮ ଟଙ୍କା ରହିଛି। ଚେନ୍ନାଇରେ ଡିଜେଲ ୧୪ ପଇସା କମିବା ଯୋଗୁ ସୋମବାର ଲିଟର ପିଛା ଦର ୭୮.୧୨ ଟଙ୍କା, କୋଲକାତାରେ ୧୫ ପଇସା ହ୍ରାସ ଘଟି ୭୬.୨୮ ଟଙ୍କା ଏବଂ ମୁମ୍ବାଇରେ ୧୬ ପଇସା ନିମ୍ନରେ ରହି ଦର ୭୯.୨୯ ଟଙ୍କା ରହିଥିବା ରାଷ୍ଟ୍ରାୟତ୍ତ କମ୍ପାନୀ ଇଣ୍ଡିଆନ ଅଏଲ ପକ୍ଷରୁ ସୂଚନା ରହିଛି।

# ହରିବଂଶ ରାଜ୍ୟ ସଭା ଉପାଧ୍ୟକ୍ଷ

**ଭୁବନେଶ୍ୱର,୧୪।୯(ବ୍ୟୁରୋ)**



ହରିବଂଶ ନାରାୟଣ ସିଂ

ଜାତୀୟ ଗଣତାନ୍ତ୍ରିକ ସାମ୍ମୁଖ୍ୟ(ଏନ୍‌ଡିଏ) ରାଜ୍ୟ ସଭା ପ୍ରାର୍ଥୀ ହରିବଂଶ ନାରାୟଣ ସିଂ ସୋମବାର ରାଜ୍ୟ ସଭା ଉପାଧ୍ୟକ୍ଷ ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ସେ ବାଚନିକ ଭୋଟରେ ନିର୍ବାଚିତ ହୋଇଛନ୍ତି। ବିରୋଧୀ ଦଳ ପକ୍ଷରୁ ଆରଜେଡି ଏମ୍‌ପି ମନୋଜ ଝା ପ୍ରାର୍ଥୀ ହୋଇଥିଲେ। ହରିବଂଶଙ୍କୁ ବିଜୁ ଜନତା ଦଳ ସମର୍ଥନ କରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହରିବଂଶଙ୍କୁ ସମର୍ଥନ ନେଇ ଔପଚାରିକ ଭାବେ ଘୋଷଣା କରିଥିଲେ। ଏନଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିବା ସକାଶେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋମବାର ସକାଳେ ପୁଣି ଥରେ ମୁଖ୍ୟମନ୍ତ୍ରୀଙ୍କୁ ଫୋନ କରି ସମର୍ଥନ ଲୋଡି ଥିଲେ। ସେପ୍ଟେମ୍ବର ୧୨ ତାରିଖରେ ନୀତୀଶ ହରିବଂଶ ନାରାୟଣଙ୍କୁ ସମର୍ଥନ କରିବା ପାଇଁ ଫୋନ କରିଥିଲେ।

ହରିବଂଶ ରାଜ୍ୟ ସଭା ଉପାଧ୍ୟକ୍ଷ ଭାବେ ଦୁଇ ବର୍ଷ ସୂଚାରୁରୂପେ ଦାୟିତ୍ୱ ସମ୍ପନ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପାଧ୍ୟକ୍ଷଙ୍କୁ ସ୍ୱାଗତ କରିବା ସହ ସେ ନିରପେକ୍ଷ ଭାବେ ଗୃହକୁ ପରିଚାଳନା କରିବେ ବୋଲି ଆଶା କରିଛନ୍ତି। ଏଥିସହିତ ସେ ଗୃହର ପ୍ରତ୍ୟେକ ସଦସ୍ୟଙ୍କୁ ସହଯୋଗ ପାଇଁ ନିବେଦନ କରିଛନ୍ତି। ଝାଙ୍କ ପ୍ରତି ଅଣ ଭାଜପା ଦଳଗୁଡ଼ିକର ସମର୍ଥନ ନ ଥିବାରୁ ବିରୋଧୀ ଦଳ ଭୋଟିଂ ପାଇଁ ଦାବି କରି ନ ଥିଲେ।

# ବନ୍ଦ ହେଲା ଟିଏମ୍‌ସି, ସିସିଏଚ୍

**ଭୁବନେଶ୍ୱର,୧୪।୯(ବ୍ୟୁରୋ)**

କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ସମସ୍ତ ପଞ୍ଚାୟତ ଓ ପୌରାଞ୍ଚଳରେ କୋଭିଡ୍ କେୟାର ସେଣ୍ଟର(ସିସିସି), ଟେମ୍ପରାରି ମେଡିକାଲ ସେଣ୍ଟର (ଟିଏମ୍‌ସି) ଓ କୋଭିଡ୍ କେୟାର ହୋମ୍ (ସିସିଏଚ୍)ର ବ୍ୟବସ୍ଥା କରିଥିଲେ। କିନ୍ତୁ ଏବେ ଟିଏମ୍‌ସି ଓ ସିସିଏଚ୍‌ଗୁଡ଼ିକ ଖାଲି ପଡୁଛି। ସେଠାକୁ ରୋଗୀ ଆସୁନାହାନ୍ତି। ତେଣୁ ଏସବୁ ସେଣ୍ଟରକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସୋମବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସମସ୍ତ ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଯେଉଁସବୁ ସିସିସିରେ ରୋଗୀ ନାହାନ୍ତି ସେଗୁଡ଼ିକ ମଧ୍ୟ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟର ସିସିସିଗୁଡ଼ିକରେ ରୋଗୀ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଅଧିକାଂଶ ସିସିସିରେ ରୋଗୀ ମଧ୍ୟ ନାହାନ୍ତି। ତେଣୁ ସେସବୁ ସିସିସିକୁ ବନ୍ଦ କରିବା ସହିତ ଯେଉଁଠି କମ୍ ସଂଖ୍ୟକ ରୋଗୀ ଅଛନ୍ତି, ସେଠାରେ ସଂଖ୍ୟା ହ୍ରାସକରି ନିୟୋଜିତ ସ୍ୱାସ୍ଥ୍ୟ କର୍ମଚାରୀ ଓ ଡାକ୍ତରମାନଙ୍କୁ ଜିଲାରେ ମୁତୟନ କରିବା ପାଇଁ କୁହାଯାଇଛି। ଯେଉଁଠି ସେମାନଙ୍କ ସେବାକୁ ଅଧିକ ଭଲ ଭାବେ ଉପଯୋଗ କରିହେବ ଜିଲାପାଳମାନେ ବ୍ୟକ୍ତିଗତ ଭାବେ ତାହାର ତଦାରଖ କରିବେ। ଏହାପରେ ନିର୍ଦ୍ଧାରିତ ଏକ ଫର୍ମାଟରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଦୈନିକ ରିପୋର୍ଟ ଜଣାଇବା ପାଇଁ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ସ୍ଥାନରେ ଜରୁରୀ ଆବଶ୍ୟକତା ପଡ଼େ, ତେବେ ଏହି ସୁବିଧାକୁ ସ୍ୱଳ୍ପ ନୋଟିସରେ ବ୍ୟବସ୍ଥା କରାଯାଇପାରିବ ବୋଲି ସେ କହିଛନ୍ତି। କୋଭିଡ୍ ଚିକିତ୍ସା ପାଇଁ କାର୍ଯ୍ୟ କରୁଥିବା ଏହି କେନ୍ଦ୍ରଗୁଡ଼ିକୁ ତୁରନ୍ତ ବନ୍ଦ କରିବା ଦିଗରେ ପଦକ୍ଷେପ ନେବାସହ ସ୍ୱାସ୍ଥ୍ୟ ବିଭାଗ ଓ ରିଲିଫ କମିଶନରଙ୍କୁ ଜଣାଇବାକୁ ଉଭୟ ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟର ୬,୭୯୮ଟି ପଞ୍ଚାୟତରେ ସିସିଏଚ୍‌ରେ ୬୫,୪୭୯ଟି ଶଯ୍ୟା ସୁବିଧା ରହିଛି। ସେହିପରି ବିଭିନ୍ନ ସ୍କୁଲ ଓ ଶିକ୍ଷାନୁଷ୍ଠାନରେ ୧୭୮ଟି ସିସିସି କାର୍ଯ୍ୟ କରୁଛି ଓ ଏଥିରେ ୨୧,୦୫୯ଟି ଶଯ୍ୟା ରହିଛି।

## ୫୦% ଶଯ୍ୟା, ୮୦% ଆଇସିୟୁ ସଂରକ୍ଷିତ ରଖିବେ ଘରୋଇ ହସ୍ପିଟାଲ

**ଭୁବନେଶ୍ୱର,୧୪।୯(ବ୍ୟୁରୋ)**

**କରୋନା ଚିକିତ୍ସା ନେଇ ନୂଆ ନିର୍ଦ୍ଦେଶାବଳୀ ଜାରି**

ରାଜ୍ୟରେ କରୋନା ସଂକ୍ରମଣ ଥମୁ ନ ଥିବାରୁ ଓ ସ୍ଥିତିର ମୁକାବିଲା ପାଇଁ ସରକାର ଘରୋଇ ହସ୍ପିଟାଲ ପାଇଁ ପୁଣି ଏକ ନୂଆ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଏହି ଅନୁସାରେ, ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ଓ ରାଉରକେଲାରେ ଥିବା ୩୦ କିମ୍ବା ତା’ଠାରୁ ଅଧିକ ଶଯ୍ୟା ବିଶିଷ୍ଟ ଘରୋଇ ହସ୍ପିଟାଲଗୁଡ଼ିକ ସାଧାରଣ ଶଯ୍ୟା ବା ଜେନେରାଲ ବେଡ୍‌ର ୫୦ପ୍ରତିଶତ ଓ ଆଇସିୟୁ ଶଯ୍ୟାର ୮୦ପ୍ରତିଶତ କରୋନା ରୋଗୀଙ୍କ ପାଇଁ ସଂରକ୍ଷିତ ରଖିବା ବାଧ୍ୟତାମୂଳକ ହୋଇଛି। ଜରୁରୀ ପରିସ୍ଥିତି ହେଲେ ସମଗ୍ର ହସ୍ପିଟାଲକୁ କୋଭିଡ୍ ହସ୍ପିଟାଲରେ ପରିବର୍ତ୍ତନ କରାଯିବ। ହସ୍ପିଟାଲଗୁଡ଼ିକ ରୋଗୀମାନଙ୍କୁ ସରକାରଙ୍କ ପକ୍ଷରୁ ପୂର୍ବରୁ ଜାରି ହୋଇଥିବା ଚିକିତ୍ସା ବାବଦରେ ଧାର୍ଯ୍ୟ ☞ପୃଷ୍ଠା-୪

# ନିୟନ୍ତ୍ରଣରେ ନାହିଁ ଆଳୁ, ପିଆଜ ଦର

**ଭୁବନେଶ୍ୱର,୧୪।୯(ବ୍ୟୁରୋ)**



### ପରିବା ମହଙ୍ଗା

- ଅସାଧୁ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଶୂନ୍
- ବ୍ୟବସାୟୀଙ୍କ ସହ ଆଲୋଚନା କରି ସରକାର ଦର ନିୟନ୍ତ୍ରଣ କରନ୍ତୁ: ବ୍ୟବସାୟୀ ସଂଘ

କରୋନା ମହାମାରୀ ରୋଜଗାରକୁ ଛଡାଇ ନେଇଥିବା ବେଳେ ବଜାରର ଆଳୁ, ପିଆଜ ଓ ପରିବା ଦର ବୋଝ ଉପରେ ନଳିତା ବିଡା ହୋଇଛି। ଦର ବୃଦ୍ଧି ଗରିବ ମଧ୍ୟବିତ୍ତ ପରିବାରକୁ ଅତିଷ୍ଠ କରିଛି। ଏଭଳି ସଙ୍କଟ ସମୟରେ ବଜାରରେ ପରିବା ଦର ଗତ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ହେଲାଣି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଛି। ରାଜ୍ୟରେ ଆଉ ଲକ୍‌ଡାଉନକୁ କି ଶଟ୍‌ଡାଉନ ନାହିଁ ତଥାପି ଅତ୍ୟାବଶ୍ୟକ ସାମଗ୍ରୀ ଦର ହୁ ହୁ ହୋଇ ବଢ଼ିବା ଗ୍ରାହକଙ୍କ ଚିନ୍ତା ବଢାଇ ଦେଇଛି।

ଖୁଚୁରା ବଜାରରେ ଆଳୁ ଓ ପିଆଜ କିଲୋ ପ୍ରତି ୩୫ ଟଙ୍କାରେ ବିକ୍ରି ହେଉଛି। କେବଳ ଆଳୁ କି ପିଆଜ ନୁହେଁ ପରିବା ଦର ମଧ୍ୟ ଆକଶ ଛୁଆଁ ହୋଇଛି। ୧ ନମ୍ବର ହାଟରେ ଟମାଟୋ କିଲୋ ୮୦ଟଙ୍କା ହୋଇଥିବା ବେଳେ ପୋଟଳ ୭୦ ଟଙ୍କା, ବାଇଗଣ ୫୦ ଟଙ୍କା, କଲରା ୭୦ ଟଙ୍କା, କାକୁଡି ୫୦ ଟଙ୍କା, ବିନ୍ ୬୦ ଟଙ୍କା, ଝୁଡଙ୍ଗ ୮୦ ଟଙ୍କା, ଭଣ୍ଡା ୩୦ ଟଙ୍କା, କଖାରୁ ୩୦ ଟଙ୍କାରେ ବିକ୍ରି ହେଉଛି। ବର୍ଷା ଓ ବନ୍ୟା ଯୋଗୁ ପନିପରିବା ଉତ୍ପାଦନ କମି ଯାଇଛି। ପାଣି ମାଡିଯିବା ଯୋଗୁ ବାରଙ୍ଗ, ନଖରା, ଖୋର୍ଦ୍ଧା, ବଡମ୍ବାରୁ ଆସୁଥିବା ପନିପରିବା କମିଯାଇଛି। ଉଚ୍ଚା ଦରରେ କିଣୁ ଥିବାରୁ ଅଧିକ ଦରରେ ବିକ୍ରି କରିବାକୁ ପଡୁଛି ବୋଲି ପରିବା ବ୍ୟବସାୟୀ କୁମର ସାହୁ କହିଛନ୍ତି। ପରିବା ଦର କମିବାକୁ ଆହୁରି ମାସେ ସମୟ ଲାଗିବ ବୋଲି ସେ କହିଛନ୍ତି।

ଆଳୁ ପିଆଜ ଓ ପରିବା ଦର ବୃଦ୍ଧି ଗରିବ ଶ୍ରମଜୀବୀଙ୍କ ପାଇଁ ଅତ୍ୟନ୍ତ ଅସହ୍ୟ ହୋଇଛି। କାମଧନ୍ଦା ନ ଥିବା ବେଳେ ବଜାରରେ ଖାଇବା ସାମଗ୍ରୀ ଦର ବୃଦ୍ଧି ସେମାନଙ୍କ ଆର୍ଥିକ ସ୍ଥିତିକୁ ଆହୁରି ଦୋହଲାଇ ଦେଇଛି। ଦିନ ମଜୁରିଆ କ୍ଷେତ୍ରବାସୀ ନାୟକ କହିଛନ୍ତି ଯେ କରୋନା ବେଳେ ସବୁ ଦିନେ କାମ ମିଳୁ ନାହିଁ। ୫ ପ୍ରାଣୀ କୁଟୁମ୍ବଙ୍କୁ ଚଳାଇବା କଷ୍ଟକର ହୋଇ ପଡୁଛି। ଆଳୁ ଓ ପିଆଜରେ କାମ ଚଳି ଯାଉଥିଲା। ପରିବା କିଣିବା ଦୂରର କଥା ଦର ବୃଦ୍ଧି ଯୋଗୁ ଆଳୁ ପିଆଜ କିଣିବା ମଧ୍ୟ ଅସମ୍ଭବ ହେଉଛି। ବଜାରରେ ପରିବା ଦର ଆକାଶ ଛୁଆଁ ହୋଇଛି। ବଡ ବଡିଆ ସବୁ କିଛି କିଣି ଖାଇପାରିବେ ଆମେ କେମିତି ଚଳିବୁ ବୋଲି ସେ କହିଛନ୍ତି।

ଓଡିଶା ବ୍ୟବସାୟୀ ସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି ଯେ। ବନ୍ୟା ପ୍ରଭାବିତ ପଡୋଶୀ ରାଜ୍ୟ ବିହାର, ଝାଡଖଣ୍ଡ, ଛତିଶଗଡ, ଆସାମକୁ ପଶ୍ଚିମବଙ୍ଗରୁ ଅଧିକ ପରିମାଣର ଆଳୁ ଯାଉଥିବାରୁ ଦର ବୃଦ୍ଧି ☞ପୃଷ୍ଠା-୪

# ସେପ୍ଟେମ୍ବର ୨୯ରୁ ବିଧାନସଭା

**ଭୁବନେଶ୍ୱର,୧୪।୯(ବ୍ୟୁରୋ)**



- ୭ ସରକାରୀ, ଗୋଟିଏ ବେସରକାରୀ କାର୍ଯ୍ୟ ଦିବସ
- ରବିବାର ବସିବ ଅଧିବେଶନ
- ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବନ୍ଦ
- ସଦସ୍ୟଙ୍କୁ ମିଳିବ ଅଣତାରକା ପ୍ରଶ୍ନର ଉତ୍ତର

ସେପ୍ଟେମ୍ବର ୨୯ରୁ ବିଧାନସଭା ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏନେଇ ସୋମବାର ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଅଧିବେଶନ ସେପ୍ଟେମ୍ବର ୨୯ରୁ ଆରମ୍ଭ ହୋଇ ଅକ୍ଟୋବର ୭ ତାରିଖ ଯାଏ ଚାଲିବ। ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରେ ବିଧାନସଭା ବନ୍ଦ ରହିବ। ତେବେ ରବିବାର ଅକ୍ଟୋବର ୪ ତାରିଖରେ ଅଧିବେଶନ ଚାଲୁ ରହିବ। ଏହି ଅଧିବେଶନରେ ୮ କାର୍ଯ୍ୟ ଦିବସ ରହିଛି। ସେଥିରେ ୭ ସରକାରୀ କାର୍ଯ୍ୟ ଦିବସ ଥିବା ବେଳେ ଗୋଟିଏ ଦିନ ବେସରକାରୀ କାର୍ଯ୍ୟ ଦିବସ ରହିଛି। ସ୍ୱଳ୍ପ ଦିନ ପାଇଁ ବସୁଥିବା ଏହି ଅଧିବେଶନରେ କୌଣସି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ନାହିଁ। ତେବେ ଗୃହର ସଦସ୍ୟମାନଙ୍କୁ ଅଣତାରକା ପ୍ରଶ୍ନର ଉତ୍ତର ଯୋଗାଇ ଦିଆଯିବ। ସେପ୍ଟେମ୍ବର ୩୦ରେ କୃଷି, ଖାଦ୍ୟ ଯୋଗାଣ, ସ୍କୁଲ ଓ ଗଣଶିକ୍ଷା, ଉଚ୍ଚ ଶିକ୍ଷା, ସମବାୟ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ବିଷୟ ଅଣତାରକା ପ୍ରଶ୍ନର ଉତ୍ତର ଦିଆଯିବ। ସେହିପରି ଅକ୍ଟୋବର ୧ରେ ଜଳ ସମ୍ପଦ, ଯୋଜନା ଓ ସଂଯୋଜନା, ପର୍ଯ୍ୟଟନ, ସୂଚନା ଓ ଲୋକ ସମ୍ପର୍କ, ଓଡିଆ ଭାଷା ଓ ସାହିତ୍ୟ ଏବଂ ପରିବହନ ☞ପୃଷ୍ଠା-୪

## ଓଓଏ ଜମି ବିବାଦ ମାମଲା
## ଆଶୀର୍ବାଦଙ୍କୁ କ୍ଲିନ୍‌ଚିଟ୍

୭

### ଆଜିର ମନ୍ତବ୍ୟ

“ କର୍ପୋରେଟ ଟିକସ ହାର ହ୍ରାସ ନେଇ କେନ୍ଦ୍ର ସରକାର ଯେଉଁ ପଦକ୍ଷେପ ନେଇଛନ୍ତି ତାହାର ପ୍ରଭାବ ଆସନ୍ତା ବର୍ଷରେ ଦେଖାଯିବ।

– ଅନୁରାଗ ଠାକୁର, ଅର୍ଥ ରାଷ୍ଟ୍ରମନ୍ତ୍ରୀ

# ଚାଇନାର ଗୁପ୍ତଚରୀ

## ଭାରତୀୟ ରାଜନେତାଙ୍କ ତଥ୍ୟ ସଂଗ୍ରହ କରାଯାଉଛି



ନୂଆଦିଲ୍ଲୀ, ୧୪।୯

ଚାଇନାର ଏଲ୍ଏସିରେ ଭାରତ ସହିତ ମୁହାଁମୁହିଁ ହେବା ସହିତ ଦେଶର ରାଜନେତାଙ୍କ ସମ୍ପର୍କରେ ଗୁପ୍ତରେ ତଥ୍ୟ ସଂଗ୍ରହ କରୁଛି। ଡିଜିଟାଲ ପ୍ଲାଟଫର୍ମ ସହାୟତାରେ ଚାଇନା ଏଭଳି କାର୍ଯ୍ୟ ଜାରି ରଖିଥିବା ନେଇ ପର୍ଦ୍ଦାଫାଶ୍ ହୋଇଛି। ଏସମ୍ପର୍କରେ ଗଣମାଧ୍ୟମରେ ତଥ୍ୟ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଦେଶର ୧୩୫୦ ରାଜନେତାଙ୍କ ବିଷୟରେ ତଥ୍ୟ ସଂଗ୍ରହ କାର୍ଯ୍ୟ ଚାଇନା କରୁଥିବା ନେଇ ଦେଶର ରାଜନୈତିକ ମହଲରେ ହଇଚଇ ସୃଷ୍ଟି ହୋଇଛି। ରାଜନେତାଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ତୁଙ୍ଗ ନେତା ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ସିଡିଏସ୍ ବିପିନ୍ ରାୱତ, ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ ପ୍ରମୁଖଙ୍କ ନାମ ତାଲିକାରେ ରହିଛି। ସେହିପରି ଏହି ତାଲିକାରେ ପୂର୍ବତନ ତଥା ବର୍ତ୍ତମାନର ୪୦ ଜଣ ମୁଖ୍ୟମନ୍ତ୍ରୀ ରହିଛନ୍ତି। ୩୫୦ ଜଣ ଏମ୍‌ପି ମଧ୍ୟ ଏହି ତାଲିକାରେ ଅଛନ୍ତି। ଏହା ସହିତ ତାଲିକାରେ ବହୁ ବିଧାୟକ, ମେୟର, ସରପଞ୍ଚ, ସେନା ଅଧିକାରୀ ଏବଂ ଆଇନଜୀବୀଙ୍କ ନାମ ମଧ୍ୟ ରହିଛି। ତାଲିକାରେ ବର୍ତ୍ତମାନର ୨୪ ମୁଖ୍ୟମନ୍ତ୍ରୀ ରହିଛନ୍ତି। ସେହିପରି ଏଥିରେ ୧୬ ଜଣ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନାମ ମଧ୍ୟ ରହିଛି। ତାଲିକାରେ ୭୦ ଜଣ ମେୟର ମଧ୍ୟ ରହିଛନ୍ତି। ଚାଇନାର ଶେନଝେନ୍ ଏବଂ ଝେନ୍ହୁଆ ଇନଫୋଟେକ୍ ପକ୍ଷରୁ ଏଭଳି ଗୁପ୍ତଚରୀ କରାଯାଉଥିବା ଜଣାପଡ଼ିଛି। ଶେନଝେନ୍ ଚାଇନାର କମ୍ୟୁନିଷ୍ଟ ସରକାରଙ୍କ ପାଇଁ ଭାରତରେ ଗୁପ୍ତଚରୀ କରୁଛି। ଅନ୍ୟ ଦେଶ ଉପରେ ନଜର ରଖିବା ଏହାର କାମ ବୋଲି କୁହାଯାଉଛି। ଏହାକୁ ନେଇ ସଂସଦରେ ହଟ୍ଟଗୋଳ ହୋଇଛି।

## ଟଙ୍କାଏ ଜରିମାନା ଦେଲେ ପ୍ରଶାନ୍ତ ଭୂଷଣ

ନୂଆଦିଲ୍ଲୀ, ୧୪।୯

ନ୍ୟାୟପାଳିକାର ଅବମାନନା କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ସୋମବାର କୋର୍ଟରେ ଟଙ୍କାଏ ଜରିମାନା ଦାଖଲ କରିଛନ୍ତି। ଏକ ଟଙ୍କାର ଡ୍ରାଫ୍ଟ କରି ସେ ଏହାକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଜମା କରିଛନ୍ତି। ଏହି ମାମଲାର ପୁନର୍ବିଚାର କରିବାକୁ ପ୍ରଶାନ୍ତ କହିଛନ୍ତି। ତାଙ୍କ ବନ୍ଧୁ ରାଜୀବ ଧାୱନ ଦେଇଥିବା ଏକ ଟଙ୍କାର ଉପହାରକୁ ସେ ଜରିମାନା ଭାବେ ଦାଖଲ କରିଛନ୍ତି। ସେପ୍ଟେମ୍ବର ୧୫ ସୁଦ୍ଧା ଜରିମାନା ଦାଖଲ କରିବାକୁ ପ୍ରଶାନ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ଜମା ନ କଲେ ୩ ମାସ ଜେଲଦଣ୍ଡ ଭୋଗୀବାକୁ ପଡ଼ିବ ବୋଲି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ, ଚେତାବନୀ ଦେଇଥିଲେ। ଧାର୍ଯ୍ୟ ଜରିମାନା ଦାଖଲ ନ କଲେ ପ୍ରଶାନ୍ତଙ୍କର ପ୍ରାକ୍ଟିସ୍ ଉପରେ ୩ ବର୍ଷ ପର୍ଯ୍ୟନ୍ତ କଟକଣା ଲାଗୁ ହେବ ବୋଲି କୋର୍ଟ କହିଥିଲେ।

## ସୁଗା ହେବେ ଜାପାନ ପ୍ରଧାନମନ୍ତ୍ରୀ

ଟୋକିଓ,୧୪।୯



ୟୋଶିହିଡେ ସୁଗା

ଜାପାନର ସର୍ବାଧିକ କାଳ ମୁଖ୍ୟ କ୍ୟାବେନେଟ ସଚିବ ରହି ଆସିଥିବା ୟୋଶିହିଡେ ସୁଗା ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ସୋମବାର ଶାସକ ଲିବେରାଲ ଡେମୋକ୍ରାଟିକ ପାର୍ଟିର(ଏଲଡିପି)ର ସଭାପତି ନିର୍ବାଚିତ ହେବା ପରେ ସେ ସିଞ୍ଜୋ ଆବେଙ୍କ ସ୍ଥାନରେ ସେପ୍ଟେମ୍ବର ୧୬ରେ ଦାୟିତ୍ୱ ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ଗତମାସ ଶେଷ ଆଡକୁ ଆବେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ପ୍ରଧାନମନ୍ତ୍ରୀ ପଦରୁ ଓହରି ଯିବାକୁ ଘୋଷଣା କରିଥିଲେ।

ଉଲ୍ଲେଖଯୋଗ୍ୟ, ଆବେଙ୍କ ଅତି ଘନିଷ୍ଠ ଥିବା ୭୧ ବର୍ଷୀୟ ସୁଗା ଏକ କୃଷକ ପରିବାରରୁ ଆସିଛନ୍ତି। ସେ ୧୯୮୭ରେ ୟୋକୋହାମା ସିଟି ନିର୍ବାଚନ ଜିତିଥିଲେ। ତେବେ ସେ ୧୯୯୬ରେ ଜାତୀୟ ରାଜନୀତିରେ ପ୍ରବେଶ କରିଥିଲେ।

## ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀଙ୍କୁ କରୋନା



ମନୀଷ ସିସୋଦିଆ

**ଦିଲ୍ଲୀ, ୧୪।୯:** ମହାମାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ। ଏ ନେଇ ସୋମବାର ସେ ଟୁଇଟ କରି ସୂଚନା ଦେଇଛନ୍ତି। ସେ ଟୁଇଟରେ ଉଲ୍ଲେଖ କରିଛନ୍ତି, ହାଲୁକା ଜ୍ୱର ହେବାରୁ ମୁଁ ନିଜର କରୋନା ଟେଷ୍ଟ କରାଇଥିଲି। ଯାହାର ରିପୋର୍ଟ ପଜିଟିଭ ଆସିଛି। ଏହାପରେ ମୁଁ ଆଇସୋଲେଶନରେ ରହିଛି। ଆପଣମାନଙ୍କ ଆଶୀର୍ବାଦରେ ଖୁବ୍‌ଶୀଘ୍ର ସୁସ୍ଥ ହୋଇ କର୍ମକ୍ଷେତ୍ରକୁ ଫେରିବି।

## ସୌଦି ଜେଲର ଗୋଟିଏ ଘରେ ୨୫୦ ଭାରତୀୟ

ନୂଆଦିଲ୍ଲୀ, ୧୪।୯

### ଜୀବନ ବଞ୍ଚାଇବା ଲାଗି ମୋଦିଙ୍କୁ ଗୁହାରି



ସୌଦିରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଲକ୍‌ଡାଉନ୍ ଜାରି ହୋଇଥିଲା। ଲକ୍‌ଡାଉନ୍ ଆଇନର ଉଲ୍ଲଂଘନ କରିଥିବା ଅଭିଯୋଗରେ ୨୫୦ ଜଣ ଭାରତୀୟଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିଛି। ଗିରଫ ହୋଇଥିବା ଭାରତୀୟଙ୍କୁ ଜେଲ୍‌ର ଗୋଟିଏ ଘରେ ରଖାଯାଇଛି। ଏଠାରେ ରହିବାକୁ ଅସୁବିଧା ହେଉଥିବା ସମ୍ପୃକ୍ତ ଭାରତୀୟମାନେ ଅଭିଯୋଗ କରିଛନ୍ତି। ଜେଲ୍‌ରେ ଥିବା ମୁସ୍ତକିମ୍ ନାମକ ଜଣେ ଯୁବକ ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଅପଲୋଡ୍ କରିଛନ୍ତି। ବନ୍ଦୀମାନଙ୍କ ଜୀବନ ବଞ୍ଚାଇବା ଲାଗି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭିଡିଓରେ ଅନୁରୋଧ କରୁଥିବାର ଦେଖିବାକୁ ମିଳୁଛି। ଯୁବକ ଜଣକ ସହାରନପୁର ଅନ୍ତର୍ଗତ ଦେଓବନ୍ଦ ଅଞ୍ଚଳର ବେରୁନ୍ କୋଟେଲର ବାସିନ୍ଦା। ଜେଲରେ ଭାରତୀୟମାନେ ଅତି କଷ୍ଟରେ ଶୋଇଥିବା ୪୪ ସେକେଣ୍ଡର ଏହି ଭିଡିଓରେ ଦେଖିବାକୁ ମିଳୁଛି। ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଆଣିବା ଲାଗି ଯୁବକଙ୍କ ସ୍ତ୍ରୀ ଶାବନା ମଧ୍ୟ ସୋସିଆଲ୍ ମିଡିଆରେ ୪୯ ସେକେଣ୍ଡର ଏକ ଭିଡିଓ ଅପଲୋଡ୍ କରିଛନ୍ତି। ସେ ମୋଦିଙ୍କୁ ଏନେଇ ଅନୁରୋଧ କରିଛନ୍ତି। ଏବେ ଏହି ଭିଡିଓ ଭାଇରାଲ ହେବାରେ ଲାଗିଛି।

## 'ଆସନ୍ତା ବର୍ଷ ଆସିବ କରୋନା ଟିକା'

ନୂଆଦିଲ୍ଲୀ, ୧୪।୯



ଡ. ହର୍ଷବର୍ଦ୍ଧନ

ଦେଶରେ କରୋନା ମହାମାରୀ ସଂକ୍ରମଣ ଆତଙ୍କ ସୃଷ୍ଟି କରିଛି। ତେବେ କରୋନା ଟିକା ଆସିବାରେ ବିଳମ୍ବ ହେବ ବୋଲି କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ସୋମବାର ଲୋକ ସଭାରେ ସୂଚନା ଦେଇଛନ୍ତି। ଟିକାର ପରୀକ୍ଷଣ ଜାରି ରହିଛି। ଏହାର ସମ୍ପୂର୍ଣ୍ଣ ସଫଳ ହେବାର ରିପୋର୍ଟ ମିଳିବା ପରେ ଏହାକୁ ଅଣାଯିବ ବୋଲି ସେ କହିଛନ୍ତି। ଆସନ୍ତା ବର୍ଷ ଦେଶରେ କରୋନା ଟିକା ମିଳିବାର ସମ୍ଭାବନା ରହିଥିବା ସେ କହିଛନ୍ତି। ଦେଶରେ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ନାଟକ, ଉତ୍ତରପ୍ରଦେଶ, ଦିଲ୍ଲୀ, ପଶ୍ଚିମବଙ୍ଗ, ବିହାର, ତେଲଙ୍ଗାନା, ଓଡ଼ିଶା, ଆସାମ, କେରଳ ଏବଂ ଗୁଜରାଟରେ ଆକ୍ରାନ୍ତଙ୍କ ସଂଖ୍ୟା ଏବଂ ମୃତ୍ୟୁ ହାର ଅଧିକ ରହିଥିବା ସେ ପ୍ରକାଶ କରିଛନ୍ତି। ଲକ୍‌ଡାଉନ୍ ଯୋଗୁ ଦେଶରେ ୨୯ ଲକ୍ଷ ଲୋକ କରୋନା ସଂକ୍ରମଣରୁ ଦୂରେଇ ରହିପାରିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ପ୍ରତି ୧୦ ଲକ୍ଷରେ ଦେଶରେ ୩,୩୨୮ ଜଣ କରୋନାରେ ଆକ୍ରାନ୍ତ ହେଉଛନ୍ତି। ସେହିପରି ପ୍ରତି ୧୦ ଲକ୍ଷରେ ୫୫ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟୁଛି। ଦେଶରେ କରୋନା ଆକ୍ରାନ୍ତଙ୍କ ସୁସ୍ଥ ହେବା ହାର ୭୮ ପ୍ରତିଶତ ରହିଛି। ଗୁରୁତର ଭାବେ କରୋନାରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କୁ ଜରୁରିକାଳୀନ ସ୍ଥିତିରେ ଟିକା ଦିଆଯିବାର ଯୋଜନା ରହିଥିବା ସେ ସୂଚନା ଦେଇଛନ୍ତି। ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ, ଦେଶରେ କରୋନା କ୍ରମଶଃ କମୁଥିବାବେଳେ ସରକାର ଫାଷ୍ଟ ଟ୍ରାକ୍ ମୋଡରେ ଏନେଇ କାର୍ଯ୍ୟ କରୁଛନ୍ତି। ବରିଷ୍ଠ ନାଗରିକ ଏବଂ ହାଇ ରିସ୍କ ୱାର୍କପ୍ଲେସ୍‌ରେ ସରକାର ଯୋଜନାବଦ୍ଧ ଭାବେ କାର୍ଯ୍ୟ ଜାରି ରଖିଥିବା ସେ କହିଛନ୍ତି।

## ଫୁର୍‌ସତ୍

## ମୋ ନାଁ ଇନ୍ଦୁ...



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କିଆରା ଆଡ୍‌ଭାନୀଙ୍କୁ କିଏ ନ ଜାଣେ। ବଲିଉଡ୍‌ରେ ଖୁବ୍ କମ୍ ସମୟ ମଧ୍ୟରେ ବେଶ୍ ସଫଳ ହୋଇପାରିଛନ୍ତି କିଆରା। ଦେଖିବାକୁ ଯେମିତି ସୁନ୍ଦର ତାଙ୍କର ଅଭିନୟ ମଧ୍ୟ ସେତିକି ଦମ୍‌ଦାର୍। ଏବେ ଫ୍ୟାନ୍‌ମାନଙ୍କ ପାଇଁ ଖୁସି ଖବର। ଆସୁଛି କିଆରାଙ୍କ ନୂଆ ଫିଲ୍ମ 'ଇନ୍ଦୁ କି ଜୱାନି'। ଦେଶରେ କୋଭିଡ ସଂକ୍ରମଣ ପାଇଁ ଫିଲ୍ମଗୁଡ଼ିକ ଓଟିଟି ପ୍ଲାଟଫର୍ମରେ ରିଲିଜ୍ କରାଯାଉଛି। ବହୁତ ଦିନ ପରେ ଲୋକମାନେ ଏକ ଭଲ ଫିଲ୍ମ ଦେଖିବାକୁ ପାଇବେ ବୋଲି କିଆରା ତାଙ୍କ ଇନ୍‌ଷ୍ଟା ପେଜ୍‌ରେ ଉଲ୍ଲେଖ କରିଛନ୍ତି। ଭିନ୍ନ ଧରଣର ମୁଭି ହୋଇଥିବାରୁ ଲୋକେ ଏହାକୁ ପସନ୍ଦ କରିବେ ବୋଲି ସେ ଆଶାବାଦୀ ଅଛନ୍ତି। ଏହି ମୁଭିର ଅଧିକ ଶୁଟିଂ ଉତ୍ତରପ୍ରଦେଶରେ ହୋଇଛି। ମୁଭିର ଟ୍ରେଲର୍ ସେପ୍ଟେମ୍ବର ୧୬ରେ ରିଲିଜ୍ ହେବ ବୋଲି କିଆରା ସୋସିଆଲ ସାଇଟ୍‌ରେ ଜଣାଇଛନ୍ତି। କିଆରା ଏକ ଟିଜର୍ ଭିଡିଓ ଇନ୍‌ଷ୍ଟାରେ ପୋଷ୍ଟ କରିଛନ୍ତି। ସେ ଏଥିରେ କହିଛନ୍ତି ଯେ, ମୋ ନାଁ ଇନ୍ଦୁ ଗୁପ୍ତା। ମୁଁ ଗାଜିଆବାଦ୍‌ରେ ରହୁଛି। ମୋର କିଛି ଏକ୍ସାଇଟିଙ୍ଗ୍ କରିବାକୁ ମନ ହେବାରୁ ମୁଁ ଏକ ଆପ୍ ଜରିଆରେ ମୋ ନିଜ ପାଇଁ ଡେଟ୍ ଫିକ୍ସ କରିଛି। ସୂଚନାଯୋଗ୍ୟ ଯେ,ଏହି ଆପ୍ ଜରିଆରେ ଇନ୍ଦୁ କିଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତାହା ହେଉଛି ଏହି ଫିଲ୍ମର କାହାଣୀ। ତେବେ ଦେଖିବା ଦର୍ଶକମାନେ ଏହି ଫିଲ୍ମକୁ କେତେ ପସନ୍ଦ କରୁଛନ୍ତି। ପ୍ରକାଶ ଥାଉ କି କିଆରା 'ଶେରଶାହା' ଏବଂ 'କଞ୍ଚନା' ରିମେକ୍‌ରେ ମଧ୍ୟ ନଜର୍ ଆସିବେ। ଏହାବ୍ୟତୀତ ସେ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ସହିତ 'ଭୁଲଭୁଲେୟା -୨' ଏବଂ ଅକ୍ଷୟ କୁମାରଙ୍କ ସହିତ 'ଲକ୍ଷ୍ମୀ ବମ୍'ରେ ମଧ୍ୟ ନଜର୍ ଆସିବେ।

କିଆରା ଆଡ୍‌ଭାନୀ

## ଇମ୍ୟୁନିଟି ବଢ଼ାଇବ ମାସ୍କ

**ନୂଆଦିଲ୍ଲୀ:** ମାସ୍କ ପିନ୍ଧିଲେ ଇମ୍ୟୁନିଟି ସିଷ୍ଟମ ମଜଭୁତ ହେବ। ପ୍ରଥମ ଥର ପାଇଁ ବିଶେଷଜ୍ଞମାନେ ଏଭଳି ମତ ଦେଇଛନ୍ତି। 'ନ୍ୟୁ ଇଂଲଣ୍ଡ ଜର୍ନାଲ ଅଫ୍ ମେଡିକାଲ୍'ର ପ୍ରକାଶିତ ଏକ ରିପୋର୍ଟରେ ଏଭଳି ସିଦ୍ଧାନ୍ତ ନେଇ ଏକ ଲେଖା ପ୍ରକାଶ ପାଇଛି। କରୋନା ଭାଇରସ୍ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ମାସ୍କ ପିନ୍ଧିବା ନିହାତି ଜରୁରୀ ବୋଲି ସବୁବେଳେ ଲୋକଙ୍କୁ ସଚେତନ କରାଯାଉଛି। କିନ୍ତୁ ମାସ୍କ ପିନ୍ଧିବା ଫଳରେ କିଛି ଲୋକଙ୍କୁ ନିଃଶ୍ୱାସ ନେବାରେ ସମସ୍ୟା ହେଉଛି ତ କେତେକଙ୍କର ଅମ୍ଳଜାନର ଅଭାବ ହେଉଥିବା ଶୁଣିବାକୁ ମିଳୁଛି। କିନ୍ତୁ ଯେକୌଣସି ପରିସ୍ଥିତିରେ ବି ସଂକ୍ରମଣରୁ ରକ୍ଷା ପାଇବା ନିମନ୍ତେ ମାସ୍କ ପିନ୍ଧିବା ଜରୁରୀ। ହେଲେ ମାସ୍କ ପିନ୍ଧିବା ଫଳରେ ଯେ ଇମ୍ୟୁନିଟି ସିଷ୍ଟମ ବୃଦ୍ଧି ପାଇବ ପ୍ରଥମ ଥର ପାଇଁ ଏଭଳି ମତ ଦେଇଛନ୍ତି ବିଶେଷଜ୍ଞ। ସେମାନଙ୍କର ଦାବି ଅନୁସାରେ ମାସ୍କ ପିନ୍ଧିବା ଫଳରେ ବାହାରକୁ ଅଧିକ ସଂକ୍ରମଣକାରୀ ତତ୍ତ୍ୱ ଆସିପାରି ନ ଥାଏ। ତେଣୁ ଛିଙ୍କ କିମ୍ବା କାଶ ହେବା ଫଳରେ ବହୁତ କମ୍ ମାତ୍ରାରେ ଭାଇରସ୍ ମାସ୍କ ବାହାରକୁ ଆସିଥାନ୍ତି। ଏହାପରେ ଇନଫେକ୍‌ସନ୍ ସହିତ ସିଧାସଳଖ ସମ୍ପର୍କରେ ଆସିବା ପରେ ଲୋକେ ଭୟଙ୍କରଭାବେ ରୋଗରେ ପୀଡ଼ିତ ହୋଇ ନ ଥାନ୍ତି। ବିଭିନ୍ନ ସ୍ଥାନରେ ଲୋକଙ୍କ ଉପରେ ରିସର୍ଚ୍ଚ କରିବା ପରେ ବିଶେଷଜ୍ଞମାନେ ଏହି ମତ ଦେଇଛନ୍ତି।



## ସମର୍ଥନରେ ଶାଢ଼ି

**ଅହମ୍ମଦାବାଦ:** ମହାରାଷ୍ଟ୍ର ସରକାରଙ୍କ ସହ ଚାଲିଥିବା ବିବାଦକୁ ନେଇ ଆଜିକାଲି ଖୁବ୍ ଚର୍ଚ୍ଚାରେ ଅଛନ୍ତି ଅଭିନେତ୍ରୀ କଙ୍ଗନା ରାଣାୱତ୍। ଏଭଳି ଏକ ସମୟରେ କଙ୍ଗନାଙ୍କ ସମର୍ଥନରେ ତାଙ୍କ ପ୍ରଶଂସକମାନେ ମହାରାଷ୍ଟ୍ର ସରକାରଙ୍କୁ ଜୋରଦାର ଆକ୍ରମଣ କରିଛନ୍ତି। ଏଭଳି ଏକ ସମୟରେ କଙ୍ଗନାଙ୍କୁ ଏକ ଭିନ୍ନ ଢଙ୍ଗରେ ସମର୍ଥନ କରିଛନ୍ତି ଗୁଜରାଟର କିଛି କପଡ଼ା ବ୍ୟବସାୟୀ। ତାଙ୍କୁ ସମର୍ଥନ କରି ଏବେ ବାହାର କରିଛନ୍ତି ମଣିକର୍ଣ୍ଣିକା ଶାଢ଼ି। ମାର୍କେଟରେ ଏହି ଶାଢ଼ିର ଏବେ ଡିମାଣ୍ଡ ବି କାହିଁରେ କେତେ। କଙ୍ଗନାଙ୍କ ସମର୍ଥନରେ ଏଭଳି ବିଶେଷ ଧରଣର ଶାଢ଼ି ତିଆରି କରି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ସୁରଟର କପଡ଼ା ବ୍ୟବସାୟୀ ଛୋଟୁଭାଇ ଓ ରଜତ ଡାବର। ବଲିଉଡ୍ ଫିଲ୍ମ ମଣିକର୍ଣ୍ଣିକା ପ୍ରିଣ୍ଟର ଶାଢ଼ି ଖାଲି ଦେଖିବାକୁ ଆକର୍ଷଣୀୟ ତାହା ନୁହେଁ ଏଥିରେ ତାଙ୍କ ସମର୍ଥନରେ ବିଭିନ୍ନ ବାର୍ତ୍ତା ମଧ୍ୟ ଲେଖାଯାଇଛି। ଶାଢ଼ିର ପଣତରେ ରହିଛି ମଣିକର୍ଣ୍ଣିକାଙ୍କର ଫଟୋ ଏବଂ କଙ୍ଗନାଙ୍କୁ ସମର୍ଥନ କରି ଇଂଲିଶରେ ଲେଖା ହୋଇଛି ଅଭିନେତ୍ରୀ କଙ୍ଗନାଙ୍କୁ ଆମର ସମର୍ଥନ, ପାୱାର ଅଫ୍ ୱିମେନ୍ ଏବଂ କଙ୍ଗନାଙ୍କୁ ସାଲ୍ୟୁଟ୍। କଙ୍ଗନାଙ୍କୁ ମହିଳା ଶକ୍ତିର ଏକ ପ୍ରତୀକଭାବେ ଶାଢ଼ିରେ ବିଭିନ୍ନ ଲେଖା ମାଧ୍ୟମରେ ଚିତ୍ରଣ କରାଯାଇଛି।

ତେବେ ଫ୍ୟାଶନ ଦୃଷ୍ଟିରୁ ବି କଙ୍ଗନାଙ୍କ ଏହି ଶାଢ଼ିର ଆକର୍ଷଣ ଏବେ ଢେର ଅଧିକ ଦେଖିବାକୁ ମିଳୁଛି। ସ୍ଥାନୀୟ ଅଞ୍ଚଳରେ ଏହି ଶାଢ଼ି ବହୁ ପରିମାଣରେ ବିକ୍ରି ହେଉଥିବାବେଳେ ଏହାକୁ କିଣିବା ପାଇଁ ବିଭିନ୍ନ ଅଞ୍ଚଳର ଲୋକେ ଆଗ୍ରହ ପ୍ରକାଶ କରୁନ୍ତି। ସେଥିପାଇଁ ଅନ୍‌ଲାଇନ୍‌ରେ ମଧ୍ୟ ବିଭିନ୍ନ ସ୍ଥାନରୁ ଲୋକେ ମଣିକର୍ଣ୍ଣିକା ଶାଢ଼ି ଅର୍ଡର କରୁଥିବା ଜଣାପଡ଼ିଛି। ତେବେ କିଛିଦିନ ତଳେ ଶାଢ଼ି ଡିଜାଇନ୍ ପୂର୍ବରୁ ବଜାରକୁ ମଣିକର୍ଣ୍ଣିକା କଣ୍ଢେଇ ମଧ୍ୟ ଆସିଥିଲା, ଯାହାକୁ ନେଇ ଖୁବ୍ ଚର୍ଚ୍ଚା ହୋଇଥିଲା।



## ଆଗାମୀ ପିଢ଼ିକୁ ପଥ ଦେଖାଉଛି

**ଭା**ରତରେ ପ୍ରତିବର୍ଷ ସେପ୍ଟେମ୍ବର ୧୫କୁ ଇଞ୍ଜିନିୟର୍ସ ଡେ' ଭାବେ ପାଳନ କରାଯାଏ। ବିଶିଷ୍ଟ ଇଞ୍ଜିନିୟର ତଥା ଭାରତରତ୍ନ ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟାଙ୍କ ଜନ୍ମଦିନ ଉପଲକ୍ଷେ ଏହି ଦିବସ ପାଳନ କରାଯାଉଛି। ୧୮୬୦ ସେପ୍ଟେମ୍ବର୧୫ରେ ବିଶ୍ୱେଶ୍ୱରାୟା ମହୀଶୂର(କର୍ଣ୍ଣାଟକ) କୋଲାର ଜିଲା ମୁଡେନାହାଲିର ଚିକ୍କାବାଲ୍ଲାପୁରରେ ଜନ୍ମଗ୍ରହଣ କରିଥିଲେ। ସେ ଏକାଧାରରେ ଥିଲେ ଜଣେ ପ୍ରତିଷ୍ଠିତ ସିଭିଲ ଇଞ୍ଜିନିୟର, ଡ୍ୟାମ୍ ନିର୍ମାତା, ଅର୍ଥନୀତିଜ୍ଞ ତଥା ରାଜନେତା। ସେ ବି ଥିଲେ ଜଣେ ରାଷ୍ଟ୍ର ନିର୍ମାତା। ୧୯୧୨ରୁ ୧୯୧୮ ଯାଏ ସେ ମହୀଶୂରର ୧୯ତମ ଦେୱାନ ଥିବା ସମୟରେ ଶିକ୍ଷାର ବିକାଶ ପାଇଁ ଅନେକ କାର୍ଯ୍ୟ କରିଥିଲେ ଓ ମହୀଶୂରରେ ବିଦ୍ୟାଳୟ ସଂଖ୍ୟା ବୃଦ୍ଧି କରିପାରିଥିଲେ। ମହୀଶୂରର କ୍ରୀଷ୍ଣରାଜ ସାଗର ଡ୍ୟାମ୍ ନିର୍ମାଣ ଲାଗି ତାଙ୍କୁ ଚିଫ୍ ଇଞ୍ଜିନିୟର ଦାୟିତ୍ୱ ପ୍ରଦାନ କରାଯାଇଥିଲା। ୧୯୫୫ରେ ସମାଜ ଲାଗି ଉଲ୍ଲେଖନୀୟ ଯୋଗଦାନ ପାଇଁ ତାଙ୍କୁ ଭାରତରତ୍ନ ପ୍ରଦାନ କରାଯାଇଥିଲା। ଇଞ୍ଜିନିୟର୍ସ ଡେ' ଅବସରରେ ଇଞ୍ଜିନିୟରମାନେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିଥାନ୍ତି। ଭାରତରେ ଇଞ୍ଜିନିୟରମାନଙ୍କ କାର୍ଯ୍ୟକୁ ଏକ ଶୃଙ୍ଖଳିତ ମାର୍ଗ ଦେଖାଇବାରେ ଏହି ଦିବସ ପ୍ରେରଣା ଦେଇଆସୁଛି। ୨୦୨୦ରେ ୫୨ ତମ ଇଞ୍ଜିନିୟର୍ସ ଡେ' ପାଳନ କରାଯାଉଛି। ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟା ମଧ୍ୟ ସାର୍ ଏମ୍‌ଭି ନାମରେ ଜଣାଶୁଣା। ଭାରତର ଜଳ ସମ୍ପଦର ସୁବିନିଯୋଗ ହିଁ ତାଙ୍କ ଜ୍ଞାନର ପରିଚୟ। ଡ୍ୟାମ, ବ୍ରିଜ ଏବଂ ଜଳସେଚନ ତଥା ପାନୀୟ ଜଳ ବ୍ୟବସ୍ଥା ପାଇଁ ସେ ଯେଉଁ କାର୍ଯ୍ୟ କରିଛନ୍ତି ତାହା ଆଗାମୀ ପିଢ଼ିକୁ ପଥ ଦେଖାଉଛି। ନୂତନ ଭାରତ ଗଠନରେ ଏହି ଦିବସ ପ୍ରେରଣା ବି ଯୋଗାଇଆସୁଛି।

### ଇଞ୍ଜିନିୟର୍ସ ଡେ'



ଭାରତରତ୍ନ ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟା

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୯,୨୭୨,୪୬୨ | ୯,୨୯,୭୭୫ | ୨୧,୧୦୩,୯୮୪ |
| ଭାରତ | ୪୮,୭୮,୦୪୨ | ୮୦,୦୨୬ | ୩୮,୦୯,୫୪୯ |
| ଓଡ଼ିଶା | ୧,୫୫,୦୦୫ | ୬୩୭(+୫୩) | ୧,୨୨,୦୨୪ |

ସୋମବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଶିଶୁ ସାହିତ୍ୟିକ ନଦିଆ ବିହାରୀ ମହାନ୍ତିଙ୍କ ପରଲୋକ

**କଟକ ଅଫିସ,୧୪।୯**

ପ୍ରଖ୍ୟାତ ଶିଶୁ ସାହିତ୍ୟିକ ନଦିଆ ବିହାରୀ ମହାନ୍ତି(୯୦)ଙ୍କର ସୋମବାର ପରଲୋକ ଘଟିଛି। ସେ କରୋନାରେ ଆକ୍ରାନ୍ତ ହୋଇ ଦୁଇଦିନ ତଳେ ମଙ୍ଗଳାବାଗର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଅପରାହ୍ନ ୨ଟା ୨୦ ମିନିଟ୍‌ରେ ପରଲୋକ ହୋଇଛି। ତାଙ୍କ ମୃତ୍ୟୁ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ନଦିଆଙ୍କ ସାହିତ୍ୟର ଅନ୍ତଃସ୍ୱର ଥିଲା ହାସ୍ୟରସ। ୨୧ ଖଣ୍ଡ ଶିଶୁ ସାହିତ୍ୟ ପୁସ୍ତକର ପ୍ରଣେତା ନଦିଆ ରାଜ୍ୟ ସାହିତ୍ୟାକାଶରେ 'ବଡ଼ ଭାଇ' ଭାବେ ପରିଚିତ ଥିଲେ। ୧୯୫୮ରେ କଟକ ଆକାଶବାଣୀର ଶିଶୁ ସଂସାର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସେଥିରେ ତାଙ୍କର ଭୂମିକା ଥିଲା 'ବଡ଼ ଭାଇ'। ଏହି କାର୍ଯ୍ୟକ୍ରମ ରାଜ୍ୟରେ ପ୍ରସିଦ୍ଧି ଲାଭ କରିବା ସହିତ ନଦୀୟାଙ୍କୁ ବଡ଼ ଭାଇ ଭାବେ ପରିଚୟ ପ୍ରଦାନ କରିଥିଲା। ନଦିଆଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା 'କିଶୋର ଚକ୍ର', 'ଚକା ଚକା ଭଉଁରୀ' କାର୍ଯ୍ୟକ୍ରମ ବେଶ୍ ଲୋକାଦୃତ ହୋଇଥିଲା। ଛାତ୍ର ଜୀବନରୁ ସେ ଶିଶୁ ସାହିତ୍ୟ ସୃଷ୍ଟିରେ ବ୍ରତୀ ଥିଲେ। ତତ୍କାଳୀନ ଶିଶୁ ପତ୍ରିକା ସଂସାର, ମୀନାବଜାର ପ୍ରଭୃତିରେ ତାଙ୍କ ଗଳ୍ପ, କବିତା, ଏକାଙ୍କିକାଗୁଡ଼ିକ ପ୍ରକାଶ ପାଇବା ପରେ ସ୍ୱର୍ଗତ ଡ. ହରେକୃଷ୍ଣ ମହତାବ, ସ୍ୱର୍ଗତ ରାମକୃଷ୍ଣ ନନ୍ଦ, ସ୍ୱର୍ଗତଃ ରାମପ୍ରସାଦ ମହାନ୍ତିଙ୍କଠାରୁ ସେ ପ୍ରଶଂସିତ ହୋଇଥିଲେ। କଲେଜ ଜୀବନରେ ବେତାର ନାଟ୍ୟଶିଳ୍ପୀ ଓ ଶିଶୁ କାର୍ଯ୍ୟକ୍ରମରେ ସାମିଲ ହେବାର ସେ ସୁଯୋଗ ପାଇଥିଲେ। ୧୯୮୯ରେ କଟକ ଆକାଶବାଣୀ କେନ୍ଦ୍ରରୁ କାର୍ଯ୍ୟକ୍ରମ ପ୍ରଯୋଜକ ଭାବେ ସେ ଅବସର ଗ୍ରହଣ କରିଥିଲେ। ପରେ ଧ୍ରୁବତାରା ନାମରେ ଏକ ଭ୍ରାମ୍ୟମାଣ ଶିଶୁ ସାହିତ୍ୟ ଅନୁଷ୍ଠାନ ଗଠନ କରିଥିଲେ। ଓଡ଼ିଶାର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ ତଥା ଶିଶୁ ସାଂସ୍କୃତିକ ଅନୁଷ୍ଠାନରେ ପ୍ରତି ମାସର ଦ୍ୱିତୀୟ ଶନିବାର



ଏକ ଶିଶୁ ସମାବେଶ କରାଇ ଶିଶୁ ପାଠକ ଓ ଶିଶୁ ସାହିତ୍ୟିକଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ କରାଉଥିଲେ। ୨୦୧୩ରେ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ତାଙ୍କର ଅନବଦ୍ୟ ଶିଶୁ ସଙ୍କଳନ 'ଗପୁଡ଼ି ଓ ପକୁଡ଼ି' ପାଇଁ ୧୯୮୯ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପୁରସ୍କୃତ ହୋଇଥିଲେ। ସପନ ଗୁଡ଼ି, ଛଅପା ହାତରେ ଛକଡ଼ି, ଅନନ୍ତ ପଥେ ଶ୍ରୀମନ୍ତ, ସାଧୁର ଶଗଡ଼, ଠେକୁ ମହାରାଜ, କୁନାକୁନା କାହାଣୀମାଳ, ବଡ଼ଭାଇଙ୍କ କାହାଣୀମୁଣି ଆଦି ତାଙ୍କ ଅନ୍ୟବଦ୍ୟ ସୃଷ୍ଟିରୁ କିଛି।

ନଦିଆଙ୍କ ପରଲୋକରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ର, ସଚିବ ଶୁଚିସ୍ମିତା ମନ୍ତ୍ରୀ ଶୋକ ପ୍ରକାଶ କରିଛନ୍ତି। ଶିଶୁମାନଙ୍କର ସାଂସ୍କୃତିକ ଓ ବୌଦ୍ଧିକ ବିକାଶ ପାଇଁ ନଦିଆ ଉଦ୍ୟମ ଜାରି ରଖିଥିଲେ। ତାଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି ବୋଲି ଏକାଡେମୀ ପକ୍ଷରୁ ପ୍ରେସ୍ ବିବୃତିରେ କୁହାଯାଇଛି। ଓଡ଼ିଆ ଶିଶୁସାହିତ୍ୟ ଜଣେ ମୁରବିଙ୍କୁ ହରାଇଲା ବୋଲି ସାହିତ୍ୟିକ ଡ. ବିଜୟାନନ୍ଦ ସିଂ କହିଛନ୍ତି। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ଡା. ରବି ରଞ୍ଜନ ସାହୁ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।

# ମନ୍ତ୍ରୀ, ବିଧାୟକଙ୍କ ସମେତ ଭାଜପା ରାଜ୍ୟ ସଭାପତିଙ୍କୁ କରୋନା



ସମୀର ରଞ୍ଜନ ଦାଶ



ସୁଧୀର ସାମଲ



ପ୍ରଦୀପ ମହାରଥୀ



ସମୀର ମହାନ୍ତି

ଭୁବନେଶ୍ୱର ୧୪।୯(ବ୍ୟୁରୋ):ରାଜ୍ୟର ଏକାଧିକ ନେତା ଓ ମନ୍ତ୍ରୀ ବର୍ତ୍ତମାନ କରୋନା ସଂକ୍ରମଣର ଶୀକାର ହେଉଛନ୍ତି। ଲଗାତର ଭାବେ ଏହିଭଳି ଖବର ସାମ୍ନାକୁ ଆସୁଥିବା ବେଳେ ସୋମବାର ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ତାଙ୍କ ସ୍ତ୍ରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏନେଇ ଦାଶ ଟୁଇଟ୍ କରି ସୂଚନା ଦେଇଛନ୍ତି। ସେ ଏବଂ ତାଙ୍କ ସ୍ତ୍ରୀ ବର୍ତ୍ତମାନ ସୁସ୍ଥ ଅଛନ୍ତି। ତାଙ୍କ ସଂସ୍ପର୍ଶରେ ସାତ ଦିନ ମଧ୍ୟରେ ଯେଉଁମାନେ ଆସିଛନ୍ତି ସେମାନେ କରୋନା ପରୀକ୍ଷା କରାଇ ନିଅନ୍ତୁ ବୋଲି ଅନୁରୋଧ କରିଛନ୍ତି। ସେହିପରି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ମଧ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏନେଇ ସେ ନିଜେ ଟୁଇଟ୍ କରି ସୂଚନା ଦେଇଛନ୍ତି। ସେ ଟେଷ୍ଟ ରିପୋର୍ଟ ପାଇବା ପରେ ଏମ୍ସରେ ଭର୍ତ୍ତି ହୋଇଛନ୍ତି। ସେ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ବର୍ତ୍ତମାନ ସେ ସୁସ୍ଥ ଅଛନ୍ତି। ଗତ କିଛିଦିନ ମଧ୍ୟରେ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କୁ ସଙ୍ଗରୋଧରେ ରହିବା ସହ କରୋନା ପରୀକ୍ଷା କରାଇ ନେବାକୁ ଅନୁରୋଧ କରିଛନ୍ତି। ସମାନଭାବେ ବିଧାୟକ ସୁଧୀର ସାମଲ ଓ ପ୍ରଦୀପ ମହାରଥୀଙ୍କ ରିପୋର୍ଟ ପଜିଟିଭ ବାହାରିଛି। ତାଙ୍କ ରିପୋର୍ଟ ସମ୍ପର୍କରେ ସେ ସୂଚନା ଦେବା ସହିତ ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସମସ୍ତଙ୍କୁ ପରୀକ୍ଷା କରାଇ ନେବା ଲାଗି ଅନୁରୋଧ କରିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲୋକାୟୁକ୍ତରେ ହାଜର ହେଲେ ହେମନ୍ତ, ଯାମିନୀ

**ଭୁବନେଶ୍ୱର,୧୪।୯ (ବ୍ୟୁରୋ)**

କୋଭିଡ୍ ମୁକାବିଲା ପାଇଁ ଆବଶ୍ୟକ ମାସ୍କ ଓ ପିପିଇ କିଟ୍ କିଣା ଦୁର୍ନୀତି ମାମଲାରେ ଲୋକାୟୁକ୍ତରେ ହାଜର ହୋଇଛନ୍ତି ଆଇଏଏସ୍ ଅଫିସର ହେମନ୍ତ ଶର୍ମା ଓ ଯାମିନୀ ଷଡ଼ଙ୍ଗୀ। ତତ୍କାଳୀନ କ୍ରୟ କମିଟିର ମୁଖ୍ୟ ହେଉଛନ୍ତି ହେମନ୍ତ ଶର୍ମା। ସେହିପରି ରାଜ୍ୟ ଔଷଧ ନିଗମ ଅଧ୍ୟକ୍ଷା ହେଉଛନ୍ତି ଯାମିନୀ। ଉଭୟ ଲୋକାୟୁକ୍ତଙ୍କ ନିକଟରେ ହାଜର ହେବା ସହ କେତେକ କାଗଜପତ୍ର ଦାଖଲ କରିଥିବା ଜଣାପଡିଛି। ଏହାପରେ ପ୍ରତିକ୍ରିୟା ରଖିଛନ୍ତି ହେମନ୍ତ କହିଛନ୍ତି ଯେ, ଯାହା କହିବା କଥା ଲୋକାୟୁକ୍ତଙ୍କୁ କହିଛି। ସେସବୁ ବାହାରେ କହିଲେ ଲୋକାୟୁକ୍ତଙ୍କ ଅବମାନନା ହେବ। ଅନ୍ୟପଟେ କିଛି ବି ମୁହଁ ଖୋଲିନାହାନ୍ତି ରାଜ୍ୟ ଔଷଧ ନିଗମ ଅଧ୍ୟକ୍ଷା ଷଡ଼ଙ୍ଗୀ।

### ପିପିଇ କିଟ୍, ମାସ୍କ କିଣା ଦୁର୍ନୀତି

ସୂଚନାଯୋଗ୍ୟ, କରୋନା ମୁକାବିଲା ପାଇଁ ଆବଶ୍ୟକ ସମସ୍ତ ସରଞ୍ଜାମ କିଣିବା ପାଇଁ ରାଜ୍ୟ ସରକାର ହେମନ୍ତଙ୍କୁ ଦାୟିତ୍ୱ ଦେଇଥିଲେ। ଶକ୍ତି ବିଭାଗ ପ୍ରମୁଖ ସଚିବ ଉକ୍ତ ଦାୟିତ୍ୱ ବୁଝୁଥିବାବେଳେ ରାଜ୍ୟ କଂଗ୍ରେସ ଏବଂ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ମାସ୍କ ଓ ପିପିଇ କିଟ କିଣାରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ କରିଥିଲେ। ଗତ ଜୁନ ମାସରେ ଏହି ମାମଲାରେ ଆଇଏଏସ୍ ହେମନ୍ତ ଶର୍ମାଙ୍କ ନାଁରେ କ୍ୟାପିଟାଲ ଥାନାରେ ଏତଲା ଦେଇଥିଲା ଓଡ଼ିଶା ସୂଚନା ଅଧିକାରୀ ଅଭିଯାନ। ଏହାପରେ କୋଭିଡ଼-୧୯ କ୍ରୟ କମିଟିରୁ ହେମନ୍ତ ଶର୍ମାଙ୍କୁ ବାଦ୍ ଦିଆଯାଇଥିଲା।

# ମିଳିଲା କ୍ଷମତା: ଜବରଦଖଲ ଉଚ୍ଛେଦ କରିପାରିବେ ତହସିଲଦାର

**ଭୁବନେଶ୍ୱର,୧୪।୯(ବ୍ୟୁରୋ)**

ସର୍ବସାଧାରଣ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରିବା ଲାଗି ରାଜ୍ୟ ସରକାର ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କୁ ଇଷ୍ଟେଟ ଅଫିସର କ୍ଷମତା ପ୍ରଦାନ କରିଛନ୍ତି। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ରାଜସ୍ୱ ବିଭାଗ ସଚିବ ବିଷ୍ଣୁପଦ ସେଠୀ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନରେ ଥିବା ବ୍ୟବସ୍ଥାର ଭୁଲ ବୁଝାମଣା ଯୋଗୁ ସହରାଞ୍ଚଳରେ ବେଆଇନ ଜବରଦଖଲକୁ ତହସିଲଦାରମାନେ ଉଚ୍ଛେଦ କରି ପାରୁ ନ ଥିଲେ। ପୂର୍ବରୁ କେବଳ ଇଷ୍ଟେଟ ଅଫିସରମାନଙ୍କୁ ସରକାରୀ ଜବରଦଖଲ ହଟାଇବା ଅଧିକାର ଦିଆଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ତହସିଲଦାରମାନଙ୍କର ସହରାଞ୍ଚଳରେ ଜବରଦଖଲ ଉଚ୍ଛେଦ କରିବାର କୌଣସି କ୍ଷମତା ନ ଥିଲା। ଏହି ଧାରଣାକୁ ଦୂର କରାଯାଇ ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କୁ ଇଷ୍ଟେଟ ଅଫିସର କ୍ଷମତା ଦିଆଯାଇଛି ବୋଲି ସଚିବ କହିଛନ୍ତି। ଏଥିପାଇଁ ଆଇନ ବିଭାଗର ସହମତି ଲୋଡାଯାଇଥିଲା। ବିଭାଗ ପକ୍ଷରୁ ଆଇନ ବିଶେଷଜ୍ଞଙ୍କ ପରାମର୍ଶ ନିଆଯିବା ପରେ ଏ ନେଇ ସବୁଜ ସଙ୍କେତ ମିଳିଥିଲା। ଏହା ପରେ ନିର୍ଦ୍ଦେଶନାମା ଜାରି କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ୨୪ ଘଣ୍ଟାରେ...

ତଳକୁ କଟକରୁ ୩୬୭, ପୁରୀ ୩୧୦, ବଲାଙ୍ଗୀର ୧୯୭, ସୁନ୍ଦରଗଡ଼ ୧୯୫, ଯାଜପୁର ୧୫୬, ରାୟଗଡ଼ା ୧୩୬, ମୟୂରଭଞ୍ଜ ୧୩୩, ସମ୍ବଲପୁର ଓ ବାଲେଶ୍ୱରରୁ ୧୩୦ଜଣ ଲେଖାଏ, ନୂଆପଡ଼ାରୁ ୧୧୬ ପଜିଟିଭ୍ ବାହାରିଛି। ଅନ୍ୟ ସମସ୍ତ ଜିଲାରେ ନୂଆ ସଂକ୍ରମଣ ଏହାଠାରୁ କମ୍ ରହିଥିବାବେଳେ ଗଜପତି ଜିଲାରେ ସର୍ବନିମ୍ନ ୧୪ଜଣ ରହିଛନ୍ତି। ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୨,୪୭୬ ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ରହିଥିବାବେଳେ ୧,୭୨୨ଜଣ ସ୍ଥାନୀୟ ସଂକ୍ରମିତ ବୋଲି ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ଫଳରେ ଏବେ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୫୫,୦୦୫ରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ୨୪,୭୨,୫୧୭ କରୋନା ପରୀକ୍ଷା ହୋଇଛି। ଏହାର ୬.୨୭% ପଜିଟିଭ୍ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଆଉ ୧୧ଜଣଙ୍କ ଜୀବନ ନେଇଛି କରୋନା। କଟକରୁ ସର୍ବାଧିକ ୪ଜଣ ଥିବାବେଳେ ଭୁବନେଶ୍ୱର ଓ ବଲାଙ୍ଗୀରରୁ ୨ଜଣ ଲେଖାଏ, କନ୍ଧମାଳ, ନୟାଗଡ଼ ଓ ମୟୂରଭଞ୍ଜ ଜିଲାରୁ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୬୩୭ ଛୁଇଁଛି।

### ୫୦% ଶଯ୍ୟା,...

ହୋଇଥିବା ଟଙ୍କା ଆଦାୟ କରିପାରିବେ। ଏନେଇ ସୋମବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଘରୋଇ ହସ୍ପିଟାଲରେ ୩୦ କିମ୍ବା ତା'ଠାରୁ ଅଧିକ ଶଯ୍ୟା କରୋନା ଚିକିତ୍ସା ପାଇଁ ସଂରକ୍ଷିତ ରଖିବା ପାଇଁ ଗତ ୨୮ ତାରିଖରେ ବିଭାଗ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି ହୋଇଥିଲା। ଏଥି ସହିତ ଘରୋଇ ହସ୍ପିଟାଲରେ କରୋନା ଚିକିତ୍ସାଲାଗି ଦର ନିର୍ଦ୍ଧାରଣ କରାଯାଇଥିଲା। ସାଧାରଣ ଶଯ୍ୟା ପାଇଁ ଦୈନିକ ୨,୯୫୦ରୁ ୪,୭୫୦ ରଖାଯାଇଥିବାବେଳେ ଆଇସିୟୁ ପାଇଁ ୧୦ରୁ ୧୭ହଜାର ସହ ଭେଣ୍ଟିଲେଟର ପାଇଁ ୧୨ରୁ ୧୮ହଜାର ଟଙ୍କା ଧାର୍ଯ୍ୟ କରାଯାଇଥିଲା।

### ନିୟନ୍ତ୍ରଣରେ ନାହିଁ...

ଘଟୁଛି। ଦର ବୃଦ୍ଧି ଆସନ୍ତା ଡିସେମ୍ବର ଶେଷ ଯାଏ ଲାଗି ରହିବ। ତେବେ ପିଆଜର ହୋଲ ସେଲ ଦର ବର୍ତ୍ତମାନ ୧୫ରୁ ୧୭ ଟଙ୍କା ମଧ୍ୟରେ ରହିଛି। ଏ ପରି ସ୍ଥଳେ ଖୁଚୁରା ବଜାରରେ କାହିଁକି ଦର ବଢୁଛି ତାହା ବୁଝାପଡୁ ନାହିଁ। ବଜାରରେ ଦର ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସର କାର ବିଭିନ୍ନ ଜିଲାରେ ଥିବା ବ୍ୟବସାୟୀ ସଂଘଙ୍କୁ ଡାକି ନିୟମିତ ବ୍ୟବଧାନରେ ଆଲୋଚନା କଲେ ସମସ୍ୟାର ସମାଧାନ ହୋଇପାରନ୍ତା। ଖାଉଟିମାନେ ଉଚିତ ଦରରେ ଖାଦ୍ୟ ସାମଗ୍ରୀ ପାଇ ପାରନ୍ତେ। ଏ ନେଇ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ବହୁବାର ଚିଠି ଲେଖାଗଲେ ମଧ୍ୟ ତାହାର ଉତ୍ତର ମିଳୁ ନାହିଁ ବୋଲି ସେ କହିଛନ୍ତି।

ରାଜ୍ୟକୁ ଆଳୁ ଉତ୍ପାଦନରେ ସ୍ୱାବଲମ୍ବୀ କରିବାକୁ ରାଜ୍ୟ ସରକାର ୨୦୧୪ରେ ଆଳୁ ମିଶନ ଆରମ୍ଭ କରିଥିଲେ। ହେଲେ ତାହା ଫଳପ୍ରଦ ହେଲା ନାହିଁ। ଆଳୁ ପାଇଁ ପଡୋଶୀ ପଶ୍ଚିମବଙ୍ଗ ଉପରେ ନିର୍ଭର କରିବାକୁ ପଡୁଛି। ଜୁଲାଇରୁ ନଭେମ୍ବର ଯାଏ ରାଜ୍ୟରେ ଆଳୁ ଦର ଆକାଶ ଛୁଆଁ ହେଉଛି। ଦର କମିବାକୁ ଅପେକ୍ଷା କରିବା ଛଡା ସରକାରଙ୍କ ପାଖରେ ଅନ୍ୟ କିଛି ବିକଳ୍ପ ନାହିଁ।

ଦର ବୃଦ୍ଧି ବେଳେ ଯୋଗାଣ ବିଭାଗ କେବଳ ନିର୍ଦ୍ଦେଶନାମା ଜାରି କରି ବସିଯାଉଛି। ଅସାଧୁ ବ୍ୟବସାୟୀମାନେ ମନଇଚ୍ଛା ଦର କଷି ନେଉଥିଲେ ମଧ୍ୟ ଗ୍ରାହକଙ୍କୁ ସୁରକ୍ଷା ଦେବାକୁ ସେପରି କିଛି ପଦକ୍ଷେପ ନିଆଯାଉ ନ ଥିବା ଗ୍ରାହକ ବଳରାମ ସାହୁ ଅଭିଯୋଗ କରିଛନ୍ତି। ଯଦି ସରକାର ଠିରୋଟ ସମୟରେ ବଜାରକୁ ନିୟନ୍ତ୍ରଣ କରନ୍ତେ ତେବେ ଖାଉଟିମାନେ ଉଚିତ ମୂଲ୍ୟରେ ଆଳୁ,ପିଆଜ ଓ ପନିପରିବା ପାଇପାରନ୍ତେ ବୋଲି ସେ କହିଛନ୍ତି। ସରକାରଙ୍କ ବଜାର ଉପରେ ସତେ ଯେମିତି କୌଣସି ନିୟନ୍ତ୍ରଣ ନାହିଁ। ବିଭାଗୀୟ ଅଧିକାରୀମାନେ ଚୁପ ହୋଇ ରହିବାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଏ ନେଇ ଯୋଗାଣ ବିଭାଗ ସଚିବ ଭି.ଭି. ଯାଦବଙ୍କୁ ଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ମତ ମିଳି ପାରି ନ ଥିଲା।

### ସେପ୍ଟେମ୍ବର ୨୯ରୁ...

ବିଭାଗର ଆଲୋଚନା ହେବାକୁ ଥିବା ବେଳେ ଅକ୍ଟୋବର ୩ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଏସ୍‌ସି/ଏସ୍‌ଟି ଉନ୍ନୟନ, ଶକ୍ତି, କ୍ରୀଡ଼ା, ଶିଳ୍ପ, ଇଲେକ୍ଟ୍ରୋନିକ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଅକ୍ଟୋବର ୪ରେ ମହିଳା ଓ ଶିଶୁ ବିକାଶ, ବିଜ୍ଞାନ ଓ ବୈଷୟିକ, ହସ୍ତତନ୍ତ ଓ ବୟନ ଶିଳ୍ପ, ଦକ୍ଷତା ବିକାଶ, ସାମାଜିକ ସୁରକ୍ଷା ଏବଂ ସାଧାରଣ ଉଦ୍ୟୋଗ ବିଭାଗ ବିଷୟ ପ୍ରଶ୍ନୋତ୍ତର ଲିଖିତ ଭାବେ ପ୍ରଦାନ କରାଯିବ। ସେହିପରି ଅକ୍ଟୋବର ୫ ତାରିଖରେ ଗୃହ, ଅର୍ଥ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପୂର୍ତ୍ତ, ସମବାୟ, ଇସ୍ପାତ ଓ ଖଣି ଏବଂ ସାଧାରଣ ପ୍ରଶାସନ ବିଭାଗ ଏବଂ ଅକ୍ଟୋବର ୬ରେ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ, ଜଙ୍ଗଲ ଓ ପରିବେଶ, ଗୃହ ଓ ନଗର ଉନ୍ନୟନ, ଶ୍ରମ ଓ କର୍ମଚାରୀ ବୀମା, ସଂସଦୀୟ ବ୍ୟାପାର ଓ ଆଇନ ବିଭାଗ ଅଣତାରକା ପ୍ରଶ୍ନୋତ୍ତର ପ୍ରଦାନ କରାଯିବ। ତେବେ ବିଧାନସଭା କେତେ ସମୟ ଚାଲିବ ଓ କେଉଁ ସମୟରେ ଆରମ୍ଭ ହେବ ସେ ନେଇ ଦିନେ ଦୁଇଦିନ ମଧ୍ୟରେ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ବୈଠକ ବସିବା ପରେ ଚୂଡ଼ାନ୍ତ ହେବ।

କରୋନାକୁ ଦେଖି ମୌସୁମୀ ଅଧିବେଶନକୁ କାଟଛାଣ୍ଟ କରାଯାଇଛି। ଚଳିତ ବିଧାନସଭା ଅଧିବେଶନର ଦୁଇଦିନ ପୂର୍ବରୁ ବିଧାୟକ ଓ କର୍ମଚାରୀମାନଙ୍କର କୋଭିଡ-୧୯ ପରୀକ୍ଷା କରାଯିବ। ଅଧିବେଶନରେ ଯୋଗଦେବାକୁ ଥିବା ସମସ୍ତ ବିଧାୟକ, କର୍ମଚାରୀମାନଙ୍କର ଆରଟିପିସିଆର କୋଭିଡ-୧୯ ପରୀକ୍ଷା କରାଯିବ। ଯେଉଁମାନଙ୍କର କରୋନା ନେଗେଟିଭ ଆସିବ ସେମାନଙ୍କୁ ଗୃହକାର୍ଯ୍ୟରେ ଯୋଗଦେବାକୁ ଅନୁମତି ମିଳିବ। ଯେଉଁମାନଙ୍କର ପଜିଟିଭ ଆସିବ ସେମାନଙ୍କୁ ବିଧାନସଭା ପରିସରକୁ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ। ଭୁବନେଶ୍ୱର ମହାନଗର ନିଗମ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଡାକ୍ତରୀ ଦଳ କୋଭିଡ-୧୯ ଟେଷ୍ଟ କରିବେ। ଏହି ଟେଷ୍ଟ ସକାଳ ୬ଟାରୁ ଆରମ୍ଭ ହେବ। ସମସ୍ତଙ୍କର ସ୍ୱାବ୍ ସଂଗ୍ରହ କରାଯିବ। ଅଧିବେଶନ ପୂର୍ବରୁ ସମସ୍ତଙ୍କ ରିପୋର୍ଟ ଆସିବ ବୋଲି ପାତ୍ର କହିଛନ୍ତି। ପରବର୍ତ୍ତୀ ୫ ଦିନ ପରେ ମଧ୍ୟ ପୁଣିଥରେ କୋଭିଡ୍ ପରୀକ୍ଷା କରାଯିବ। ଆବଶ୍ୟକ ସ୍ଥଳେ ଅଧିବେଶନ ସମୟରେ ଆଣ୍ଟିଜେନ୍ ଟେଷ୍ଟ କରାଯିବ। ଅଧିବେଶନ ଆରମ୍ଭର ଦୁଇଦିନ ପୂର୍ବରୁ ଏବଂ ଅଧିବେଶନ ଶେଷ ହେବାଯାଏ ବିଧାୟକମାନେ ଗୃହ ସଂଗରୋଧରେ ରହିବେ। ଅନ୍ୟମାନଙ୍କ ସହ ମିଳାମିଶାକୁ ସମ୍ପୂର୍ଣ୍ଣ ବାରଣ କରାଯିବ। ୬୦ ବର୍ଷରୁ ଊର୍ଦ୍ଧ୍ୱ ବିଧାୟିକା ଓ ବିଧାୟକମାନେ ଭିଡିଓ କନ୍‌ଫରେନ୍ସରେ ଅଧିବେଶନରେ ଅଂଶ ଗ୍ରହଣ କରିବେ। ବିଧାୟକମାନଙ୍କୁ ଫେସ୍‌ସିଲ୍ଡ, ମାସ୍କ, ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଗ୍ଲୋଭ୍ସ ଯୋଗାଇ ଦିଆଯିବ।

ସୂଚନାଯୋଗ୍ୟ, କରୋନା ଯୋଗୁ ଫେବୃୟାରୀ ୧୪ରୁ ଆରମ୍ଭ ହୋଇଥିବା ବଜେଟ ଅଧିବେଶନକୁ ଅଧାରୁ ବନ୍ଦ କରାଯାଇଥିଲା। ବିଧାନସଭା କର୍ମଚାରୀ କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବାରୁ ବଜେଟ ଅଧିବେଶନ ଶେଷ ପର୍ଯ୍ୟାୟକୁ ବିଧାନସଭାରୁ ଲୋକସେବା କନ୍‌ଭେନ୍‌ସନ୍ ହଲକୁ ସ୍ଥାନାନ୍ତର କରାଯାଇଥିଲା। ମାର୍ଚ୍ଚ ୩୦ରେ ୪୦ ପ୍ରତିଶତ ସଦସ୍ୟଙ୍କୁ ନେଇ ଅଧଘଣ୍ଟିଆ ଅଧିବେଶନ ବସି ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ବଜେଟ ପାରିତ ହୋଇଥିଲା। ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ଲାଗି ସ୍ଥଗିତ ଘୋଷଣା କରାଯାଇଥିଲା।

# ମା' ବିରଜାଙ୍କ ରଥଯାତ୍ରା ପାଇଁ ହାଇକୋର୍ଟରେ ପିଟିଶନ

**ଯାଜପୁର ଟାଉନ, ୧୪।୯ (ଡି.ଏନ୍.ଏ.):** ଯାଜପୁରର ଅଧିଷ୍ଠାତ୍ରୀ ମା' ବିରଜାଙ୍କ ଶାରଦୀୟ ଦୁର୍ଗାପୂଜା ଅବସରରେ ହେଉଥିବା ରଥଯାତ୍ରା ଚଳିତବର୍ଷ କରାଇବାକୁ ସେବାୟତ ପରିଷଦ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ପ୍ରତିବର୍ଷ ମା'ଙ୍କର ଦୁର୍ଗାପୂଜା ଅବସରରେ ସ୍ୱତନ୍ତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ କରୋନା କଟକଣା ରହିଥିବାରୁ ମନ୍ଦିରରେ କୌଣସି ଧାର୍ମିକ କାର୍ଯ୍ୟକ୍ରମ ହୋଇପାରିବନାହିଁ ବୋଲି ନିୟମ ରହିଛି। ତେବେ ଚଳିତବର୍ଷ ମଳ ମାସ ପଡୁଥିବାରୁ ମା'ଙ୍କ ରଥଯାତ୍ରା ଅକ୍ଟୋବର ୧୭ ରୁ ୨୪ ତାରିଖ ୯ ଦିନ ଧରି ଅନୁଷ୍ଠିତ ହେବାପାଇଁ ସ୍ଥିର ହୋଇଛି। ରଥଯାତ୍ରା ପରମ୍ପରାକୁ ରକ୍ଷା କରିବା ପାଇଁ କୋଭିଡ୍ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ସହ ହାଇକୋର୍ଟ ଯେଉଁ ସବୁ ସର୍ତ୍ତ ରଖିବେ ସେଗୁଡ଼ିକ ମାନି ରଥଯାତ୍ରା କରାଯିବ ବୋଲି ସେବାୟତ ପରିଷଦ ପକ୍ଷରୁ କୁହାଯାଇଛି।

# ଟିପ୍ପରର ଧକ୍କାରେ ୨ ମୃତ

**କଳିଙ୍ଗନଗର, ୧୪।୯ (ଡି.ଏନ୍.ଏ.):** ଯାଜପୁର ଜିଲା କଳିଙ୍ଗନଗର ଥାନା ଅଧୀନ ଶଗଡ଼ଗୋଳା ଛକରେ ସଡ଼କ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ସ୍ଥାନୀୟ ଦୁର୍ଗାପୁର ଗ୍ରାମର ନରେଶ ବିରୁଆ ଏବଂ ବ୍ରଜମୋହନ ପୁତି। ନରେଶ ଏବଂ ବ୍ରଜମୋହନ ଏକ ବାଇକରେ ଡୁବୁରୀ ଯାଉଥିବା ବେଳେ ଶଗଡଗୋଳା ଛକରେ ଏକ ଟିପ୍ପର ତାଙ୍କ ଗାଡ଼ିକୁ ଆଗପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ନରେଶ ଓ ବ୍ରଜମୋହନଙ୍କର ମୃତ୍ୟୁ ଘଟିଥିଲା। ଏହାକୁନେଇ କିଛିସମୟ ଧରି ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ କଳିଙ୍ଗନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବର୍ତ୍ତିବୁ ଯେବେ ସଂସାର ପଥେ**
**କର୍ମକୁ କର ସାଥି**
**ପାପ ସାଙ୍ଗରେ ମେଳ ନ ଖାଇ**
**ଧର ସାଇଁ କି ନିତି।**

କର୍ମ ହିଁ ଜୀବନ। ସଂସାରକୁ ଆସିଛ ମାନେ କର୍ମକରି ଚାଲ, କର୍ମ ଉପରେ କେବଳ ନିଜର କର୍ତ୍ତୃତ୍ୱ ଅଛି। ଅନ୍ୟାୟ ଅନୀତି ତଥା ପାପ ମାର୍ଗ ଛାଡ଼ିଦେଇ ସୁମାର୍ଗରେ ଜୀବନ ଅତିବାହିତ କରିବା ଉଚିତ। ଭଗବାନଙ୍କ ଉପରେ ଭରସା ଓ ଲୟ ରଖି ବାଟ ଚାଲିଲେ ସବୁକିଛି ସୁଗମ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବନ ପୋଡିଗଲେ ଜାଣନ୍ତି ଜନ**
**ମନ ପୋଡିଗଲେ ଜାଣଇ ମନ।**

ବଣ ପୋଡିଗଲେ ଦୂରରୁ ଜଣାପଡିଯାଏ। ଫଳରେ ଆଖ ପାଖରେ ଥିବା ଲୋକ ଦେଖିପାରି ସତର୍କ ହୋଇଯିବା ସହ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥାନ୍ତି। ପରନ୍ତୁ ମନ ଖରାପ ଥିଲେ ନ କହିଲେ ଅନ୍ୟ କେହି ଜାଣିପାରି ନ ଥାନ୍ତି। ନିଜ ମନର ବେଦନା ନିଜକୁ କେବଳ ଜଣା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆଜିର କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ପୂର୍ବରୁ ସୂଚନା ଦେଇ ସନ୍ଧ୍ୟାରେ ଘରକୁ ନୂତନ ବନ୍ଧୁ କେହି ଆସିପାରନ୍ତି। ପାଖକୁ ଆସି ପାରି ନ ଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ। କଚେରି ମାମଲାରେ ପ୍ରତିପକ୍ଷ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ନାହିଁ।

**ବୃଷ**



ଚେଷ୍ଟା କରୁଥିବା କାମରେ ଆଶାତୀତ ସଫଳତା ହାସଲ କରିବେ ଓ ସମସ୍ୟା ସମାଧାନ ହୋଇଯିବ। ବ୍ୟବସାୟିକ ଦିଗରୁ ଦିନଟି ମନ୍ଦ ନୁହେ, ଫଳତଃ ମାନସିକ ସ୍ଥିତି ବହୁତ ଭଲ ରହିବ। ଅଫିସ୍‌ରେଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ।

**ମିଥୁନ**



କର୍ମକ୍ଷେତ୍ରରେ ଚାପର ବଶବର୍ତ୍ତୀ ହୋଇ କେତେକ କାମ କରିବାକୁ ବାଧ୍ୟ ହେବେ। ପଡୋଶୀମାନେ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇପାରନ୍ତି। ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ସ୍ଥିତି ମାନ୍ଦା ହେବନାହିଁ। ଆନୁଷ୍ଠାନିକ କାମରେ ଅତ୍ୟଧିକ ଦାୟିତ୍ୱ ନେବାକୁ ବାଧ ହେବେ।

**କର୍କଟ**



ଅତୀତର ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ବିବାଦ ଦେଖାଦେଇ ପାରେ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ବଢିଯିବ। ଦୀର୍ଘଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ପୂର୍ବ କଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ।

**ସିଂହ**



ଦୀର୍ଘଦିନରୁ ଯାହା ଆଜିଯାଏଁ ଚାହୁଁଛନ୍ତି ତାହା ପାଇବା ସକାଶେ ବେଶି ବିଳମ୍ବ ହେବନାହିଁ। ଆକସ୍ମିକ କାରଣକୁ ନେଇ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ। ଆଲୋଚନା କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ଭୁଲ୍ ବୁଝାମଣାରୁ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ।

**କନ୍ୟା**



ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ବୃଦ୍ଧି ପାଉଥିବାରୁ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା ହ୍ରାସ ପାଇପାରେ। ଉପରିସ୍ଥଙ୍କ ଆଦେଶକ୍ରମେ କର୍ମକ୍ଷେତ୍ରରେ ଗୁରୁ ଦାୟିତ୍ୱ ବହନ କରିବାକୁ ପଡିବ। ପାରିବାରିକ ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବେ। ନିଜଦୋଷରୁ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ହୋଇପାରେ।

**ତୁଳା**



କର୍ମକ୍ଷେତ୍ରରେ ଅନ୍ୟମାନେ ଆପଣଙ୍କ ପାଇଁ ସମସ୍ୟାର କାରଣ ସାଜି ପାରନ୍ତି। ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଆତ୍ମୀୟସ୍ୱଜନ ବିରୋଧାଚରଣ କରିପାରନ୍ତି। ସଭାସମିତିରେ ଯୁକ୍ତିଯୁକ୍ତ କଥା କହି କିମ୍ବା ସେବାମନୋବୃତ୍ତି କାରଣରୁ ପ୍ରଶଂସିତ ହେବେ।

**ବିଛା**



ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବାରେ ନିକଟ ସମ୍ପର୍କୀୟମାନଙ୍କ ଅବଦାନକୁ ଭୁଲି ପାରିବେ ନାହିଁ। ରାଜନୈତିକ ସ୍ତରରେ ନେତୃ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ପରକଥାକୁ ପ୍ରାଧାନ୍ୟ ଦେଲେ ପାରିବାରିକ କ୍ଷେତ୍ରରେ ଅଶାନ୍ତି ଆସିବ।

**ଧନୁ**



କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସାହାଯ୍ୟ, ସହଯୋଗ ଓ ସଦିଚ୍ଛା ଲାଭ କରି ଖୁସୀ ରହିବେ। ବିବାଦୀୟ ପରିସ୍ଥିତିରେ ଉପସ୍ଥିତ ବୁଦ୍ଧି ଖଟାଇ କାର୍ଯ୍ୟସାଧନ କରିବେ। ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପରିବହନରେ ଲାଭର ଯୋଗ ରହିଛି।

**ମକର**



ପରିବାରରେ ଭୁଲ୍ ବୁଝାମଣା କାରଣରୁ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ନିଶ୍ଚିତ ସଫଳତା ହାସଲ କରିପାରିବେ। ବନ୍ଧୁଙ୍କ ସହାୟତାରେ ଆଶା କରୁଥିବା ଜିନିଷଟି ପାଇ ଖୁସୀ ହୋଇଯିବେ।

**କୁମ୍ଭ**



ଅଯଥା ସନ୍ଦେହଜନିତ କାରଣରୁ ଘରୋଇ କଳହ ବଢି ବଢି ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମଧ୍ୟ ଯୋଜନା ଗୁଡିକ ଠିକ୍ ଭାବେ କାର୍ଯ୍ୟ କାରୀ ନ ହୋଇପାରେ। ବିଭିନ୍ନ ଅସୁବିଧାରେ ବୁଡି ରହିଥିବା ସମୟରେ ନିଜ ଲୋକମାନେ ଦାଉ ସାଧିପାରନ୍ତି। ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

**ମୀନ**



ସମସ୍ୟା ବିଜଡିତ ପରିସ୍ଥିତିରେ ବନ୍ଧୁଙ୍କ ସହାନୁଭୂତି ଲାଭ କରି କାମ ହାସଲ କରିବେ। ଆନୁଷ୍ଠାନିକ କାର୍ଯ୍ୟର ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବା ହେତୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

ଆଜି ଆଶ୍ୱିନ କୃଷ୍ଣ ତ୍ରୟୋଦଶୀ ମଙ୍ଗଳବାର, ମାସାନ୍ତ, ସେପ୍ଟେମ୍ବର ୧୫ ତାରିଖ, ଇଞ୍ଜିନିୟର୍ସ ଦିବସ, ଭାରତରତ୍ନ ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ଜୟନ୍ତୀ, ଦିବା ଘ.୦୨.୨୪ମି.ପର୍ଯ୍ୟନ୍ତ, ରାଶିନକ୍ଷତ୍ର-ଅଶ୍ଲେଷା/କର୍କଟ, ମକର ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୮.୩୦ମି.ଗତେ ଘ.୧୦.୨୮ମି.ମଧ୍ୟେ, ଘ.୧୨.୫୪ମି.ଗତେ ଘ.୦୨.୩୧ମି.ମଧ୍ୟେ, ଘ.୦୩.୨୦ମି.ଗତେ ଘ.୦୪.୫୭ମି.ମଧ୍ୟେ, ସନ୍ଧ୍ୟା ଘ. ୦୫.୪୫ମି.ଗତେ ଘ.୦୬.୩୩ମି.ମଧ୍ୟେ, ରାତ୍ରି ଘ.୦୮.୫୫ମି.ଗତେ ଘ.୧୧.୧୮ମି. ମଧ୍ୟେ, ଘ.୦୧.୪୦ମି.ଗତେ ଘ.୦୩.୧୫ମି.ମଧ୍ୟେ ଅମୃତବେଳା। ଦିବା ଘ.୦୨.୪୩ମି.ଗତେ ଘ.୦୪.୧୪ମି.ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

CV Raman College ପାଖରେ 30,000sqft., 15,000sqft. 10,000sqft. ଘରବାରି plot ବିକ୍ରିହେବ। Contact: 9778928492. D-68371

Urgent sale of land 15000sqft near Xavier University, Bhubaneswar, Rs. 2300 per sqft. Whatsapp the owner 9437513333. D-18239

ପାତ୍ରପଡ଼ା K9ରେ 40ft. roadକୁ ଲାଗି 8000sqft. ଘରବାରି plot ବିକ୍ରିହେବ। Contact: 9778928492. D-68372

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69162

**2BHK flat near Tamando Market, Starts @45,15,000/-, 9937166932.** D-69332

ଧଉଳି ନୂଆବ୍ରିଜ୍ ନିକଟରେ ବାସୋପଯୋଗୀ ଘରବାରି ପ୍ଲଟ୍ outrightରେ ମିଳୁଛି। 8327774136. D-69341

**Land sale farm house/ industry roadside at Dhenkanal area 60km from Cuttack. 7809525452, 8249851363.** D-69533

**Gharabari developed plot with boundary near Phulnakhara (Synergy College), 9439487505.** D-69333

Bhubaneswar ସୁନ୍ଦରପଦାରେ ପ୍ଲଟ୍ କିଣି ଆଜି ଘର କରନ୍ତୁ। sqft. 950/-, 9938016295. D-69163

**Plot sale near AIIMS Hospital, Bhubaneswar with 30' road, 9439206202.** D-69161




**7000sqft ready made shades with transformers, generator, Ac for any showroom purposes for rent near Hanspal square, Bhubaneswar. Contact: 9438362399.** D-18209




Monalisa massage club : All types body massage with hiprofile smart lady rooms service available 9708545108. D-18240

Newly open full body massage SPA in Bhubaneswar. Contact: 7205058838. D-69749

Rejuvenate and Ayurvedic full body massage by smart therapist. 9348123330. D-69706

Open new SPA station 3rd floor, Big Bazar, Nayapalli. 7655024727, 8118079281. D-69536

Herbal full body massage by smart / expert therapist. Contact: 8338067247. D-69745

Newly open spa centre smart therapist body massage,Bamikhal, 7205187702. D-59960

Refresh your mind and soul with best therapy at Orchid Salon/ Spa, 9937287222. D-69541

Newly open spa centre smart therapist body massage, Rasulgarh: 7846814019. D-59959

Get refreshment body massage by expert therapist contact for. 9556978408. D-69746

Swarna SPA newly open positively health benefits with expert therapist. 7873794731. D-69747

**AFFIDAVIT**

By virtue of an affidavit before Executive Magistrate, Bhubaneswar, I Sumitra Naik changed my son's name from Asish Kumar Nayak to Ashish Kumar Naik for all purposes. D-69621

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ସାପକାମୁଡ଼ାରେ ଜଣେ ମୃତ

**ଡେରାବିଶ, (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତରେ ରବିବାର ରାତିରେ ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉଦୟନଗର ଗ୍ରାମର ନିରଞ୍ଜନ ସାହୁ (୪୫)। ନିରଞ୍ଜନ ରାତିରେ ପରିସ୍ରା କରିବାକୁ ଉଠିଥିବା ବେଳେ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନା ପୋଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ନିରଞ୍ଜନଙ୍କୁ କାମୁଡ଼ିଥିବା ସାପକୁ କେନ୍ଦ୍ରାପଡ଼ା ସ୍ନେକ ହେଲ୍ପଲାଇନ୍‌ର କର୍ମଚାରୀ ସୋମବାର ଉଦ୍ଧାର କରି ନିକଟସ୍ଥ ଏକ ଜଙ୍ଗଲରେ ଛାଡ଼ି ଦେଇଛନ୍ତି।

# ସକ୍ରିୟ ହେଉଛି ଧଳାଜହର ର୍‍ୟାକେଟ୍

**ଯାଜପୁର ଅଫିସ/କୋରେଇ/ଚଣ୍ଡିଖୋଲ/ଛତିଆ, ୧୪।୯ (ସ୍ୱ.ପ୍ର./ଡି.ଏନ୍.ଏ.)**

ଧଳା ଜହର ବା ବ୍ରାଉନସୁଗାର କାରବାର ଉପରେ ଯାଜପୁର ଜିଲା ପୋଲିସକୁ ପୁଣି ଏକ ସଫଳତା ମିଳିଛି। ଜିଲାର ପାଣିକୋଇଲି ଥାନା ଅଧୀନ ଖମଣ ପଞ୍ଚାୟତ ନାଉଡ଼ପୁର ଗ୍ରାମରେ ପୋଲିସ ଚଢ଼ାଉ କରି ୧୩.୪୮ଗ୍ରାମ ବ୍ରାଉନସୁଗାର ସମେତ ୬ କିଗ୍ରା ଗଞ୍ଜେଇ, ୩ ଲକ୍ଷ ୫୫ ହଜାର ୭୦୦ ଟଙ୍କା, ୨ଟି ମୋବାଇଲ ଫୋନ ଜବତ କରିଛି। ଏଥିରେ ସମ୍ପୃକ୍ତ ନାଉଡପୁର ଗ୍ରାମର ବୃନ୍ଦାବନ ସାହୁ(୪୫) ଓ ସୋଲପଟା ଗ୍ରାମର ରଞ୍ଜନ ମଲିକ(୪୫)ଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ପାଣିକୋଇଲି ଥାନାରେ ଏକ ମାମଲା (ନଂ.–୨୦୦/୨୦୨୦) ରୁଜୁ କରାଯିବା ସହ ସୋମବାର ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ଏହାସହ ଅଧିକ ତଦନ୍ତ ଜାରି ରହିଛି ବୋଲି ଯାଜପୁର ଏସପି ଚରଣସିଂ ମୀନା ଟୁଇଟ ଯୋଗେ ସୂଚନା ଦେଇଛନ୍ତି। ସେହିପରି ବ୍ରାଉନସୁଗାର କାରବାର କରୁଥିବା ଛତିଆ ଅଞ୍ଚଳର ୪ ଜଣଙ୍କୁ ବୈରୀ ଥାନା ପୋଲିସ ସୋମବାର ଗିରଫ କରିଛି।


ଜବତ ଗଞ୍ଜେଇ, ବ୍ରାଉନ୍‌ସୁଗାର ଓ ଟଙ୍କା।

**ଯାଜପୁର ଜିଲା**
- ୨୦.୯୮ ଗ୍ରାମ୍ ବ୍ରାଉନସୁଗାର, ୬ କି.ଗ୍ରା. ଗଞ୍ଜେଇ ଜବତ
- ସାଢ଼େ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ, ୬ ବ୍ୟବସାୟୀ ଗିରଫ

ଅଭିଯୁକ୍ତମାନେ ହେଲେ ଛତିଆ ଗ୍ରାମର ଅଜୟ ସ୍ୱାଇଁ(୩୧), ସୋଲର ଗ୍ରାମର ସନ୍ତୋଷ କୁମାର ସ୍ୱାଇଁ(୨୫), ବଡ଼ଚଣା ଥାନା ଅଧୀନ ନୁଆସୁଣ୍ଢ଼ା ଗ୍ରାମର ଚନ୍ଦନ ନାୟକ (୨୧) ଓ ଭଦ୍ରକ ଚରମ୍ପା ଅଞ୍ଚଳର ସୁଧାକର ମଲ୍ଲିକ(୨୪)। ସେମାନଙ୍କଠାରୁ ୭.୫ ଗ୍ରାମ ବ୍ରାଉନସୁଗାର, ୪ଟି ମୋବାଇଲ ଓ ୪,୫୦୦ ଟଙ୍କା ଜବତ କରାଯାଇଛି। ଏ ନେଇ ମାମଲା (ନଂ.–୧୨୨/୨୦) ରୁଜୁ ହୋଇଛି।

ତେବେ ପୂର୍ବରୁ ମଧ୍ୟ ବ୍ରାଉନସୁଗାର ମାମଲାରେ ଏକାଧିକ ଅଭିଯୁକ୍ତ ଗିରଫ ହୋଇ କୋର୍ଟଚାଲାଣ ହୋଇଥିଲେ ହେଁ ଯାଜପୁର ଜିଲା ସମେତ କଟକ ଓ ଖୋର୍ଦ୍ଧା ତଥା ଉପକୂଳବର୍ତ୍ତୀ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ନୟାଗଡ, ଜଗତ୍‌ସିଂହପୁର ଆଦି ଜିଲାରେ ବ୍ରାଉନସୁଗାର କାରବାର କାୟାବିସ୍ତାର କରିବାରେ ଲାଗିଛି। ମାଷ୍ଟରମାଇଣ୍ଡଙ୍କୁ ଗିରଫ କରି ଏହି କାରବାର ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ନିକଟରେ ବାଲେଶ୍ୱର ଜିଲାରେ କାର୍ଯ୍ୟରତ ଜଣେ ଆଇଆଇସି ବ୍ରାଉନସୁଗାର କାରବାରରେ ସମ୍ପୃକ୍ତି ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି। ଏଥିରୁ କେତେକ ପୋଲିସ ଅଧିକାରୀ ଏହି କାରବାରକୁ ପରୋକ୍ଷ ଭାବେ ସହଯୋଗ କରୁଥିବା ସନ୍ଦେହଜାତ ହୋଇଛି। ଏପରିକି କୋଲକାତାରୁ ଟ୍ରେନ ଯୋଗେ କେତେକ ମହିଳା ଓ ପୁରୁଷ ବ୍ରାଉନସୁଗାର ନେବାଆଣିବା କରୁଥିବା ପୂର୍ବରୁ ଚର୍ଚ୍ଚା ହୋଇଥିଲା। କିନ୍ତୁ ରେଳ ବିଭାଗ ପକ୍ଷରୁ ସେମିତି କିଛି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଏହି କାରବାର ପୁଣି ସକ୍ରିୟ ହୋଇ ଉଠିଛି। ବ୍ରାଉନସୁଗାର ନିଶା ଦେଇ ନିକଟରେ ଜଣେ ନାବାଳକଙ୍କୁ ହତ୍ୟା କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ତେଣୁ ରାଜ୍ୟର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ କାୟା ବିସ୍ତାର କରୁଥିବା ବ୍ରାଉନସୁଗାର କାରବାରକୁ ରୋକିବାକୁ ହେଲେ ଏନସିବି (ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ)ର ହସ୍ତକ୍ଷେପ ଲୋଡା ବୋଲି ଅନେକେ ଦାବି କରୁଛନ୍ତି।

## କରାଣ୍ଡିଆ ବ୍ରାଞ୍ଚ କେନାଲ ଅଞ୍ଚଳରେ ମରୁଡ଼ି ଆଶଙ୍କା

**କେନ୍ଦ୍ରାପଡା ଅଫିସ୍, ୧୪।୯**

ଚଳିତ ବର୍ଷ ବନ୍ୟା କେନ୍ଦ୍ରାପଡା ଜିଲାର ୫୪,୦୫୦ ହେକ୍ଟର ଜମିରେ ହୋଇଥିବା ଖରିଫ ଚାଷକୁ କ୍ଷତି ପହଞ୍ଚାଇଥିବା ବେଳେ ଏବେ କରାଣ୍ଡିଆ ବ୍ରାଞ୍ଚ କେନାଲ ଅଞ୍ଚଳରେ ମରୁଡ଼ି ଆଶଙ୍କା ଦେଖାଦେଇଛି। ଏ ନେଇ ମାର୍ଶାଘାଇ ବ୍ଲକ କରିଲୋପାଟଣା ଓ ଜମପଡା ପଞ୍ଚାୟତର ଚାଷୀ ଓ ପୂର୍ବତନ ଖଦୀବୋର୍ଡ ଅଧକ୍ଷ ତେଜେଶ୍ୱର ପରିଡା କଟକ ଜିଲା ଜଗତପୁରସ୍ଥିତ ମହାନଦୀ ନର୍ଥ ଇରିଗେଶନ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ସୋମବାର ଅଭିଯୋଗ ପତ୍ର ଦେଇଛନ୍ତି। ଏ ସମ୍ପର୍କରେ ତେଜେଶ୍ୱର କହିଛନ୍ତି, ଉକ୍ତ ଦୁଇ ପଞ୍ଚାୟତବାସୀ କେନାଲ ଜଳ ବ୍ୟବହାର କରି ଖରିଫ ଚାଷ କରିଥାନ୍ତି। ଏଥିପାଇଁ ପ୍ରତିବର୍ଷ ଜଳକର ଦିଆଯାଏ। ହେଲେ ଚଳିତବର୍ଷ ଏହି ବ୍ରାଞ୍ଚ କେନାଲରେ ପାଣି ନ ଥିବାରୁ ଚାଷ ଜମି ଶୁଖିଲା ପଡ଼ିଛି। ଦୁଇ ପଞ୍ଚାୟତର ଶତାଧିକ ଚାଷୀ ମରୁଡ଼ି ଆଶଙ୍କା କରୁଥିବା ବେଳେ ଋଣ ଅର୍ଥ ଶୁଝିବା ନେଇ ଚିନ୍ତାରେ ଅଛନ୍ତି। ତୁରନ୍ତ ବ୍ରାଂଚ କେନାଲରେ ପାଣି ଯୋଗାଇ ଦେବାକୁ ଦାବିପତ୍ର ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଫୁଲତୋଳାରୁ ଗଣ୍ଡଗୋଳ, ଥାନାରେ ମାମଲା

**ଧର୍ମଶାଳା, ୧୪।୯ (ଡି.ଏନ୍.ଏ.):** ଧର୍ମଶାଳା ଥାନା ନୀଳକଣ୍ଠପୁର ଗ୍ରାମରେ ଫୁଲ ତୋଳାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ମାରପିଟ ହୋଇଛି। ଏଥିରେ ଗ୍ରାମର ଅନୁପମା ସାହୁ ଓ ତାଙ୍କ ପୁଅ ଅଶୋକ ଆହତ ହୋଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା (୩୭୮/୨୦) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଅନୁପମା ସକାଳୁ ଫୁଲ ତୋଳୁଥିବା ଗଲାବେଳେ ପଡୋଶୀ ଅକ୍ଷୟ ସାହୁଙ୍କ ପରିବାର ଲୋକେ ତାଙ୍କୁ ବିରୋଧ କରିବା ସହ ମାରପିଟ କରିଥିଲେ। ଏହି ସମୟରେ ଅଶୋକ ପହଞ୍ଚି ଯିବାରୁ ଅକ୍ଷୟଙ୍କ ପରିବାର ଲୋକେ ତାଙ୍କୁ ମଧ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

### ନୂଆଗାଁ ତହସିଲଦାରଙ୍କୁ କରୋନା

**ନୟାଗଡ ଅଫିସ,୧୪।୯:** ନୟାଗଡ଼ ଜିଲା ନୂଆଗାଁ ତହସିଲଦାର ଶରତ ମଲ୍ଲିକ କରୋନା ଆକ୍ରାନ୍ତ ହୋଇଛନ୍ତି। ମଲ୍ଲିକଙ୍କୁ ଚାନ୍ଦପୁର କୋଭିଡ୍ ସେଣ୍ଟରରେ ଭର୍ତ୍ତି କରାଯାଇଥିବା ସେ ସୂଚନା ଦେଇଛନ୍ତି। ତହସିଲଦାର କରୋନା ଆକ୍ରାନ୍ତ ହେବା ପରେ ଉପଜିଲାପାଳ ଲମ୍ବଜିତ୍ ରାଉତ ନୂଆଗାଁ ତହସିଲ କାର୍ଯ୍ୟାଳୟକୁ ୧୪ ତାରିଖ ପୂର୍ବାହ୍ନ ୧୦ଟାରୁ ୧୮ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି। ସେହିପରି ଓଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଏହି କାର୍ଯ୍ୟାଳୟକୁ ଦୁଇ ଦିନ ଶଟ୍‌ଡାଉନ ଘୋଷଣା କରାଯାଇଛି।

### ନୟାଗଡ଼ରେ କ୍ଷୁଦ୍ର ଲୋକ ଅଦାଲତ

**ନୟାଗଡ ଅଫିସ,୧୪।୯:** ନୟାଗଡ଼ କୋର୍ଟ ପରିସରରେ କ୍ଷୁଦ୍ର ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷା ରୂପଶ୍ରୀ ଚୌଧୁରୀ ଏଥିରେ ଅଧକ୍ଷତା କରିଥିଲେ। ଜିଲା ଜଜ୍‌ଙ୍କ କୋର୍ଟ ପକ୍ଷରୁ ୬୬ ଗାଡି ମୋଟର ଦୁର୍ଘଟଣା ମାମଲା ମଧ୍ୟରୁ ୯ଟି ମାମଲା ସମାଧାନ କରାଯାଇ ୪୫ ଲକ୍ଷ ୩୦ ହଜାର ଟଙ୍କା ଆଦାୟ କରାଯାଇଛି। ପରିବାର ଅଦାଲତ ଜଜ୍ ୪୫ଟି ମାମଲା ମଧ୍ୟରୁ ୧୬ଟି ମାମାଲାର ଫଇସଲା ଓ ଏସଡିଜେଏମଙ୍କ କୋର୍ଟ ପକ୍ଷରୁ ୪ଟି ଚେକ୍ ବାଉନ୍ସ ମାମଲା ସମାଧାନ କରାଯାଇଛି। ୧୦୦ ବ୍ୟାଙ୍କ ଋଣ ଅନାଦାୟ ମାମଲା ମଧ୍ୟରୁ ୪ଟି ମାମଲା ସମାଧାନ କରାଯାଇ ୯୨ ହଜାର ଟଙ୍କା ଆଦାୟ ପାଇଁ ରାଜିନାମା ହୋଇଛି।

### କରୋନାରେ ପୁଣି ୪୩ ଆକ୍ରାନ୍ତ

**ନୟାଗଡ ଅଫିସ,୧୪।୯:** ନୟାଗଡ଼ ଜିଲାରେ ପୁଣି ୪୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩,୯୩୪ରେ ପହଞ୍ଚିଛି। ସେହିପରି ଜିଲାରେ ସୋମବାର ପୁଣି ୫୪ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ଘଟିଛି। ସେ ମଧୁମେହ ରୋଗରେ ଆକ୍ରନ୍ତ ଥିଲେ। ଏହି ବ୍ୟକ୍ତିଙ୍କ ମୃତ୍ୟୁ ପରେ ଜିଲାରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ସଂଖ୍ୟା ୧୭ରେ ପହଞ୍ଚିଛି।

# ୨ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ହେବାକୁ ନୋଟିସ

**କାକଟପୁର ଥାନା ଏସ୍‌ଆଇଙ୍କୁ ଆକ୍ରମଣ ଘଟଣା**

**ନାଉଗାଁ,୧୪।୯(ସ୍ୱ.ପ୍ର.)**

କାକଟପୁର ଥାନା ଏସ୍‌ଆଇଙ୍କୁ ଆକ୍ରମଣ କରି ବନ୍ଧୁକ ଛଡ଼ାଇ ନେଇଥିବା ୨ ଅଭିଯୁକ୍ତ ନାଉଗାଁ ଥାନା ଅଧୀନ ଓଷକଣା ଗ୍ରାମର ନରେଶ ସ୍ୱାଇଁ ଓ ଜ୍ଞାନରଞ୍ଜନ ସାହୁଙ୍କୁ କୋର୍ଟରେ ହଜାର ହେବାକୁ ନୋଟିସ ଜାରି ହୋଇଛି। ପୋଲିସ ପକ୍ଷରୁ ଜେଏମ୍‌ଏଫ୍‌ସି କୋର୍ଟରେ ହୋଇଥିବା ଅଭିଯୋଗର ଶୁଣାଣି କରି କୋର୍ଟ ୨ ଅଭିଯୁକ୍ତଙ୍କୁ ନଭେମ୍ବର ୧୦ ତାରିଖ ସୁଦ୍ଧା ହାଜର ହେବା ପାଇଁ ଗତ ୧୦ ତାରିଖରେ ନୋଟିସ ଜାରି କରିଛନ୍ତି। ଉକ୍ତ ସମୟ ମଧ୍ୟରେ ଅଭିଯୁକ୍ତ ହାଜର ନ ହେଲେ ସେମାନଙ୍କ ସ୍ଥାବର, ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତି କରାଯିବ ବୋଲି ନିର୍ଦ୍ଦେଶ ରହିଛି। ନୋଟିସ ପରେ କାକଟପୁର ଥାନା ପକ୍ଷରୁ ନାଉଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯିବା ସହିତ ସେମାନଙ୍କ ଫଟୋ ଲଗାଯାଇଛି। ଯଦି କେହି ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦିଅନ୍ତି ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ସୂଚନା ଅନୁସାରେ, କାକଟପୁର ଥାନା ପକ୍ଷରୁ ଥାନାଧିକାରୀ ସୁଜିତ ଦାସ ଓ ଅନ୍ୟ କର୍ମଚାରୀ ଭଣ୍ଡିସାହି ଜୁଆ ଆଡ୍ଡାରେ ଜୁଲାଇ ୨୪ରେ ଚଢ଼ାଉ କରିଥିଲେ। ଚଢ଼ାଉବେଳେ କେତେଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଥିଲା। ପୋଲିସ ଜୁଆଡ଼ିଙ୍କୁ ନେଇ ଯିବା ସମୟରେ ନାଉଗାଁ ବ୍ଲକ ଅଧୀନ ଶିଖରଘାଟ ସେତୁ ଉପରେ କେତେଜଣ ଦୁର୍ବୃତ୍ତ ଏସ୍‌ଆଇ ସୂର୍ଯ୍ୟମଣି ମାଝିଙ୍କୁ ଆକ୍ରମଣ କରିବା ସହିତ ତାଙ୍କ ବନ୍ଧୁକ ଛଡ଼ାଇ ନେଇଥିଲେ। ଥାନା ପକ୍ଷରୁ (ନଂ.୧୪୨/୨୦)ରେ ମାମଲା ରୁଜୁ କରାଯାଇ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ମାତ୍ର ସେମାନଙ୍କ ମଧ୍ୟରୁ ନରେଶ ଓ ଜ୍ଞାନରଞ୍ଜନ ଫେରାର ହୋଇ ଯାଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ୨ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜେଏମଏଫସି କୋର୍ଟରେ ପୋଲିସ ପକ୍ଷରୁ ଆବେଦନ କରାଯାଇଥିଲା। ଏ ସମ୍ପର୍କରେ ଥାନାଧିକାରୀ ଦାସ କହିଛନ୍ତି, ଶିଖରଘାଟ ସେତୁରେ ପୋଲିସକୁ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରିବା ସହ ବନ୍ଧୁକ ଛଡ଼ାଇ ନେଇଥିଲେ। ଅଭିଯୁକ୍ତଙ୍କୁ ଧରାଯାଇ ଜେଲ ପଠାଯାଇଥିବାବେଳେ ୨ଜଣ ଫେରାର ଅଛନ୍ତି। ସେମାନେ ଧରା ପଡୁ ନ ଥିବାରୁ କୋର୍ଟ ମାଧ୍ୟମରେ ନୋଟିସ ଜାରି କରାଯାଇଛି।


ଜଗତ୍‌ସିଂହପୁର ବ୍ଲକ ସରାପ୍ଲୋସ୍ଥିତ ମା'ସିଦ୍ଧିଦାତ୍ରୀ ସର୍ବମଙ୍ଗଳା ପୀଠରେ ସୋମବାର ମା'ସିଦ୍ଧିଦାତ୍ରୀଙ୍କୁ ସୁବର୍ଣ୍ଣବରାହୀ ବେଶରେ ସୁସଜ୍ଜିତ କରାଯାଇଛି।

# ବନ୍ୟାରେ ବିଇଓ କାର୍ଯ୍ୟାଳୟର ନଥିପତ୍ର ନଷ୍ଟ

**ବରୀ, ୧୪।୯ (ଡି.ଏନ୍.ଏ)**

ଚଳିତ ବନ୍ୟାରେ ବରୀ ବ୍ଲକ ଶିକ୍ଷାଧିକାରୀ(ବିଇଓ) ଙ୍କ କାର୍ଯ୍ୟାଳୟରେ ଥିବା ଛାତ୍ରୀଛାତ୍ରଙ୍କ ବହି ସମେତ ଦରକାରୀ କାଗଜପତ୍ର ନଷ୍ଟ ହୋଇଛି। କାର୍ଯ୍ୟାଳୟର କର୍ମଚାରୀମାନଙ୍କ ଅସାବଧାନତା ହେତୁ ଏଭଳି ଘଟିଥିବା ସାଧାରଣରେ ଆଲୋଚନା ହେଉଛି। ବନ୍ୟା ଜଳରେ ବହୁ ସରକାରୀ କାଜଗପତ୍ର ସହ ବହିପତ୍ର ନଷ୍ଟ ହୋଇଛି ବୋଲି ବିଇଓ ଅଭୟ କୁମାର ବେହେରା ପ୍ରକାଶ କରିଛନ୍ତି। ହେଲେ ବରୀରେ ବନ୍ୟାଜଳ ପ୍ରବେଶ କରିବାର ଦୁଇ ଦିନ ପରେ ବିଇଓ କାର୍ଯ୍ୟାଳୟ ପରିସରକୁ ବନ୍ୟାପାଣି ପଶିଥିବା ବେଳେ ସରକାରୀ କାଗଜପତ୍ର ଓ ଛାତ୍ରଛାତ୍ରୀଙ୍କ ପାଇଁ ଆସିଥିବା ବହିଗୁଡିକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରା ନ ଯିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଦୀର୍ଘ ଦିନ ଧରି ଏହି ବିଭାଗର ବିଭିନ୍ନ କାର୍ଯ୍ୟାଳୟରେ କାଗଜପତ୍ରରେ



**ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ତଦନ୍ତ ଦାବି**

ଅନିୟମିତତା ହେବା ପ୍ରସଙ୍ଗକୁ ଘଣ୍ଟ ଘୋଡାଇବା ପାଇଁ ତ୍ରୁଟିପୂର୍ଣ୍ଣ କାଗଜପତ୍ରକୁ ଗାଏବ କରାଯାଇ ବନ୍ୟାରେ ନଷ୍ଟ ହୋଇଥିବା କୁହାଯାଉଛି ବୋଲି ଅଭିଯୋଗ ହୋଇଛି। ଉକ୍ତ କାର୍ଯ୍ୟାଳୟରୁ ଦରକାରୀ କାଗଜପତ୍ର କିଭଳି ନଷ୍ଟ ହେଲଣ ଓ ବନ୍ୟାପାଣି ପଶିବା ସମୟରେ କର୍ମଚାରୀମାନେ ମୁଖ୍ୟ କାର୍ଯ୍ୟାଳୟ ଛାଡ଼ି କିପରି ଗଲେ, ସେ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି।

# ପ୍ରବାସୀଙ୍କ ପାଇଁ ଖର୍ଚ୍ଚ ହୋଇଥିବା ଅର୍ଥ ମିଳିନି

**ବିରିଡ଼ି ପଞ୍ଚାୟତ ସମିତିର ୭ମ ସାଧାରଣ ଅଧିବେଶନ**


ପଞ୍ଚାୟତ ସମିତି ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

**ବିରିଡ଼ି/ବାଲିଆ,(ଡି.ଏନ.ଏ.)୧୪।୯**

ବିରିଡି ପଞ୍ଚାୟତ ସମିତିର ୭ମ ସାଧାରଣ ଅଧିବେଶନ ସୋମବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦିବଂଗତ ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସ ଓ ପୂର୍ବତନ ବିଧାୟକ ରବି ଭୋଇଙ୍କ ଦେହାନ୍ତରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ସଭ୍ୟା ଲତା ଦାସ, ଉପାଧକ୍ଷା ଗୀତାଞ୍ଜଳି ସାହୁ, ବିଡିଓ ହେମନ୍ତ ମହନ୍ତ, ଏବିଡିଓ ଗିରିଜା ପ୍ରସାଦ ବାରିକ, ସହକାରୀ ଯନ୍ତ୍ରୀ କୃଷ୍ଣ ଚନ୍ଦ୍ର ସେଠୀ, ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ରାକେଶ ମହାନ୍ତିଙ୍କ ସମେତ ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ସହକାରୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ସେଠୀ ବ୍ଲକକୁ ୫ମ ରାଜ୍ୟ ଆୟୋଗରୁ ମିଳିଥିବା ୮୪ଲକ୍ଷ ୮୦ ହଜାର ୬୧୯ ଟଙ୍କା ଏବଂ ୧୫ତମ କେନ୍ଦ୍ରୀୟ ଅର୍ଥ ଆୟୋଗରୁ ମିଳିଥିବା ୧କୋଟି ୩୯ ଲକ୍ଷ ୫୦ ହଜାର ୫୭୩ ଟଙ୍କା ଆବଦ୍ଧ ଓ ଅନାବଦ୍ଧ ପାଣ୍ଠି ଖର୍ଚ୍ଚ

**ସରପଞ୍ଚଙ୍କ ମଧ୍ୟରେ ଅସନ୍ତୋଷ**

ପାଇଁ ଆସିଥିବା ଦର୍ଶାଇଥିଲେ। ଯାହା ଗୃହର ଅନୁମୋଦନ ଲାଭ କରିଥିଲା। କରୋନା ସମୟରେ ଫେରିଥିବା ପ୍ରବାସୀଙ୍କ ରହିବା, ଖାଦ୍ୟ, ବେଡ ଓ ସାନିଟାଇଜର ବ୍ୟବସ୍ଥା ପାଇଁ ସରପଞ୍ଚମାନେ ପକେଟରୁ ଅର୍ଥ ଖର୍ଚ୍ଚ କରିଥିଲେ ମଧ୍ୟ ସେମାନଙ୍କୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଅର୍ଥ ବ୍ଲକ ପ୍ରଶାସନ ପ୍ରଦାନ କରିବାରେ ବିଳମ୍ବ କରିଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ଫନୀ ବାତ୍ୟା ଜନିତ ଘରଭଙ୍ଗା ଅର୍ଥ ପ୍ରଦାନରେ ତହସିଲ ପ୍ରଶାସନ ଆନ୍ତରିକତା ଦେଖାଉ ନ ଥିବାରୁ ଶଙ୍ଖପୁର ପଞ୍ଚାୟତରୁ ୨ଶହ ହିତାଧିକାରୀ ବଞ୍ଚିତ ଥିବା ସରପଞ୍ଚ ରଶ୍ମିରଞ୍ଜନ ବେହେରା ଅଭିଯୋଗ କରିଥିଲେ। ପ୍ରବାସୀଙ୍କ ପାଇଁ ଥିବା ୨ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନରେ ବିଳମ୍ବ ଯୋଗୁ ସରପଞ୍ଚମାନେ ସମସ୍ୟାର ସମ୍ମୁଖୀନ ହେଉଥିବା ଅନେକ ସରପଞ୍ଚ ଜଣାଇଥିଲେ। ବାସନ୍ଦରା ପଞ୍ଚାୟତରେ ପାନୀୟ ଜଳ ବ୍ୟବସ୍ଥା ଠିକ ରୁପେ ପରିଚାଳନା କରା ନ ଯିବା ଏବଂ ବସ୍ତିଲୋକୁ ପାଇପ ଯୋଗେ ଜଳ ନ ପହଞ୍ଚିବା କଥା ସମିତି ସଭ୍ୟା ମିନତି ମଲିକ ଅଭିଯୋଗ କରିଥିଲେ। ପୁରଣ ପଞ୍ଚାୟତ କମଳପୁରଠାରେ ଅଧାପନ୍ତରିଆ ହୋଇ ପଡିଥିବା ଅଙ୍ଗନୱାଡି କେନ୍ଦ୍ରର କାର୍ଯ୍ୟ ଶୀଘ୍ର ସାରିବାକୁ ଜିଲାପରିଷଦ ସଭ୍ୟା ଲତା ଦାସ ଦାବି କରିଥିଲେ। ଭାଙ୍ଗିଯାଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଫଳକ କେବେ ତିଆରି କରାଯିବ ବୋଲି ସରପଞ୍ଚ ଅଶୋକ ଜେନା ପ୍ରଶ୍ନ କରିଥିଲେ। ଉତ୍ତରରେ ବିଡିଓ କହିଥିଲେ, ଶୀଘ୍ର ଏଥିପାଇଁ ଅର୍ଥ ବରାଦ କରାଯିବ। ଶେଷରେ ଉପାଧକ୍ଷା ସାହୁ ଧନ୍ୟବାଦ ଦେଇଥିଲେ।

**PARADIP PORT TRUST**
**e-TENDER CALL NOTICE**
Name for the work **"Allotment of 07 (Seven) nos. of Mechanical Iron Ore / Iron Ore Pellet plots at IOHP"**. **License fee** : Rs.2,75,30,580/-, **Wharfage Charge** : Rs.15,20,430/-, Last Date and time of Bid Submission : **01.10.2020, 17:00 Hrs.**, Bid Opening Date and time : **03.10.2020, 1600 Hrs.** Refer our website for details of Corrigendum-I published: https://eprocure.gov.in/eprocure/app.
Traffic Manager
PPT/PR/213/20-21, DT.14.09.2020

**MCL MAHANADI COALFIELDS LIMITED**
(A Subsidiary of Coal India Limited)
Jagruti Vihar, Burla - 768020, Dist. - Sambalpur, Odisha
Tel. (EPABX) : 0663-2542461 to 469 Website : www.mahanadicoal.in
**NOTICE**
All the tenders issued by CIL and its Subsidiaries for procurement of Goods, Works and Services are available on website of Coal India Ltd **www.coalindia.in**, respective subsidiary Company, (**MCL,www.mahanadicoal.in**), CIL e-Procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal **https://gem.gov.in**
R-5013

**STATE INSTITUTE OF HOTEL MANAGEMENT, BALANGIR**
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT
**OPEN FOR SPOT ADMISSION**
**LIMITED SEATS ARE VACANT**

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. Diploma In Front Office Operation | 1½ Year | 10+2 pass or equivalent | 25 Years as on 1st July 2020 for General/ OBC candidates & 28 Years for SC/ST candidates |
| 2. Diploma In Food & Beverage Service | 1½ Year | 10+2 pass or equivalent | |
| 3. Diploma In Food Production | 1½ Year | 10+2 pass or equivalent | |
| 4. Diploma In Housekeeping Operation | 1½ Year | 10+2 pass or equivalent | |
| 5. Craftsmanship Certificate Course In Food & Beverage Service | 06 Months | 10th pass | |
| 6. Craftsmanship Certificate Course In Food Production | 1½ Year | 10th pass | |

LAST DATE OF ADMISSION: 22.09.2020
FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No.9348849484, 6370180040, 9437140772, 9437030720

**TPCODL**
**TP CENTRAL ODISHA DISTRIBUTION LIMITED**
(Purchase Department)
2nd Floor, IDCO Tower, Janpath Bhubaneshwar, Odisha 751022
**NOTICE INVITING TENDER**
**TP Central Odisha Distribution Limited (TPCODL)** invites tender from eligible vendors for following :

| Sl No | Tender Description | Tender Enquiry No. | EMD (Rs. Lakhs) | Tender Fee inclusive of GST (Rs) | Last date and time of payment of Tender Fee |
|---|---|---|---|---|---|
| 1 | Rate contract for 11KV AND 1.1 KV associated works (Construction / Augmentation / Refurbishment) all over TPCODL area. | TPCODL/P&S/ 93/ 2020-21 | 5.00 | 5,000.00 | 21 September 2020, 15:00 hrs |
| 2 | Rate Contract for supply of 1.1 KV AL 4C x 300mm² & 4Cx240mm² XLPE Armoured Cable for the period of one year | TPCODL/P&S/ 92/ 2020-21 | 2.00 | 5,000.00 | 25 September 2020, 15:00hrs |

For detail tender, please visit Tender Section on website https://tpcentralodisha.com.
Interested bidders have to submit Tender Fee and Authorization Letter (as per details mentioned in tender document) before Last Date and time, of tender fee, as indicated above, after which link from TPCODL e-tender system will be shared for further communication and bid submission. Please note that all future correspondence regarding the tender, bid submission, bid submission date extension, etc. will happen only through TPCODL E-tender system. Also all future corrigendums if any, to be informed on Tender section on **website https://www.tpcentralodisha.com.**

ଭଗବାନ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି– ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଇଶ୍ୱରଙ୍କ ବିଜୟ ସମାପନ ହେବା ଯାଏ। –ଶ୍ରୀଅରବିନ୍ଦ



# ଦେଲୁ ମୋତେ ମହାଶିକ୍ଷା



ଡ. ନରହରି ବେହେରା

ପ୍ରବନ୍ଧର ଶୀର୍ଷକ ଗୋଟିଏ କବିତାର ଶୀର୍ଷକରୁ ଉଦ୍ଧୃତ। କବିତାର ପୃଷ୍ଠଭୂମି ଥିଲା– ଥରେ ଜଣେ ରାଜା ବନ ବିହାର କରୁଥିବାବେଳେ ହଠାତ୍ ତାଙ୍କ ମୁଣ୍ଡରେ ଟେକାଟିଏ ବାଜିଲା। ଏଥିରେ ରାଜାଙ୍କ ସମେତ ପାରିଷଦବର୍ଗ କ୍ଷୁବ୍ଧହେଲେ। କର୍ମଚାରୀଗଣ ଟେକା ଫିଙ୍ଗିଥିବା ବ୍ୟକ୍ତିଙ୍କ ସନ୍ଧାନରେ ଯାଇ ଜଣେ ଦୁର୍ବଳ, ଭୋକିଲା ଏବଂ ଭୟାଳୁ ବୁଢ଼ୀଟିକୁ ଧରି ଆଣି ରାଜାଙ୍କ ନିକଟରେ ହାଜର କଲେ। ବୁଢ଼ୀଟି ଭୟରେ ଥରୁଥିଲା। ଟେକା ଫିଙ୍ଗିବାର କାରଣ ସମ୍ବନ୍ଧରେ ପ୍ରଶ୍ନ ପଚରା ଯିବାରୁ ବୁଢ଼ୀଟି ଯେଉଁ ଉତ୍ତର ଦେଲା ତାହା ହିଁ କବିତାର ମୁଖ୍ୟ ସ୍ୱର। ବୁଢ଼ୀଟି ତିନିଦିନ ଧରି କିଛି ଖାଇ ନ ଥିଲା। କ୍ଷୁଧାରେ ଆତୁର ହୋଇ ସେ ଫଳଟିଏ ପାଇବା ଆଶାରେ ଗଛକୁ ଟେକାଟିଏ ଫିଙ୍ଗିଥିଲା। ମାତ୍ର ନିର୍ଦ୍ଦୟ ଟେକାଟା ସିଧା ଯାଇ ରାଜାଙ୍କ କପାଳରେ ଆଘାତ କଲା। ଘଟଣାଟି ଏବେକାର ନେତାଙ୍କ ପ୍ରତି ବିରୋଧୀ ଦଳର ଅଣ୍ଡା ବା ବିଲାତି ବାଇଗଣ ଫିଙ୍ଗିବାପରି ଯୋଜନାବଦ୍ଧ ନ ଥିଲା, ବରଂ ଜଣେ କ୍ଷୁଧାର୍ତ୍ତ ମଣିଷର କ୍ଷୁଧା ନିବାରଣ ପାଇଁ ଏକ ପ୍ରୟାସ ଥିଲା। ରାଜା ଘଟଣାର ଗୁରୁତ୍ୱ ଅନୁଭବ କଲେ। ତେଣୁ ବିଜ୍ଞ ରାଜା ବୁଢ଼ୀକୁ କ୍ଷମାପ୍ରାର୍ଥନା କରି କହିଲେ– ମୁଁ ଆଜି ପର୍ଯ୍ୟନ୍ତ ଅନ୍ଧାରରେ ଥିଲି। ଚାଟୁକାରଙ୍କ ମୁହଁରୁ ପ୍ରଶଂସା ଶୁଣି ମୋ ଶାସନ ଠିକ୍ ଚାଲିଛି ବୋଲି ଭାବି ଖୁସି ଥିଲି। ଆଜି ଜାଣିଲି, ମୋ ରାଜ୍ୟରେ ଏମିତି ଅନେକ ଭୋକିଲା ଲୋକ ଶଢୁଛନ୍ତି। ଶାସନ ଠିକ୍ ଚାଲୁନାହିଁ। ଆଜି ତୁ ମୋତେ ମହାଶିକ୍ଷା ଦେଲୁ।

ବହୁ ପୁରୁଣା କାହାଣୀର ଘଟଣାକୁ ଲେଉଟେଇ ଆଣିଛି ବିଶ୍ୱ ମହାମାରୀ କରୋନା। ପାଠକେ ଚିନ୍ତା ପ୍ରକଟ କରୁଥିବେ, ଏ କି ଅଭିଲା କଥା ! କରୋନା ପୁଣି କି ଶିକ୍ଷା ଦେବ! କଥାଟା ଜମା ଅଭିଲା ନୁହେଁ। ଆମ ଧନ ଜୀବନକୁ ବିପନ୍ନ କରୁଥିବା କରୋନାର ଆର ଦିଗଟାକୁ ଦେଖିଲେ କଥାର ଗୁମରଟା ବୁଝିପାରିବେ। କେଉଁ କାଳରୁ ଛୁଆଁ ଅଛୁଆଁ ଭାବ ଆମ ସମାଜକୁ ଦି'ଫାଳ କରିଦେଇଛି। ଅବଶ୍ୟ କିଛି ଗୁଣୀଜନ ଏହାକୁ ଭୁଲି ଗଲେଣି, କିନ୍ତୁ ସମାଜରୁ ପୂରା ଲିଭି ନାହିଁ। ଆମେ କ'ଣ କେବେ ଭାବିଛୁ ଜଣକୁ ଅସ୍ପୃଶ୍ୟ ବୋଲି କହିଲେ ତାକୁ କେତେ କଷ୍ଟ ହୁଏ? ଏବେ କରୋନା ଆମ ସମସ୍ତଙ୍କୁ ଅସ୍ପୃଶ୍ୟ କରିଦେଇଛି। ଅଫିସର, ପିଅନ, ସ୍ୱାମୀ, ସ୍ତ୍ରୀ, ଭାଇ, ବନ୍ଧୁ ସମସ୍ତେ ପରସ୍ପରଠାରୁ ଅଛୁଆଁ ହେଇଯାଇଛନ୍ତି। ଜଣେ ଆର ଜଣକୁ ଦେଖିବାମାତ୍ରେ ଛୁଇଁଦେବା ଭୟରେ ଡେଇଁ ପଡୁଛି। ଅନ୍ୟ କଥା ଛାଡ଼ନ୍ତୁ, ସ୍ୱାମୀ ଆ–ଛୁଁ କହିଲା ମାତ୍ରେ ସ୍ତ୍ରୀ ତା'ପାଇଁ ଅଲଗା ବିଛଣା ପାରିଦେଉଛି। ପୂର୍ବରୁ ବାଟରେ ଘାଟରେ ବନ୍ଧୁ କି ବାନ୍ଧବୀ ଦେଖା ହୋଇଗଲେ ଆମେ ଆନନ୍ଦରେ କୁରୁଳି ଉଠି କୁଣ୍ଢେଇ ପକାଉଥିଲୁ। ଏବେ ସେ ଭାବ ନାହିଁ। ଆଧୁନିକ ପୁଅ ଝିଅଙ୍କ କଥା ତ କହି ହେବନାହିଁ। ସବୁ ଲାଜ ସରମକୁ ଭୁଲି ଯାଉଥିଲେ। କୁଣ୍ଢେଇ ପକେଇ କହୁଥିଲେ, ଏଇଟା ହଗ୍– ଅବିକା ଷ୍ଟାଇଲ। ଏବେ କରୋନାକୁ ଡରି ସେମାନେ ଘରେ ମୁହଁ ମାଡ଼ି ମୋବାଇଲରେ ଚାଟ୍ କରୁଛନ୍ତି ସିନା, ଆଗପରି ଏ ହଗ୍‌ର ଭିଡ଼ ଆଉ ନାହିଁ। ଅକ୍ଷୟ ମହାନ୍ତିଙ୍କର ସେ ତିନିକୋଣିଆ ବଗିଚା ହେଉ, ଇନ୍ଦିରା ପାର୍କ କି ଆଉ କୋଉ ପାର୍କ ହେଉ କୋଉଠି ଆଉ ଆଗପରି ଭିଡ଼ ଜମୁନାହିଁ। ସବୁଠି ଶୂନଶୂନିଆ। କେବଳ ସେତିକି ନୁହେଁ, ପୂର୍ବରୁ ଲାଞ୍ଚିଟେକା ବାଇକ୍ ଉପରେ ବସି ଯେମିତି ଏମାନେ ବଜାର ସହରରେ ଘୂରି ବୁଲୁଥିଲେ, ଆଜି କରୋନା ଆଉ ପୋଲିସ୍ ମାଡ଼ ଭୟରେ ସେ ଦୃଶ୍ୟ ଦେଖିବାକୁ ମିଳୁନାହିଁ। କରୋନାଟା ଆସିଲା ବୋଲି ସିନା ଜୋରଜବରଦସ୍ତ ହେଉ ପଛେ, ସଂଯମତା କ'ଣ ଶିଖେଇ ଦେଇଛି?

ସହରୀ ଟୋକା ଆଉ ସହରୀ ଷଣ୍ଢଗୁଡ଼ାକ କାଳ କାଳକୁ ଅମାନିଆ। ଷଣ୍ଢଗୁଡ଼ାକ ସିନା ପଶୁ, ମାତ୍ର ଏ ଟୋକାଗୁଡ଼ାକ ମଣିଷ ହୋଇ ବି ସେମାନଙ୍କ ଭଳିଆ। ଛକରେ ଜଗି ବସିଥିବେ। ଝିଅବୋହୂଙ୍କୁ ଅଶ୍ଳୀଳ ଇଂଗିତ ଦେବେ, ବାଟୋଇମାନଙ୍କୁ ହଇରାଣ କରିବେ, ଏଇମିତି ଯାବତୀୟ ଅସାମାଜିକ କାର୍ଯ୍ୟ ନ କଲେ ଭାତ ହଜମ ହେଉ ନ ଥିଲା। ଏବେ ସେମାନେ ନିର୍ବାଚନରେ ହାରିଯାଇ ଘରେ ମୁହଁମାଡ଼ି ପଡ଼ିଥିବା ନେତାଙ୍କ ପରି ଘରେ ମୁହଁମାଡ଼ି ପଡ଼ିଛନ୍ତି। ବାଟ ଘାଟରେ ୟାଙ୍କର ଆଉ ହାକିମାତି ଦେଖିବାକୁ ମିଳୁନି। ହାୟରେ କରୋନା! ତୁ କ'ଣ ନ କଲୁ ସତେ? ଏମାନଙ୍କୁ ହିରୋରୁ ଜିରୋ ବନେଇ ଦେଲୁ!

ଆମ ଘରଣୀଙ୍କ କଥା ଶୁଣୁନାହାନ୍ତି। ତାଙ୍କର ଦିନକୁ ଦିନ ଓଜନ ବଢୁଥିଲା, ହେଲେ ସେ ହଲଚଲ ହେଉ ନ ଥିଲେ। ଟିଭିର ରିମୋର୍ଟ ଆଣିବାକୁ ହେଲେ ଅନ୍ୟର ସାହାଯ୍ୟ ଲୋଡୁଥିଲେ। ଘର ପୋଛା, ବାସନ ମାଜିବା, ଲୁଗା ସଫା କରିବା ପରି ଯେତେ କାମ ସବୁଥିରେ ସେବିକା ଦରକାର ପଡୁଥିଲା। ଏବେ କରୋନା ଆସିବାରୁ ଶ୍ରୀମତୀ ଭୟରେ ଆଉ କାହାକୁ ଆସିବାପାଇଁ ଦେଉ ନାହାନ୍ତି। କଷ୍ଟ ହେଉପଛେ ସବୁ କାମ ନିଜେ କରୁଛନ୍ତି। ସକାଳୁ ସକାଳୁ ତାଙ୍କର ଝାଳ ସରସର ମୁହଁ ଦେଖିଲେ ଦୁଃଖ ଲାଗୁଛି ସତ, କିନ୍ତୁ ହିମାଳୟର ବରଫ ପରି ତାଙ୍କର ଚର୍ବିଗୁଡ଼ାକ ତରଳିଯାଇ ଓଜନ କମିଯାଉଥିବାର ଦେଖି ଖୁସି ଲାଗୁଛି। କରୋନା ଆସି ନ ଥିଲେ ଶ୍ରୀମତୀଙ୍କର ଚଳପ୍ରଚଳ ପାଇଁ ଆଉ ଦୁଇଜଣ ସେବିକାର ଆବଶ୍ୟକତା ପଡ଼ିଥାନ୍ତା। କେବଳ ଆମ ଶ୍ରୀମତୀ କାହିଁକି, ଆମେ କ'ଣ କମ୍ କି? ସକାଳ ଛଅଟାରେ ବାଡ଼ି ଖଣ୍ଡେ ଧରି ମର୍ନିଂ ୱାକ୍‌ରେ ବାହାରି ଯାଉଥିଲୁ। ସାଙ୍ଗସାଥୀଙ୍କ ମେଳରେ ବୁଲାବୁଲି କରି ଦୋକାନରୁ ଚାହା ପିଇ ଘରକୁ ଫେରିବାବେଳକୁ ସକାଳ ନଅଟା। ତରବରରେ ଗାଧୋଇପଡ଼ି ଅଫିସ୍ ବାହାରି ଯାଉଥିଲୁ। ଘରକାମ କରିବାକୁ ଆମର ବେଳ ଅଣ୍ଟୁ ନ ଥିଲା। ଏବେ ମର୍ନିଂ ୱାକ୍ ବନ୍ଦ। ପେଟଟା ଚକ୍ରବୃଦ୍ଧି ସୁଧ ହାରରେ ବଢ଼ିଲାପରି ବଢ଼ିଯାଉଛି। ତେଣୁ ଅନ୍ୟ ଉପାୟ ନ ପାଇ ବାଡ଼ିରେ କୋଦାଳ ଧରି ମାଟି ହାଣୁଛୁ। ବାଡ଼ିରେ ଶାଗ ଆଉ ନାନା କିସମର ଫୁଲ ଗଛ ହସୁଛନ୍ତି। ଧନ୍ୟରେ କରୋନା,ତୁ ଶିଖାଇଦେଲୁ ଶ୍ରମର ମୂଲ୍ୟ।

ଆମ ସଂସ୍କୃତି ସ୍ୱଚ୍ଛତାକୁ ଗୁରୁତ୍ୱ ଦିଏ। କିନ୍ତୁ ଅଧିକାଂଶ ଲୋକ ଘରକୁ ଫେରିଲାପରେ ଯେନତେନ ହାତଗୋଡ଼ ଧୋଇଦେଉଥିଲେ, ଲୁଗାପଟା କଥା କିଏ ବା ପଚାରେ। କିନ୍ତୁ କରୋନା ଆସିବାପରେ ହାତ,ମୁହଁ ଧୋଇବାକୁ ତର ସହୁନି, ଲୁଗାପଟା ପରିଷ୍କାର କରିବାକୁ ପଡୁଛି। ଘରଦ୍ୱାରକୁ କେତେଥର ସଫା କରାଯାଉଛି ତା'ର ହିସାବ ନାହିଁ। କରୋନା ଆମକୁ ସ୍ୱଚ୍ଛତାର ମୂଲ୍ୟ ବୁଝାଇ ଦେଇଛି।

ରାତି ପାହିଲେ ଝିଅଟା କଲେଜ ବାହାନା କରି ସାଙ୍ଗ ଘରକୁ ପଳାଉଥିଲା, ପୁଅଟା ତ ଚାରି ଦୌଡ଼ିକଟା। ସକାଳୁ ସଞ୍ଜଯାଏ ଦର୍ଶନ ମିଳେନାହିଁ। କୁଆଡ଼େ ଯାଏ କ'ଣ କରେ ତା'ର ଖବର କିଛି ମିଳେନାହିଁ। ଶ୍ରୀମତୀଙ୍କ କଥା ନ କହିଲେ ଭଲ। ପାଖ ଠାକୁରଙ୍କଠାରୁ ଦୂର ଠାକୁରମାନେ ବେଶି ପାୱାରଫୁଲ ବୋଲି ତାଙ୍କର ବିଶ୍ୱାସ ଅଛି କି କ'ଣ କେଜାଣି ସବୁବେଳେ ଅଟୋରିକ୍ସା କି ବସ୍ ଟ୍ରେନ୍ ଧରି ତୀର୍ଥ କରିବାକୁ ବାହାରି ଯାଆନ୍ତି। ଯେତେବେଳେ ଘର ଭିତରକୁ ପଶିଲେ ଶୂନ୍ ଶାନ୍ ଲାଗୁଥିଲା। ଏବେ କରୋନା ଭୟରେ ସମସ୍ତେ ଘର ଭିତରେ ପଡ଼ିଛନ୍ତି। କରୋନାର ଦୁଃଖ ସତ୍ତ୍ୱେ ସମସ୍ତଙ୍କୁ ଘର ଭିତରେ ପାଇ ମନଟା ଖୁସିରେ ନାଚି ଉଠୁଛି। ମନେପଡୁଛି– ''ବୈକୁଣ୍ଠ ସମାନ ଆହା ଅଟେ ସେହି ଘର। ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।'' କରୋନା ଆସିବାରୁ ମୁଁ ଆଜି ମୋ ପରିବାରର ସୁଖ ଅନୁଭବ କରିପାରୁଛି ସିନା।

ସୁଧୀଜନେ, ଏହିପରି ଅନେକ ଶିକ୍ଷା ମିଳିଛି କରୋନା ଦାଉରୁ। ଦୁଃଖ ଭିତରୁ ସୁଖ ପାଇବାର କଳା ହିଁ ଜୀବନର ଗୋଟିଏ ଉତ୍ତମ ଧାରା। କରୋନା ଦୁଃଖ, ଭୟ, ଆଶଙ୍କା ସବୁକିଛି ଦେଇଛି। ବିଶ୍ୱକୁ ଏକପ୍ରକାର ପଙ୍ଗୁ କରିଦେଇଛି। ତଥାପି ଆମକୁ ସକାରାତ୍ମକ ଭାବନାରେ ଜିଇବାକୁ ହେବ। ତେଣୁ କରୋନା ସମୟରେ ଧୈର୍ଯ୍ୟ ଓ ସଂଯମତା ଆଚରଣ କରି କରୋନାକୁ ମୁକାବିଲା କରିବାର ଶ୍ରେଷ୍ଠ ପନ୍ଥା। ଏହି ଧୈର୍ଯ୍ୟ ଏବଂ ସଂଯମ ଆଚରଣର ଶିକ୍ଷା ଦେଇଛି କରୋନା। ବିପଦକୁ ସାମ୍ନା କରିବାକୁ ଶିଖାଇଛି। ଏହା ହିଁ ଜୀବନ ଜୀବିକା ପାଇଁ ମହାଶିକ୍ଷା।

ବାସୁଦେବବାସ୍ୟମ୍
ଜଗନ୍ନାଥବିହାର, ବାଇପାସ, ଭଦ୍ରକ
ମୋ–୭୯୭୮୯୦୩୫୦୯

# ବୈଦିକ ଦର୍ଶନ ଏକ ବିଶ୍ଳେଷଣ



ଡା. ଗୋପାଳ ଚନ୍ଦ୍ର ଦାଶ

ଦର୍ଶନ ଶବ୍ଦର ଅର୍ଥ ହେଲା ଯାହା ଦ୍ୱାରା ଦେଖାଯାଏ। 'ଦୃଶ୍ୟତେ ଅନେନ ଇତି ଦର୍ଶନମ'– ଯେଉଁ ଜ୍ଞାନ ଦ୍ୱାରା ସତ୍–ଅସତ୍ ଭାବନା ବିଶ୍ଳେଷିତ ହୁଏ ତାହା ହେଉଛି ଦର୍ଶନ। ମନୁଷ୍ୟ ଏକ ଜ୍ଞାନପିପାସୁ ପ୍ରାଣୀ। ଧରାପୃଷ୍ଠରେ ଅବତରଣ ପରେ ଦୁଇ ଚକ୍ଷୁ ଉନ୍ମୀଳନ କରିବା ସମୟରୁ ମନୁଷ୍ୟ ନିଜର ଚତୁଃପାର୍ଶ୍ୱରେ ଅସଂଖ୍ୟ ଜଡ଼ ଓ ଚେତନ ପଦାର୍ଥ ଦେଖିଥାଏ ଏବଂ ସେମାନଙ୍କ ସମ୍ବନ୍ଧରେ ଜାଣିବାକୁ ଇଚ୍ଛା ପ୍ରକାଶ କରିଥାଏ। ଏହି ଜିଜ୍ଞାସାଲବ୍ଧ ଜ୍ଞାନର ନାମ ଦର୍ଶନ। ତେଣୁ ଦର୍ଶନ ହେଉଛି ଏକ ଅନ୍ତର୍ଦୃଷ୍ଟି, ଯାହାଦ୍ୱାରା ପ୍ରକୃତ ସତ୍ୟକୁ ଅବଧାରଣା କରାଯାଇଥାଏ।

ଭାରତୀୟ ଦର୍ଶନର ମୂଳ ଉତ୍ସ ହେଉଛି ବେଦ ଓ ବ୍ରାହ୍ମଣ ଗ୍ରନ୍ଥ। ଋକ୍‌ବେଦ କାଳରେ ବୈଦିକ ଧର୍ମ ଓ ଦର୍ଶନ ମଧ୍ୟରେ ବିଭାଜନ ରେଖା ନ ଥିଲା। ପରବର୍ତ୍ତୀ କାଳରେ ଭାରତୀୟ ଦର୍ଶନର ଅଭ୍ୟୁଦୟ ଓ କ୍ରମବିକାଶ ବୈଦିକ ପରମ୍ପରାରେ ଏକ ବଳିଷ୍ଠ ପ୍ରଭାବ ପକାଇଥିଲା। ବୈଦିକ ଆର୍ଯ୍ୟମାନେ ନିଜର ତୀକ୍ଷ୍ଣ ଧୀଶକ୍ତି ବଳରେ ପ୍ରକୃତିର ନିଗୂଢ଼ ସତ୍ୟକୁ ଆବିଷ୍କାର କରି ଜୀବନର ପ୍ରକୃତ ଅର୍ଥ ବୁଝିବାରେ ସକ୍ଷମ ହୋଇପାରିଥିଲେ। ଅସତ୍ୟ ଓ ଅଧର୍ମକୁ ଛାଡ଼ି ସହଜାତ ଜ୍ଞାନ ବଳରେ ଆଲୋକମୟ ପଥରେ ଅଗ୍ରସର ହେବାକୁ ସମର୍ଥ ହୋଇପାରିଥିଲେ। ସେମାନଙ୍କର ବିଚାର ଓ ବିଶ୍ଳେଷଣର ଧାରା ଭାରତୀୟ ଦର୍ଶନଗୁଡ଼ିକୁ ସୃଷ୍ଟି କରିଥିଲା।

କାରଣ ନ ଥାଇ କାର୍ଯ୍ୟର ଉତ୍ପତ୍ତି ସମ୍ଭବ ନୁହେଁ। ଜଗତର ସକଳ ବସ୍ତୁର ସୃଷ୍ଟି ପଛରେ କିଛି ନା କିଛି ଆବଶ୍ୟକତା ଅଛି। ଏହି ଆବଶ୍ୟକତାଗୁଡ଼ିକ ସମ୍ବନ୍ଧରେ ବିଶେଷ ଜ୍ଞାନ ଦର୍ଶନ ଶାସ୍ତ୍ରରେ ପ୍ରତିଭାତ ହୋଇଥାଏ। ଜାଗତିକ ସକଳ ବସ୍ତୁର ସୂକ୍ଷ୍ମାତିସୂକ୍ଷ୍ମ ଉତ୍ସ ସମ୍ବନ୍ଧରେ ବ୍ୟାଖ୍ୟା ହେଉଥିବାରୁ ଦର୍ଶନର ଜୀବନ ସହିତ ଘନିଷ୍ଠ ସମ୍ବନ୍ଧ ରହିଛି। ଉଭୟର ଲକ୍ଷ୍ୟ ହେଲା ମୋକ୍ଷ ବା ନିଃଶ୍ରେୟସ ପ୍ରାପ୍ତି। ତେଣୁ ଦର୍ଶନ ଓ ଜୀବନ ହେଉଛି ଗୋଟିଏ ମାତ୍ର ଲକ୍ଷ୍ୟର ଦୁଇଟି ଫଳଶ୍ରୁତି। ଦର୍ଶନ ଦେଖାଦେଇଥାଏ ସୈଦ୍ଧାନ୍ତିକ ରୂପରେ ଏବଂ ଜୀବନ ଦେଖାଦେଇଥାଏ ବ୍ୟବହାରିକ ରୂପରେ।

ବୈଦିକ ଋଷିମାନେ ବେଦ ମନ୍ତ୍ରର ଅନ୍ତର୍ନିହିତ ଗୋପନ ବାଣୀଗୁଡ଼ିକର ତାତ୍ପର୍ଯ୍ୟ ନିଜର ସହଜାତ ଜ୍ଞାନ ବଳରେ ବୁଝିପାରୁଥିଲେ ଓ ପ୍ରାଣେ ପ୍ରାଣେ ଉପଲବ୍ଧି କରିପାରୁଥିଲେ। ସେମାନଙ୍କର ବୈଦିକ ଜ୍ଞାନ ଥିଲା ସମ୍ପୂର୍ଣ୍ଣ ଅନୁଭୂତିଲବ୍ଧ। ଅନେକତାର ଏକତାର ସନ୍ଧାନ ପାଇବା ଥିଲା ସେମାନଙ୍କର ଜୀବନର ଲକ୍ଷ୍ୟ। ସୃଷ୍ଟି ରହସ୍ୟ ଯଥା– ସୃଷ୍ଟି କ'ଣ ଓ କିପରି ଆଦି ପ୍ରଶ୍ନଗୁଡ଼ିକ ସମ୍ବନ୍ଧରେ ଭୌତିକ ବିଜ୍ଞାନ ଗବେଷଣା କରୁଥିଲେ ମଧ୍ୟ, ସୃଷ୍ଟି କାହିଁକି ଓ କାହାପାଇଁ ଏ ସମ୍ବନ୍ଧରେ ପ୍ରଶ୍ନଗୁଡ଼ିକର ଉତ୍ତର କେବଳ ଭାରତୀୟ ଦର୍ଶନ ଶାସ୍ତ୍ର ହିଁ ଦେଇଥାଏ। ତେଣୁ ପାଶ୍ଚାତ୍ୟ ଦର୍ଶନ ଭଳି ଭାରତୀୟ ଦର୍ଶନ କେବଳ ଧୀନିଷ୍ଠ ନୁହେଁ, ଏହା ଉଭୟ ଧୀନିଷ୍ଠ ଓ ଅନୁଭୂତିନିଷ୍ଠ।

ମାନବ ଜୀବନର ଚରମ ଲକ୍ଷ୍ୟ ହେଲା ମୋକ୍ଷ ପ୍ରାପ୍ତି। ସେହି ମୋକ୍ଷ ପ୍ରାପ୍ତି ପାଇଁ ବିଭିନ୍ନ ପନ୍ଥା ବୈଦିକ ଦର୍ଶନରେ ଦେଖିବାକୁ ମିଳିଥାଏ। ସେଗୁଡ଼ିକୁ ମୁଖ୍ୟତଃ ତିନିଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଥାଏ– ଜ୍ଞାନ ମାର୍ଗ, କର୍ମ ମାର୍ଗ ଓ ଭକ୍ତି ମାର୍ଗ। ଏହି ତିନି ମାର୍ଗର ଆଦ୍ୟ ଝଙ୍କାର ବେଦରେ ମିଳିଥାଏ। ବୈଦିକ ଆର୍ଯ୍ୟମାନଙ୍କର ଧର୍ମ ସମ୍ବନ୍ଧରେ ଜ୍ଞାନ ବହୁମୁଖୀ। ଏହି ଅନୁଭବାତ୍ମକ ବୈଦିକ ଜ୍ଞାନଗୁଡ଼ିକୁ ସମନ୍ୱିତ ପୂର୍ବକ ଏକ ସୂତ୍ର ଆକାରରେ ଏକତ୍ର ବାନ୍ଧି ରଖିବା ବୈଦିକ ଦର୍ଶନର ଲକ୍ଷ୍ୟ। ଅନ୍ତିମରେ ଏତିକି କୁହାଯାଇପାରେ ଯେ ବୈଦିକ ଯୁଗରେ ବୁଣାଯାଇଥିବା ମୂଳବୀଜ ବେଦୋତ୍ତର କାଳରେ ଫଳଶ୍ରୁତି ହୋଇଥିଲା ଭାରତୀୟ ଷଡ଼ ଦର୍ଶନରେ।

ଭାରତର ଦର୍ଶନ ଶାସ୍ତ୍ରଗୁଡ଼ିକ ଦୁଇ ଶ୍ରେଣୀରେ ବିଭକ୍ତ– ଆସ୍ତିକ ଓ ନାସ୍ତିକ। ବେଦ ଓ ଉପନିଷଦ ଉପରେ ଆଧାରିତ ଛଅଟି ଦର୍ଶନ ଆସ୍ତିକ। ସେଗୁଡ଼ିକ ହେଲା– ସାଂଖ୍ୟ, ଯୋଗ, ନ୍ୟାୟ, ବୈଶେଷିକ, ମିମାଂସା ଓ ବେଦାନ୍ତ ଦର୍ଶନ। ଏଗୁଡ଼ିକର ରଚୟିତା ମୁନୀମାନେ ହେଲେ– କପିଳ, ଗୌତମ, କଣାଦ, ଜୈମିନି, ପାତଞ୍ଜଳି ଓ ବ୍ୟାସଦେବ। ସାଂଖ୍ୟ– କପିଳ, ଯୋଗ–ପାତଞ୍ଜଳି, ବୈଶେଷିକ–କଣାଦ, ମିମାଂସା–ଜୈମିନି, ନ୍ୟାୟ–ଗୌତମ, ବେଦାନ୍ତ–ବ୍ୟାସ।

ବୌଦ୍ଧ, ଜୈନ ଓ ଚାରବାଙ୍କ ଦ୍ୱାରା ରଚିତ ଦର୍ଶନ ନାସ୍ତିକ। ସାଂଖ୍ୟ ଦର୍ଶନ ସର୍ବତମ ପୁରାତନ ଓ ବେଦାନ୍ତ ଦର୍ଶନ ବୈଦିକ କାଳର ଅନ୍ତିମ ଭାଗର ରଚନା ହୋଇଥିବାରୁ ନୂତନ ଅଟେ। ଦର୍ଶନଗୁଡ଼ିକ ପରବର୍ତ୍ତୀ କାଳରେ ବିଭିନ୍ନ ମହାପୁରୁଷ ଭାଷ୍ୟ ବା ଟୀକା କରିଛନ୍ତି। ଭାଷ୍ୟକାରିଙ୍କ ମତ ଭିନ୍ନ ହୋଇଥିବାରୁ, ବେଳେ ବେଳେ ପାଠକ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ। ସମସ୍ତ ଦର୍ଶନ ଶାସ୍ତ୍ରର ଏକମାତ୍ର ମୂଳ ଉଦ୍ଦେଶ୍ୟ ଦୁଃଖରୁ ନିବାରଣ ଓ ସୁଖ ବା ମୋକ୍ଷ୍ୟ ପ୍ରାପ୍ତି। ବିଭିନ୍ନତା ମଧ୍ୟରେ ଏକତା ଦର୍ଶନ ଶାସ୍ତ୍ରର ମୂଳ ମନ୍ତ୍ର। ୨୫ ଗୋଟି ତତ୍ତ୍ୱକୁ ନେଇ ସାଂଖ୍ୟ ଦର୍ଶନ, ୬ ପଦାର୍ଥକୁ ନେଇ ବୈଶେଷିକ ଦର୍ଶନ, ୧୬ ନିୟମକୁ ନେଇ ନ୍ୟାୟ ଦର୍ଶନ। ୮ ଗୋଟି ଅଙ୍ଗକୁ ନେଇ ଯୋଗ ଦର୍ଶନ, କର୍ମ ସିଦ୍ଧାନ୍ତକୁ ନେଇ ମିମାଂସା ଓ ଜ୍ଞାନ ସିଦ୍ଧାନ୍ତକୁ ନେଇ ବେଦାନ୍ତ ଦର୍ଶନ ରଚନା କରାଯାଇଛି।

ଚିକିତ୍ସା ନିର୍ଦ୍ଦେଶକ, ପୂର୍ବତଟ ରେଳୱେ, ଭୁବନେଶ୍ୱର
ମୋ: ୮୪୫୫୮୮୭୫୦୧

## ଏଇ ଭାରତରେ

ଲକ୍‌ଡାଉନ ସମୟରେ ଜୀବିକା ହରାଇଥିବା ଲୋକମାନେ କିଚେନ୍ ଗାର୍ଡେନ୍ ମାଧ୍ୟମରେ ପରିବାର ଆବଶ୍ୟକତା ମେଣ୍ଟାଉଛନ୍ତି ଗୁଜରାଟର ହଜାର ହଜାର ପରିବାର। ଭାବନଗର, ଦାହୁଦ, ମହିସାଗର ଓ ପଞ୍ଚମହଲ ଜିଲାର ପ୍ରାୟ ୫୩ଟି ଗାଁରେ ୨ ହଜାରରୁ ଊର୍ଦ୍ଧ୍ୱ ପରିବାର କିଚେନ ଗାର୍ଡେନରେ ପରିବା ଚାଷ କରୁଛନ୍ତି। 'ଉତ୍ଥାନ' ନାମକ ବେସରକାରୀ ସଂସ୍ଥା ଦ୍ୱାରା 'ଗାର୍ଡେନ୍ସ ଅଫ୍ ହୋପ୍ ବା ଏମର୍ଜେନ୍ସି କିଚେନ ଗାର୍ଡେନ' ଅଭିଯାନ ମାଧ୍ୟମରେ ଗ୍ରାମ ପଞ୍ଚାୟତ ଓ ସ୍ଥାନୀୟ ସଂସ୍ଥାମାନଙ୍କ ସହଯୋଗରେ ଏହି ଗାର୍ଡେନ କରାଯାଉଛି। ବିଶେଷ କରି ମହିଳାମାନେ ଗାର୍ଡେନରେ ଜୈବିକ ପଦ୍ଧତିରେ ଲାଉ, ଗୁଆଁର, ଭେଣ୍ଡି, ଝୁଡ଼ଙ୍ଗ, କଲରା ଓ ଜହ୍ନି ଆଦି ଚାଷ କରୁଛନ୍ତି। ଯେଉଁ ପରିବାରରେ କିଚେନ ଗାର୍ଡେନ କରିବା ପାଇଁ ସୁବିଧା ନାହିଁ ସେମାନଙ୍କୁ ଏମାନେ ପରିବା ଦେଉଛନ୍ତି। ପରିବା ଉତ୍ପାଦନ କରୁଥିବା ଗୋଟିଏ ପରିବାର ଅନ୍ୟ ତିନି ପରିବାରକୁ ପରିବା ଯୋଗାଇ ଦେଉଛି। ଫଳରେ ୭,୫୦୦ ପରିବାର ଏହାଦ୍ୱାରା ଉପକୃତ ହେଉଛନ୍ତି ଓ ଏହି ପରିବାରଗୁଡ଼ିକ ସେମାନଙ୍କର ପୌଷ୍ଟିକ ଆବଶ୍ୟକତା ପୂରଣ କରିପାରୁଛନ୍ତି। ଉତ୍ଥାନ ସଂସ୍ଥା ମୋଟରେ ୨,୫୧୪ଟି ପରିବାରକୁ କିଟ୍ ବିତରଣ କରିଛି। ପରିବାରର ପ୍ରତ୍ୟେକ ବ୍ୟକ୍ତି ଦୈନିକ ୭୦୦ ଗ୍ରାମ ପରିବା କିଚେନ ଗାର୍ଡେନରୁ ପାଇଲେ ତାଙ୍କ ପୌଷ୍ଟିକ ଆବଶ୍ୟକତା ସୁନିଶ୍ଚିତ ହୋଇପାରିବ ବୋଲି ଏଭଳି ଅଭିଯାନ ଚାଲୁ କରାଯାଇଥିବା ସଂସ୍ଥା ପକ୍ଷରୁ କୁହାଯାଇଛି। ଆଗକୁ ଆଉ ୫ ହଜାର ପରିବାରକୁ ଏହି ଅଭିଯାନରେ ସାମିଲ କରିବାର ଲକ୍ଷ୍ୟ ରଖିଛି ଉତ୍ଥାନ।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ସେପ୍ଟେମ୍ବର ୧୯୯୫

- ଉପଲର ପାଣିପାଗ ରାଡାର ପଦ୍ଧତି ନିର୍ମାଣ କରିବା ପାଇଁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଓ ଭାରତୀୟ ପାଣିପାଗ ବିଭାଗ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ।
- ଶ୍ରୀଲଙ୍କା ପାର୍ଲାମେଣ୍ଟ ଉପରେ ବିମାନ ମାଡ଼ କରିବା ପାଇଁ ଏଲ୍‌ଟିଟିଇ ଉଦ୍ୟମ କରୁଥିବାର ସୂଚନା ମିଳିବା ପରେ ଦେଶରେ ସବୁ ସରକାରୀ ଓ ଘରୋଇ ବିମାନ ଉଡ଼ାଣକୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବାତିଲ କରିଦିଆଯାଇଛି।
- ଲଗାତର ଦୁଇବର୍ଷ ପାଇଁ କେନ୍ଦ୍ର ସରକାରଙ୍କ ଖାଦ୍ୟ ବିଭାଗ 'ଇନ୍ଦିରାଗାନ୍ଧୀ ରାଜଭାଷା' ସିଲ୍‌ଡ ଲାଭ କରିଛି।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | B | | | 9 | 0 | C | | | | 8 | | | | |
| 4 | | | A | | | 2 | | | | | 0 | D | | 6 |
| 9 | D | E | 8 | 4 | | 7 | | | 6 | | | | | |
| | A | | | | | | | | | | E | 5 | | |
| 6 | | 0 | | | 5 | | | | | | 9 | | B | |
| 3 | 9 | | 2 | C | | | | | A | | 5 | | | |
| E | 4 | 5 | 1 | | | 3 | | | | | C | | | |
| | | | E | | 3 | | D | | | | 8 | 0 | 7 | |
| D | | A | | | B | | | | | E | 3 | | 9 | 5 |
| | | 6 | | | 8 | | | | | | | | 1 | D |
| | | | | 0 | 2 | | | | | | | | | |
| | 1 | | 6 | 5 | | | | 0 | | | | | | B |
| | | | 9 | | E | | | | 5 | | D | | | 3 |
| | | | | B | A | | | E | | 4 | 2 | C | 0 | |
| | | 2 | C | | | | A | | | 9 | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | A | 3 | 2 | 7 | 8 | 4 | 9 | B | 1 | C | E | 6 | 0 | D |
| 6 | D | 2 | E | 1 | 0 | A | 3 | C | 4 | 5 | B | 8 | 9 | 7 |
| E | 1 | C | 4 | 3 | 6 | 7 | 2 | 8 | 0 | 9 | D | 5 | B | A |
| B | 7 | 4 | A | C | 9 | D | 0 | 5 | 6 | 2 | 8 | E | 3 | 1 |
| 8 | 9 | 0 | 5 | D | B | 6 | 1 | E | 7 | A | 3 | 2 | C | 4 |
| D | 8 | A | 0 | 5 | E | B | 6 | 9 | 3 | 1 | 4 | C | 7 | 2 |
| 2 | 4 | E | B | 6 | A | C | 7 | 3 | 9 | D | 5 | 1 | 8 | 0 |
| 3 | 6 | 1 | 9 | 4 | C | E | A | 0 | 8 | 7 | 2 | B | D | 5 |
| 0 | 5 | 9 | 7 | 2 | 3 | 1 | 8 | D | A | B | C | 4 | E | 6 |
| 7 | C | B | 1 | 8 | D | 2 | 5 | 4 | E | 6 | 0 | 9 | A | 3 |
| 1 | E | 7 | 8 | 9 | 2 | 5 | D | A | B | 3 | 6 | 0 | 4 | C |
| A | 3 | D | 6 | E | 4 | 9 | B | 2 | C | 0 | 1 | 7 | 5 | 8 |
| 4 | 0 | 6 | C | B | 5 | 3 | E | 1 | D | 8 | 7 | A | 2 | 9 |
| 9 | B | 5 | 3 | 0 | 7 | 8 | C | 6 | 2 | 4 | A | D | 1 | E |
| C | 2 | 8 | D | A | 1 | 0 | 4 | 7 | 5 | E | 9 | 3 | 6 | B |

ଗତକାଲିର ଉତ୍ତର

# ଇମ୍ୟୁନିଟି ବେପାର



ରୁଦ୍ର ପ୍ରସନ୍ନ ରଥ

କରୋନା କାଳରେ ଯେଉଁ କେତୋଟି ଶବ୍ଦ ବେଶ୍ ଜୋରରେ ଶୁଣିବାକୁ ମିଳୁଛି ତାହା ମଧ୍ୟରୁ ବୋଧହୁଏ ସବୁଠାରୁ ଅଧିକ ବ୍ୟବହୃତ ହେଉଥିବା ଶବ୍ଦ ହେଉଛି ଇମ୍ୟୁନିଟି। କରୋନାର କରାଳ ଛାୟା ପୃଥିବୀକୁ ଯେତେ ଜୋରରେ ସଂକ୍ରମିତ କରି ଚାଲିଛି ସେତେ ଜୋରରେ ଏ ଶବ୍ଦର ଜୟଗାନ ଶୁଣିବାକୁ ମିଳୁଛି। ଇମ୍ୟୁନିଟି ନାମକ ଏହି ଇଂଲିଶ ଶବ୍ଦର ଓଡ଼ିଆ ହେଉଛି ରୋଗ ପ୍ରତିରୋଧକ ଶକ୍ତି, ଯାହାର ଚର୍ଚ୍ଚା ସବୁଆଡେ ସବୁବେଳେ ଶୁଣିବାକୁ ମିଳୁଛି। କରୋନାକୁ ମାତ୍ ଦେବାପାଇଁ ଇମ୍ୟୁନିଟି ବଢିବା ଦରକାର ବୋଲି ସମସ୍ତେ କହିବାର ଶୁଣିବାକୁ ମିଳୁଛି। କ'ଣ ଏହି ଇମ୍ୟୁନିଟ୍, ଏହା କିପରି ବଢେ ଏହାକୁ ସହଜରେ କେହି ବୁଝାଇବାରେ ସକ୍ଷମ ହେଉ ନ ଥିଲେ ହେଁ ଏବେ ଇମ୍ୟୁନିଟି ବା ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ଜଣେ ଅନ୍ୟଜଣଙ୍କୁ ଗୁରୁଜ୍ଞାନ ଦେବାକୁ ବାଧ୍ୟ। କରୋନା ବୋଧହୁଏ ଅନେକଙ୍କୁ ଅଧା ଚଉଠେ ଡାକ୍ତର କରିପକାଇଛି ଯେମିତି।

ଏହି ରୋଗପ୍ରତିରୋଧକ ଶକ୍ତି ବଢାଇବା ପାଇଁ ବିଭିନ୍ନ ଲୋକ ବିଭିନ୍ନ ସାମଗ୍ରୀର ପ୍ରଚାର ପ୍ରସାର କରିବାର ବ୍ୟସ୍ତ। କାହାକୁ ଖାଲିପେଟରେ ପିଇବ ତ ଆଉ କାହାକୁ ଶୋଇବା ପୂର୍ବରୁ ଚୋବାଇବ। ପୁଣି କାହାକୁ ବଟାଯାଇ ପିଆହେବ ତ ଆଉ କାହାକୁ ଗୋଟା ଗିଳା ହେବ। ଘରେ ଥିବା ବୁଢୀମା'ଠାରୁ ଆରମ୍ଭ କରି ଗାଁ ମୁଣ୍ଡରେ ପାନ ଦୋକାନ କରିଥିବା ଲୋକ ମଧ୍ୟ ଆପଣଙ୍କୁ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢାଇବାର ବାଟ ବତାଇ ଦେବ। ଅବଶ୍ୟ ବୁଢୀମା' ତୁଳସୀ, ଅଦା, ଲବଙ୍ଗ, ଗୋଲମରିଚ କଥା କହିବା ବେଳକୁ ଅନ୍ୟ କେହି ଆପଣଙ୍କୁ ଦେହଲଗା ତେଲ କିମ୍ବା ଭିଟାମିନ୍ ବଟିକା କଥା କହିବେ। ମୋଟ ଉପରେ କହିବାକୁ ଗଲେ ରୋଗ ପ୍ରତିରୋଧକ ଶକ୍ତି ବଢାଇବାକୁ ହେଲେ ଆପଣଙ୍କୁ ଆପଣଙ୍କ ପକେଟକୁ ଅଳ୍ପ ବହୁତେ ଖାଲି କରିବାକୁ ପଡିବ। ଅବଶ୍ୟ ଏ ଲିଷ୍ଟ ଏତେ ଲମ୍ବା ଆଉ ଏଥିରେ ଏତେ ଭିନ୍ନତା ଅଛି ଯେ ଆପଣ ବିରକ୍ତ କିମ୍ବା ବିସ୍ମିତ ହୋଇଯିବାର ଆଶଙ୍କା ବି ଅଛି। ଆପଣ ବିଚଳିତ ହୋଇପାରନ୍ତି ଯେ ତୁଳସୀ, କାଡା, ହଳଦୀ, ମହୁ ତ ଆମେ ଆମ ଦୈନନ୍ଦିନ ଜୀବନରେ ନିୟମିତ ବ୍ୟବହାର କରି ଚାଲିଛନ୍ତି ତଥାପି କାହିଁକି ଆମେ ଆମ ରୋଗ ପ୍ରତିରୋଧକ ଶକ୍ତିକୁ ନେଇ ଏତେ ସନ୍ଦିହାନ?

କରୋନା ସମୟରେ ଏହି ରୋଗ ପ୍ରତିରୋଧକ ଶକ୍ତି ବେପାର ବଣିଜ ଖୁବ୍ ଜୋର ଧରିଛି। ଖବରକାଗଜରେ ପୃଷ୍ଠା ପୃଷ୍ଠା ବିଜ୍ଞାପନ, ଏଫଏମ୍ ରେଡିଓରେ ଜକିମାନଙ୍କର କାନ ଫଟା ଚିତ୍କାର, ଅମୁକ ଖାଆନ୍ତୁ ଦୁଇ ଦିନରେ ପରିବର୍ତ୍ତନ ଦେଖନ୍ତୁ। ଅମୁକ ପିଅନ୍ତୁ କରୋନାଠାରୁ ଦୂରରେ ରୁହନ୍ତୁ। ଇମ୍ୟୁନିଟି ବଢାଇବା ପାଇଁ ଚାଲିଥିବା ଏହି ଗଣ ଦୌଡରେ ଏଲୋପାଥିକ ଡାକ୍ତରଙ୍କଠାରୁ ଆରମ୍ଭ କରି କବିରାଜ ଏପରି କି ଆୟୁର୍ବେଦ, ହୋମିଓପାଥି ଆଉ ୟୁନାନୀ ଡାକ୍ତର ବି ଡେଇଁ ପଡିଛନ୍ତି। ସମସ୍ତଙ୍କ ପାଖରେ ଏହାକୁ ନେଇ ଗୋଟିଏ ଦି'ଟା ଔଷଧ ଆଉ ନିଜସ୍ୱ ପଥି ରହିଛି। କିନ୍ତୁ ଏ ରୋଗ ପ୍ରତିରୋଧକ ଶକ୍ତି କେତେ ବଢିଲା, କେମିତି ବାଗରେ ବଢିଲା ଆଉ କେମିତି ଛିଡିଲା ତାହା ଜାଣିବାକୁ ସାଧାରଣ ଲୋକଙ୍କ ପାଖରେ ଜ୍ଞ ନାହିଁ। ଯିଏ କରୋନାରେ ପଡିଲା ତା'ର କ'ଣ ରୋଗ ପ୍ରତିରୋଧକ ଶକ୍ତି ନ ଥିଲା ନା ଯାହାର ଅଛି ସିଏ କ'ଣ ଜମାରୁ କରୋନା ସଂକ୍ରମିତ ହେବ ନାହିଁ କି ଏ ପ୍ରଶ୍ନର ଉତ୍ତର କାହା ପାଖରେ ନାହିଁ। ଆଉ ଯାହାର ଯାହା ହେଉ ବା ନ ହେଉ, କରୋନା ଭଲ ହେଉ ବା ନ ହେଉ ବେଶ୍ ସନ୍ତର୍ପଣରେ ଏହି ରୋଗ ପ୍ରତିରୋଧକ ଶକ୍ତି ବେପାର ଖୁବ୍ ଅଳ୍ପଦିନ ମଧ୍ୟରେ କେଇ ଶହ କୋଟି ପାର କରିଯାଇଛି। ଲୋକ ଖାଲି ମେଡିସିନ୍ ନୁହେଁ ବରଂ ଏହି ଇମ୍ୟୁନିଟି ବୁଷ୍ଟର କିଣିବା ପାଇଁ ମଧ୍ୟ ଔଷଧ ଦୋକାନ ଆଗରେ ଭିଡ ଲଗାଇଛନ୍ତି।

ବାହାରୁ ଇମ୍ୟୁନିଟି ବା ରୋଗ ପ୍ରତିରୋଧକ ଶକ୍ତି କିଣିବାକୁ ଧାଉଁଥିବା ଲୋକଟି ଭୁଲିଯାଉଛି ଯେ ସେ ନିଜ ଜୀବନକୁ ନିଜେ ବିପଦରେ ପକାଇ ସାରିଛି ବୋଲି। ବିଳମ୍ବରେ ଶୋଉଛି, ସକାଳୁ ଉଠି ପାରୁନି, ସଜ ତଟକା ଫଳ ଆଉ ପନିପରିବା ଅପେକ୍ଷା ପ୍ରକ୍ରିୟାକୃତ ରଙ୍ଗ ମିଶ୍ରିତ ଖାଦ୍ୟରେ ସ୍ୱାଦର ମୋକ୍ଷ ଖୋଜୁଛି। ବୁଢିମା'ର ଲେମ୍ବୁ ପାଣି ତାକୁ ଗାଉଁଲୀ ଲାଗୁଛି ଅଥଚ ସେ ଶୋଷ ମାରିବାକୁ ସହରରେ ରଙ୍ଗଯୁକ୍ତ ଲେମ୍ବୁପାଣି ପିଉଛି। ଗରମ ଖାଦ୍ୟ ଖାଇବା କିମ୍ବା ଘରେ ପ୍ରସ୍ତୁତ ଖାଦ୍ୟ ଖାଇବା ଅପେକ୍ଷା ତାକୁ ବାହାରର ଖାଦ୍ୟ ଭଲ ଲାଗୁଛି। ଏପରି ସ୍ଥିତିରେ ତା'ର ରୋଗ ପ୍ରତିରୋଧକ ଶକ୍ତି ବଢିବ କେଉଁଠୁ। ନିଜର ଲବ୍ଧ ପ୍ରତିଷ୍ଠିତ ଜ୍ଞାନକୁ ନେଇ ମଣିଷ ଏତେ ଆଶଙ୍କାରେ କାହିଁକି? ବାଡିର ଲେମ୍ବୁ, କମଳା ଆଉ ହଳଦୀକୁ ଏଡିଦେଇ ମଣିଷ ଶହ ଶହ ଟଙ୍କା ଦେଇ ବଟିକା କିମ୍ବା ତରଳ ଔଷଧ କିଣିବାକୁ ଦୌଡେ କାହିଁକି? ନିଜକୁ ବା ନିଜ ପାଖରେ ଥିବା ଜିନିଷକୁ ଘୃଣା କରିବା ବା ନିଜକୁ ଆତ୍ମବିଶ୍ୱାସହୀନ ମନେ କରିବା ବୋଧହୁଏ ଆମଭିତରୁ ଅନେକଙ୍କର ସହଜାତ ପ୍ରବୃତ୍ତି ଏବଂ ଏହାକୁ ଏହି ବିଜ୍ଞାପନର ସୌଦାଗରମାନେ ବେଶ୍ ସହଜରେ ଧରିପାରିଛନ୍ତି। ନିଜକୁ ସାମର୍ଥ୍ୟହୀନ ବୋଲି ଭାବିବାକୁ ବାଧ୍ୟ କରିବା ଆଉ ପରେ ଏକ ନିର୍ଦ୍ଦିଷ୍ଟ ବସ୍ତୁ ବ୍ୟବହାର କରି ନିଜକୁ ସାମର୍ଥ୍ୟବାନ ମନେକରାଇବାର ଏହି ପୁରୁଣା ଖେଳରେ ବିଜ୍ଞପନଦାତାମାନେ ବେଶ୍ ମାହିର୍। ଆଉ ଏହି କାରଣରୁ ହିଁ ଏହି ଇମ୍ୟୁନିଟି ବେପାର କୋଟି କୋଟି ଟଙ୍କାର ଈପ୍‌ସିତ ଲକ୍ଷ୍ୟ ହାସଲ କରିପାରୁଛି ବେଶ୍ ସହଜରେ।

କରୋନା କାଳ ହୁଏତ ଆମ ସମସ୍ତଙ୍କ ପାଇଁ ଅନେକ ଖରାପ ଖବର ନେଇ ଆସିଛି। କିନ୍ତୁ ତା' ମଧ୍ୟରେ ଏକଥା ବି ଶିଖାଇ ଦେଇଛି ଯେ, ଆମେ ଆମ ସ୍ୱାସ୍ଥ୍ୟପ୍ରତି ମୂଳରୁ ଯତ୍ନବାନ ହେବାକୁ ପଡିବ। ନିଜର ଜୀବନଚର୍ଯ୍ୟାକୁ ଆଉଥରେ ନିରେଖି ଦେଖିବାକୁ ପଡିବ। ଔଷଧ ସବୁକିଛି କରିପାରିବ ନାହିଁ। ଅଥଚ ଆମେ ନିଜେ ନିଜ ଉପରେ ଭରସା କଲେ ଆଉ ଜୀବନ ଚର୍ଯ୍ୟାକୁ ଶୃଙ୍ଖଳିତ କଲେ ଅନେକ ରୋଗରୁ ରକ୍ଷା ପାଇ ପାରିବା। ପୁଣି ହାତ ଧୋଇଲେ, ମାସ୍କ ବ୍ୟବହାର କଲେ ଏବଂ ସାମାଜିକ ଦୂରତା ବଜାୟ ରଖିଲେ ଆମେ ଆପଣାଛାଏଁ କରୋନାର କାଳଛାୟାରୁ ବର୍ତ୍ତି ଯାଇପାରିବା। ହଁ ରୋଗ ପ୍ରତିରୋଧକ ଶକ୍ତିକୁ ପାଇବା ଏକ ମରୀଚିକା ପଛରେ ଗୋଡାଇବା ପରି ନ ହେଉ। ବରଂ ଆମ ନିଜର ବ୍ୟବହାରଗତ ପରିବର୍ତ୍ତନଠାରୁ ଏହାକୁ ପାଇବା ଆରମ୍ଭ ହେଉ।

ଧବଳଗିରି, ଯାଜପୁରରୋଡ
ମୋ–୭୯୭୮୬୭୧୭୭୬

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ ପ୍ୟାକେଜର ସଦୁପଯୋଗ ହେଉ

ମହାଶୟ,

ଚାଷୀଭାଇମାନେ ଦେଶର ଜନଜୀବନ, ଜାତିର ଆର୍ଥିକ ବିକାଶର ମେରୁଦଣ୍ଡ ସଦୃଶ। କରୋନା ମହାମାରୀ ପ୍ରାଦୁର୍ଭାବରେ ଚାଷକାର୍ଯ୍ୟରେ କ୍ଷତି ସାଙ୍ଗକୁ ଅମଳ ବାଧାପ୍ରାପ୍ତ ଏବଂ କୃଷିଜାତ ଦ୍ରବ୍ୟର ଅଭାବୀ ବିକ୍ରି ଚାଷୀମାନଙ୍କର ଜୀବନ ଓ ଜୀବିକାକୁ ପ୍ରଭାବିତ କରିଛି। ବନ୍ୟାରେ ସବୁ ବର୍ଗର ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ବହୁ ସ୍ଥାନରେ ସେମାନଙ୍କ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଦେଶ ଆର୍ଥିକ ମାନ୍ଦାବସ୍ଥା ମଧ୍ୟରେ ଗତି କରୁଥିବାବେଳେ ଚାଷୀଙ୍କର ସର୍ବବିଧ ଉନ୍ନତି ସାଧନକୁ ଦୃଷ୍ଟିରେ ରଖି ସରକାର ସେମାନଙ୍କ କ୍ଷତିପୂରଣର ଭରଣା କରନ୍ତୁ। ଚାଷ ପାଇଁ ସବ୍‌ସିଡି ସହ ଋଣ ଓ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜରେ ସହାୟତା ପ୍ରଦାନର ଘୋଷଣା ଭଳି ସ୍ୱାଗତଯୋଗ୍ୟ ପଦକ୍ଷେପକୁ ଚାଷୀଭାଇମାନେ ସୁବର୍ଣ୍ଣ ସୁଯୋଗ ବୋଲି ଉପଲବ୍ଧି କରି ମନଧ୍ୟାନ ଦେଇ କର୍ମ କରିବା ଉଚିତ। କଥାରେ ଅଛି 'ବସି ଖାଇଲେ ନଈ ବାଲି ସରେ'। ତେଣୁ ସହାୟତା ରାଶି ଓ ଋଣକୁ ବିକାଶ କ୍ଷେତ୍ରରେ ଠିକ ଭାବେ ବିନିଯୋଗ କରିବା ଉଚିତ। କୃଷିକ୍ଷେତ୍ରରେ ଉନ୍ନତି ନିମନ୍ତେ କୃଷକମାନଙ୍କୁ ଆଧୁନିକ ପ୍ରଣାଳୀରେ କୃଷି କାର୍ଯ୍ୟର ତାଲିମ ଦେବା, ମୃତ୍ତିକା ସଂରକ୍ଷଣ, ମାଟି ପରୀକ୍ଷା ଓ ସାର ପ୍ରସ୍ତୁତ ଉପରେ ଜ୍ଞାନ ବୃଦ୍ଧି କରାଇବା, ଜମିରେ ଉତ୍ତମ ଜଳସେଚନର ବ୍ୟବସ୍ଥା ଗ୍ରହଣ କରିବା ସହ ଉନ୍ନତ ବିହନ ଯୋଗାଇ ଦେବା ଇତ୍ୟାଦି କୃଷି ଅଧିକାରୀଙ୍କ ପରମ କର୍ତ୍ତବ୍ୟ ହେବା ଉଚିତ। ଏହା ସରକାରଙ୍କ ସୁପରିଚାଳନା ଏବଂ ତତ୍ତ୍ୱାବଧାନରେ ରହିବା ଦରକାର। ଏହାଦ୍ୱାରା କୃଷକମାନଙ୍କର ଆର୍ଥିକ ପ୍ରଗତି ସମ୍ଭବ ହେବ।

ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

## ଚିରନ୍ତନୀ

ରୂପର ଛଳନା ନ କର ଆଉ
ରୂପସି ଆଗୋ
ରୂପର ଉଢ଼ାଳେ ଲୁଚାଅ ନାହିଁ
ମନର ଦାଗ।

(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କରୋନା ପଜିଟିଭ ଜାଣି ସମୀରଙ୍କ ସହ କଥା ହେଲେ ନବୀନ

ଭୁବନେଶ୍ୱର ୧୪।୯(ବ୍ୟୁରୋ):ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କରୋନା ସଂକ୍ରମିତ ହୋଇ ଏମ୍ସରେ ଭର୍ତ୍ତି ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ସହ ଟେଲିଫୋନ ଯୋଗେ କଥା ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ସମୀରଙ୍କ ଆରୋଗ୍ୟ କାମନା କରିଛନ୍ତି। ଏନେଇ ଟୁଇଟ୍ ଯୋଗେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି , ଭାଜପା ରାଜ୍ୟ ସଭାପତି କରୋନା ସଂକ୍ରମିତ ହୋଇଛନ୍ତି। ତାଙ୍କ ସଙ୍ଗେ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ଆରୋଗ୍ୟ କାମନା କରିଛନ୍ତି। ଅନ୍ୟପଟେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ଆହୁରି ବହୁ ନେତା ତାଙ୍କ ଆରୋଗ୍ୟ କାମନା କରିଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ, ପ୍ରଦୀପ ମହାରଥୀ, ବ୍ରଜକିଶୋର ପ୍ରଧାନଙ୍କ ସହ ମଧ ଟେଲିଫୋନ ଯୋଗେ କଥା ହୋଇ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି।

### ହୋଟେଲରୁ ସେକ୍ସ ର୍ୟାକେଟ ଠାବ: ୨ ଅଟକ

ପୁରୀ ଅଫିସ, ୧୪।୯: ପୁରୀ ସହରସ୍ଥ ବଳିଆପଣ୍ଡା ଥାନା ଅନ୍ତର୍ଗତ ଏକ ହୋଟେଲରେ ସେକ୍ସ ର୍ୟାକେଟ ଚାଲିଥିବାବେଳେ ସୋମବାର ପୂର୍ବାହ୍ନରେ ପୋଲିସ ଅଚାନକ ଚଢାଉ କରି ୨ଜଣଙ୍କୁ ଥାନାକୁ ଆଣି ଅଟକ ରଖିଛି। ଏ ନେଇ ତଦନ୍ତ ଚାଲିଥିବାରୁ ପୋଲିସ କିଛି କହିବାକୁ ମନା କରିଦେଇଛି। ସୂଚନା ଅନୁଯାୟୀ, ଏକ ହୋଟେଲରେ ସେକ୍ସ ର୍ୟାକେଟ ଚାଲିଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇ ଅଚାନକ ଚଢାଉ କରିଥିଲା। ଚଢାଉ ବେଳେ ଏକ ରୁମ୍‌ରେ ୨ଜଣ ଯୁବତୀ ଓ ୨ଜଣ ଯୁବକ ଅସଜ୍ଞତ ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା। ସମ୍ପୃକ୍ତ ୨ଯୁବକଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି। ଉକ୍ତ ୨ ଯୁବକଙ୍କ ମଧରୁ ଜଣେ ଏକ ଜାତୀୟ ସ୍ତରୀୟ ସଙ୍ଗଠନର ପ୍ରମୁଖ ପ୍ରବକ୍ତା ଏବଂ ତାଙ୍କ ଘର ଯାଜପୁର ଜିଲା ବ୍ୟାସନଗର ଅଞ୍ଚଳରେ ବୋଲି କୁହାଯାଉଛି।

### ଜିଲା ପରିଷଦ ନିର୍ବାଚନ ନେଇ ଅନିଶ୍ଚିତତା

କଟକ ସଦର,୧୪।୯ (ଡି.ଏନ୍.ଏ.)- କୋଭିଡ୍ ନିୟମକୁ ପାଳନ କରି ନିର୍ବାଚନ ପରିଚାଳନା ପାଇଁ ସ୍ୱତନ୍ତ୍ର ନୀତି କେନ୍ଦ୍ରୀୟ ନିର୍ବାଚନ ଆୟୋଗ ଜାରି କରିସାରିଛନ୍ତି। କରୋନା ପାଇଁ କଟକ ଜିଲା ପରିଷଦ ଜୋନ୍ ନଂ.୭ର ମଧବର୍ତ୍ତୀ କାଳିନ ନିର୍ବାଚନ ଅସମ୍ପୂର୍ଣ୍ଣ ହୋଇ ରହିଛି। ଏହି ନିର୍ବାଚନ ପ୍ରକ୍ରିୟାକୁ ପୂର୍ଣ୍ଣ କରାଯିବ ନାଁ ବାତିଲ କରାଯିବ, ସେ ସମ୍ପର୍କରେ ରାଜ୍ୟ ନିର୍ବାଚନ ଆୟୋଗ ସ୍ପଷ୍ଟ କରିବା ପାଇଁ ୭ନଂ.ଜୋନ୍‌ର ଭୋଟରମାନେ ନିବେଦନ କରିଛନ୍ତି। କାରଣ ୨୦୨୨ ମାର୍ଚ୍ଚ ୧୦ ତାରିଖରେ ଚଳିତ ଜିଲା ପରିଷଦ କାର୍ଯ୍ୟକାଳ ଶେଷ ହେବ। ତେଣୁ ଦେଢବର୍ଷରୁ କମ୍ ସମୟ ହାତରେ ଅଛି। ପ୍ରଥମେ ନିର୍ବାଚନ ୨୦ ତାରିଖରେ ହେବାକୁ ଥିଲା। ମାତ୍ର ମାଟ୍ରିକ ପରୀକ୍ଷା ପାଇଁ ଏହାକୁ ଘୁଞ୍ଚାଇ ମାର୍ଚ୍ଚ ୨୪ ତାରିଖ କରାଯାଇଥିଲା। ହଠାତ୍ କେନ୍ଦ୍ର ସରକାର ମାର୍ଚ୍ଚ ୨୩ ତାରିଖରୁ ଲକ୍‌ଡାଉନ୍ ଘୋଷଣା କରିବା ପରେ ଜିଲା ପରିଷଦ ନିର୍ବାଚନ ପ୍ରକ୍ରିୟାକୁ ରାଜ୍ୟ ନିର୍ବାଚନ ଆୟୋଗ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଥିଲେ। ଜିଲା ପରିଷଦ ସଭ୍ୟ ଗୋବିନ୍ଦ ଚନ୍ଦ୍ର ସାମଲଙ୍କ ଅକାଳ ବିୟୋଗ ଯୋଗୁ ଏହି ଆସନ ଖାଲି ପଡିଥିଲା। ପ୍ରାର୍ଥିପତ୍ର ଦାଖଲ ଭଳି ସମସ୍ତ କାର୍ଯ୍ୟ ଶେଷ ହୋଇସାରିଛି। କେବଳ ନିର୍ବାଚନ ତାରିଖ ଘୋଷଣା ହେବ।

# ନକଲି ଘିଅ, ସସ୍ କାରଖାନାରେ ଚଢ଼ାଉ

- ୧୪୪୮ କେଜି ଘିଅ, ବିପୁଳ ସସ୍ ଜବତ
- ମାଲିକ ଗିରଫ, କାରଖାନା ସିଲ୍



ନକଲି କାରଖାନାରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଉଛି।

ଚୌଦ୍ୱାର,୧୪।୯(ଡି.ଏନ୍.ଏ)

କଟକ ଜିଲା ଚୌଦ୍ୱାର ଥାନା ଅଞ୍ଚଳରେ ଦୀର୍ଘଦିନ ହେବ ଚାଲିଥିବା ଏକ ନକଲି ଘିଅ ଓ ସସ୍ କାରଖାନା ଉପରେ ସୋମବାର ପୋଲିସ ଚଢ଼ାଉ କରିଛି। କମ୍ପାନୀ ଭିତରେ ମହଜୁଦ୍ ଥିବା ବିପୁଳ ପରିମାଣର ଘିଅ, ସସ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିବା ସହ କାରଖାନାକୁ ସିଲ୍ କରାଯାଇଛି। ଏ ନେଇ ପୋଲିସ ନଂ.୪୩୨/୨୦ରେ ଏକ ମାମଲା ରୁଜୁ କରିବା ସହ କାରଖାନା ମାଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ୧ନଂ. ୱାର୍ଡ ଜେନା ସାହିର ଦିବ୍ୟଲୋଚନ ବେହେରା। ସୂଚନା ଅନୁଯାୟୀ, ଚୌଦ୍ୱାର ପୌରପାଳିକା ୯ନମ୍ବର ୱାର୍ଡବେଉରା ସାହି ନିକଟରେ ଏକ ଭଡା ଘରେ ଦୀର୍ଘ ୫ ବର୍ଷରୁ ଅଧିକ ଦିନହେବ ଏହି ନକଲି ଘିଅ, ସସ୍ କାରଖାନା ଚାଲିଆସୁଥିଲା। କାରଖାନାରେ ହନୁମାନ, ବାଲାଜୀ, ଶ୍ରୀମନ୍ଦିର ଆଦି ବହୁ କମ୍ପାନୀ ନାମରେ ଘିଅ ସହ ସ୍ୱାଗତ ନାମକ ସସ୍ ତିଆରି ହୋଇ ପ୍ୟାକେଟ୍ କରାଯାଇ ଚୌଦ୍ୱାର ଅଞ୍ଚଳ ସମେତ କଟକ, ଯାଜପୁର, ଢେଙ୍କାନାଳ ଆଦି ବିଭିନ୍ନ ଜିଲାକୁ ବିକ୍ରି ପାଇଁ ପଠାଯାଉଥିଲା। ଘିଅ ଓ ସସ୍ ପ୍ରସ୍ତୁତି ପାଇଁ ବାହାର ଅଞ୍ଚଳରୁ ସାମଗ୍ରୀ ଅଣାଯାଇ ଏଠାରେ ବିଭିନ୍ନ କେମିକାଲ ମିଶାଇ ପ୍ରସ୍ତୁତ କରାଯାଉଥିଲା। ଏକ ବିଶେଷ ସୂତ୍ରରୁ ପୋଲିସ ଖବରପାଇ ସୋମବାର ଆଇଆଇସି ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ଏକ ଟିମ୍ ପୂର୍ବାହ୍ନରେ ଉକ୍ତ କାରଖାନାରେ ଚଢ଼ାଉ କରିଥିଲେ। ଚଢାଉବେଳେ ୧୪୪୮କେଜିରୁ ଅଧିକ ଘିଅ ଓ ବହୁ ପରିମାଣରେ ସସ୍ ଭର୍ତ୍ତି ବୋତଲ ସମେତ ବିନା ପ୍ୟାକିଂରେ ବହୁ ପରିମାଣର ସସ୍ ରହିଥିବା ପ୍ଲାଷ୍ଟିକ୍ ଡ୍ରମ୍‌ଗୁଡ଼ିକୁ ଜବତ କରିଥିଲେ। ପରେ ପୋଲିସ କାରଖାନା ମାଲିକଙ୍କୁ ଅଟକ ରଖି କିଭଳି କାରଖାନାରେ ମାଲ୍ ପ୍ରସ୍ତୁତ ହୁଏ ତାହା ପଚାରି ବୁଝିଥିଲେ। ଏଥି ସହିତ ସାମଗ୍ରୀ ପ୍ରସ୍ତୁତ ହେବା ପାଇଁ ବ୍ୟବହୃତ ପ୍ୟାକିଂ ମେସିନ୍, ଗ୍ରାଇଣ୍ଡର, ଡିଜେଲଭାଟି ସମେତ ଲେବୁଲ ମେସିନ ଆଦି ଯନ୍ତ୍ରପାତି ଜବତ କରିଛି। ଏହା ସମ୍ପୂର୍ଣ୍ଣ ନକଲି ସାମଗ୍ରୀ ଥିବା ଓ ବେଆଇନ କାରଖାନା ଥିବା ପୋଲିସ ସୂଚନା ଦେଇଛି।

# ଆଶୀର୍ବାଦଙ୍କୁ କ୍ଲିନ୍‌ଚିଟ୍

## ଓଓଏ ଜମି ବିବାଦ ମାମଲା



ଆଶୀର୍ବାଦ ବେହେରା

କଟକ ଅଫିସ,୧୪।୯

ରାଜ୍ୟ କ୍ରୀଡାର ବରିଷ୍ଠ ସଙ୍ଗଠକ ଆଶୀର୍ବାଦ ବେହେରାଙ୍କୁ ସୁପ୍ରିମ୍‌କୋର୍ଟ କ୍ଲିନ୍‌ଚିଟ୍ ଦେଇଛନ୍ତି। ଓଡ଼ିଶା ଅଲିମ୍ପିକ ଆସୋସିଏଶନ(ଓଓଏ) ପକ୍ଷରୁ ବିବାଦୀୟ ଜମି ଉପରେ ଦୋକାନ ଗୃହ, କଲ୍ୟାଣ ମଣ୍ଡପ ନିର୍ମାଣକୁ ନେଇ ସିବିଆଇ ଜାଲରେ ଆଶୀର୍ବାଦ ଛନ୍ଦି ହୋଇଥିଲେ। ପରବର୍ତ୍ତୀ ସମୟରେ ସିବିଆଇ ଡିଏସ୍‌ପି ଏବଂ ଏସିବି ଭୁବନେଶ୍ୱର ଦେଇଥିବା ରିପୋର୍ଟକୁ ଆଧାରକରି ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଜଷ୍ଟିସ୍ ଏ.ଏସ୍. ବୋପନ୍ନା ଏବଂ ଜଷ୍ଟିସ୍ ଭି. ରାମସୁବ୍ରମଣିୟମଙ୍କୁ ନେଇ ଗଠିତ ଖଣ୍ଡପୀଠ ଏବେ ଆଶୀର୍ବାଦଙ୍କୁ କ୍ଲିନ୍‌ଚିଟ୍ ଦେଇଛନ୍ତି। ତେବେ ଦୀର୍ଘବର୍ଷ ଧରି ଚାଲିଥିବା ଲଢ଼େଇ ପରେ ଶେଷରେ ସତ୍ୟର ବିଜୟ ହୋଇଛି ବୋଲି ଆଶୀର୍ବାଦ କହିଛନ୍ତି।

ସୂଚନାଥାଉକି, ବାରବାଟୀ ଷ୍ଟାଡିୟମ ପରିସରରେ ରାଜ୍ୟ ସରକାରଙ୍କର ଗୋଟିଏ ଏକର ଜମି ରହିଥିଲା। ପାର୍କିଂସ୍ଥଳ ପାଇଁ ଉଦ୍ଦିଷ୍ଟ ଏହି ଜମିକୁ ଓଓଏ ଜବରଦଖଲ କରିଛି ବୋଲି ଅଭିଯୋଗ ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ତଳକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ସରକାର ଲିଜ୍ ସୂତ୍ରରେ ଏହି ଜମି ପ୍ରଦାନ କରିଛନ୍ତି ବୋଲି ଓଓଏ ପକ୍ଷରୁ ତଳ କୋର୍ଟରେ ପ୍ରକାଶ କରାଯାଇଥିଲା। ଆବଶ୍ୟକ ପ୍ରମାଣ ଦାଖଲ ନ କରିବାରୁ ରାଜ୍ୟ ସରକାର ତଳକୋର୍ଟରେ ହାରିଥିଲେ। ପରେ ରାଜ୍ୟ ସରକାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ସେଠାରେ ରହିଥିବା ବ୍ୟବସାୟିକ ପ୍ରତିଷ୍ଠାନର ବୁଝାସୁଝା ଦାୟିତ୍ୱ କଟକ ଜିଲାପାଳଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ରହିଥିଲା। ଏହା ବିରୋଧରେ ଆଶୀର୍ବାଦ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୭ ଏପ୍ରିଲ ୩ରେ ଘଟଣାର ସିବିଆଇ ତଦନ୍ତ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଭୁବନେଶ୍ୱର ସିବିଆଇ ଡିଏସ୍‌ପି ସୁପ୍ରିମକୋର୍ଟରେ ଏକ ତଦନ୍ତ ରିପୋର୍ଟ ଦାଖଲ କରିଥିଲେ। ସେଥିରେ ସେ ବିବାଦୀୟ ଯାଗା ଉପରେ ୨୩ଟି ଦୋକାନଗୃହ ନିର୍ମାଣ ହେବା ସହ ସେଗୁଡ଼ିକୁ ଆଗ୍ରହୀ ଲୋକଙ୍କୁ ଭଡ଼ା ସୂତ୍ରରେ ଦିଆଯାଇଛି। ଯେଉଁଥିରେ କି କୌଣସି ପ୍ରକାର ଅନିୟମିତତା ହୋଇ ନ ଥିବା ଅଦାଲତ ଅନୁଭବ କରିବା ସହ ଆଶୀର୍ବାଦଙ୍କ ସପକ୍ଷରେ କ୍ଲିନ୍‌ଚିଟ୍ ଦେଇଥିବା ଜଣାପଡ଼ିଛି।

# ଅତିରିକ୍ତ ୨.୩୫ ଲକ୍ଷ କୋଟି ଖର୍ଚ୍ଚ କରିବ କେନ୍ଦ୍ର

## ପାର୍ଲାମେଣ୍ଟ ମଞ୍ଜୁରୀ ଲୋଡ଼ାଗଲା

- ରାଜ୍ୟଗୁଡ଼ିକୁ ଦିଆଯିବ ୪୬,୬୦୨ କୋଟି
- ବ୍ୟାଙ୍କଗୁଡ଼ିକୁ ମିଳିବ ୨୦ ହଜାର କୋଟି
- ସବ୍‌ସିଡି ଖାଦ୍ୟ ସାମଗ୍ରୀ ଲାଗି ୧୦ ହଜାର କୋଟି

ନୂଆଦିଲ୍ଲୀ, ୧୪।୯

ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଅତିରିକ୍ତ ୨.୩୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହା ମଧ୍ୟରେ ପ୍ରାଥମିକ ପର୍ଯ୍ୟାୟରେ କୋଭିଡ୍-୧୯ ଜନିତ ଖର୍ଚ୍ଚ ତୁଲାଇବା ଲାଗି ୧.୬୬ ଲକ୍ଷ କୋଟି ଟଙ୍କା ସାମିଲ ରହିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର ପ୍ରଥମ ପର୍ଯ୍ୟାୟ ଅତିରିକ୍ତ ପୁଞ୍ଜି ବ୍ୟୟ ପ୍ରସ୍ତାବକୁ ଉପସ୍ଥାପନ କରିଛନ୍ତି। ଏଥିଲାଗି ସଂସଦର ମଞ୍ଜୁରୀ ଲୋଡ଼ାଯାଇଛି। କରୋନା ମହାମାରୀ ଯୋଗୁ ରାଜ୍ୟଗୁଡ଼ିକରେ ଟିକସ ସଂଗ୍ରହ କମିଛି। ଏଭଳି ସ୍ଥିତିରେ ରାଜ୍ୟଗୁଡ଼ିକୁ ୪୬,୬୦୨ କୋଟି ଟଙ୍କା ପ୍ରଦାନ କରାଯିବା ନେଇ ଯୋଜନା ରଖାଯାଇଛି। ସେହିଭଳି ସବ୍‌ସିଡି ଖାଦ୍ୟ ସାମଗ୍ରୀ ଯୋଗାଣ ଲାଗି ୧୦ ହଜାର କୋଟି ଟଙ୍କା ଆବଶ୍ୟକ ପଡୁଛି।

ଯୋଜନା ମୁତାବକ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ବାବଦକୁ ୪୦ ହଜାର କୋଟି ଟଙ୍କା ପ୍ରଦାନ କରାଯିବ। ସେହିଭଳି ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଏବଂ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ବ୍ୟାଙ୍କ ଖାତାରେ ସିଧାସଳଖ ଅର୍ଥ ପଠାଇବା ଲାଗି ୩୩,୭୭୨.୪୮ କୋଟି ଟଙ୍କା ସାମିଲ ରହିଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଜନଧନ ଖାତା ଏବଂ ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ୩୩,୭୭୧.୪୮ କୋଟି ଟଙ୍କା ପଠାଯାଇଛି। ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମି ଉନ୍ନତ କରିବା ଲାଗି ୧୪,୨୩୧ କୋଟି ଟଙ୍କା ଖର୍ଚ୍ଚ ସାମିଲ ରହିଛି। ଏହା ମଧ୍ୟରେ ମହାମାରୀ ନିୟନ୍ତ୍ରଣ ଲାଗି ଅତିରିକ୍ତ ଖର୍ଚ୍ଚ ବାବଦକୁ ୫୯୧୫.୪୯ କୋଟି ଏବଂ ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍‌ଆର୍)କୁ ୨୪୭୫ କୋଟି ଟଙ୍କା ପ୍ରଦାନର ପ୍ରସ୍ତାବ ରହିଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଶ୍ରମ ମନ୍ତ୍ରଣାଳୟ ଗ୍ରାଣ୍ଟ ଇନ୍ ଏଡ୍ ଜେନେରାଲ ଭାବେ ସରକାର ୪୮୬୦ କୋଟି ଟଙ୍କା ଲୋଡିଛନ୍ତି। ସେହିଭଳି ଭାରତୀୟ କ୍ଷୁଦ୍ର ଶିଳ୍ପ ଉନ୍ନତୀକରଣ ବ୍ୟାଙ୍କ(ସିଡ୍‌ବୀ)ର ସବ୍‌ସିଡି ଲାଗି ୧୨୩୨ କୋଟି ଅର୍ଥ ଲାଗି ମଞ୍ଜୁରୀ ଲୋଡ଼ାଯାଇଛି। ନ୍ୟାଶନାଲ କ୍ରେଡିଟ ଗ୍ୟାରେଣ୍ଟି ଟ୍ରଷ୍ଟି କମ୍ପାନୀ ଲିମିଟେଡ୍ (ଏନ୍‌ସିଜିଟିସି)ର ଗ୍ୟାରେଣ୍ଟି ଏମର୍ଜେନ୍ସି କ୍ରେଡିଟ ଲାଇନ(ଜିଇସିଏଲ) ସୁବିଧା ଲାଗି ୪ ହଜାର କୋଟି ଭଳି ପ୍ରସ୍ତାବ ଏଥିରେ ସାମିଲ ରହିଛି।

ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ୨୦ ହଜାର କୋଟି ଟଙ୍କାର ପୁଞ୍ଜି ଯୋଗାଇଦେବାକୁ ଲକ୍ଷ୍ୟ ରଖିଛନ୍ତି। କରୋନା ମହାମାରୀ ଯୋଗୁ ବ୍ୟାଙ୍କଗୁଡ଼ିକରେ ଅନାଦାୟ ଋଣ (ଏନ୍‌ପିଏ) ବଢ଼ିବା ଆଶଙ୍କା ରହିଛି। ବର୍ତ୍ତମାନ ଏନ୍‌ପିଏ ବ୍ୟାଙ୍କଗୁଡିକ ଲାଗି ସମସ୍ୟା ସୃଷ୍ଟି କରୁଥିବା ଦେଖାଯାଉଛି। ଏହା ଆହୁରି ବଢ଼ିଲେ ବ୍ୟାଙ୍କଗୁଡ଼ିକର ପରିଚାଳନାରେ ଏହା ମୁଣ୍ଡବ୍ୟଥା ବଢ଼ାଇବ। ଏହି ପ୍ରସଙ୍ଗକୁ ଧ୍ୟାନରେ ରଖି କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ପୁଞ୍ଜି ଯୋଗାଣ ଦ୍ୱାରା ପରିଚାଳନାକୁ ଉନ୍ନତ କରିବାକୁ ଚାହୁଁଛନ୍ତି। ପୁଞ୍ଜି ଯୋଗାଇଦେବା ଲାଗି ପାର୍ଲାମେଣ୍ଟ ମଞ୍ଜୁରୀ ଲୋଡ଼ିଥିବା ଜଣାପଡ଼ିଛି। ରଏଟର୍ସରେ ପ୍ରକାଶିତ ଏକ ରିପୋର୍ଟ ମୁତାବକ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ପୁଞ୍ଜି ସହାୟତା ଯୋଗାଇଦେବା ଲାଗି ସରକାର ପ୍ରସ୍ତୁତ ଥିବା କହିଥିଲେ। ସାରା ଦେଶରେ ଅଭିବୃଦ୍ଧି ଖସୁଥିବା ଯୋଗୁ ଏହା ଏନ୍‌ପିଏ ବଢ଼ାଇବା ଭଳି ସ୍ଥିତି ସୃଷ୍ଟି କରିଛି। ମହାମାରୀ ଯୋଗୁ ବ୍ୟାଙ୍କଗୁଡ଼ିକରେ ୨୦୨୧ ମାର୍ଚ୍ଚ ସୁଦ୍ଧା ମୋଟ ଏନ୍‌ପିଏ ୧୨.୫% ଛୁଇଁବା ନେଇ ଆକଳନ କରାଯାଇଛି। ଏହି ହାର ଚଳିତ ବର୍ଷ ମାର୍ଚ୍ଚରେ ୮.୫% ରହିଥିବା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ରିପୋର୍ଟରୁ ସାମ୍ନାକୁ ଆସିଛି। ବ୍ୟାଙ୍କଗୁଡ଼ିକୁ ଗତ ୫ ବର୍ଷରେ କେନ୍ଦ୍ର ସରକାର ୩.୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ସରକାର ଯୋଗାଇ ଦେଇଛନ୍ତି। ଚଳିତ ବର୍ଷ ବଜେଟରେ କେନ୍ଦ୍ର ସରକାର ବ୍ୟାଙ୍କଗୁଡ଼ିକୁ କୌଣସି ସହାୟତା ପ୍ରଦାନ କରି ନ ଥିଲେ। ପୁଞ୍ଜିବଜାରରୁ ଋଣ ଉଠାଣ ଉପରେ ବ୍ୟାଙ୍କଗୁଡ଼ିକୁ ଉତ୍ସାହିତ କରାଯାଇଥିଲା।

# ଓଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର ୧୪।୯(ବ୍ୟୁରୋ)

ରାଜ୍ୟ ସରକାର ସୋମବାର ଓଏଏସ୍ ଅଫିସର ସ୍ତରରେ ଏକ ବଡଧରଣର ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ, ପଞ୍ଚାୟତିରାଜ ଓ ରାଜସ୍ୱ ବିଭାଗ ପକ୍ଷରୁ ଏନେଇ ପୃଥକ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଅତିରିକ୍ତ ସଚିବ ଓ ଯୁଗ୍ମ ସଚିବ ପାହ୍ୟାର ୪ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ବଦଳି କରାଯାଇଥିବା ବେଳେ ୩ ଜଣଙ୍କ ବଦଳି ବାତିଲ ହୋଇଛି। ଆଲୋକ କୁମାର କର ସ୍କୁଲ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ, ସୂର୍ଯ୍ୟନାରାୟଣ ଦାସଙ୍କୁ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ, ଶତ୍ରୁଘ୍ନ କର ଅତିରିକ୍ତ ଜିଲାପାଳ ମୟୂରଭଞ୍ଜ, ଭବେଶ କୁମାର ନାୟକ ମୟୂରଭଞ୍ଜ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ବଦଳି ହୋଇଥିବା ବେଳେ ବରିଷ୍ଠ ଓଏଏସ୍ ଅଫିସର କୃଷ୍ଣପ୍ରସାଦ ପତି, ମୋହନ ଚରଣ ଦାସ ଓ ନିତ୍ୟାନନ୍ଦ ବାରିକଙ୍କ ବଦଳି ନିର୍ଦ୍ଦେଶକୁ ବାତିଲ କରାଯାଇଛି। ସେହିପରି ପଞ୍ଚାୟତିରାଜ ବିଭାଗ ବିଜ୍ଞପ୍ତି ଅନୁସାରେ ୧୨ଜଣ ଓଏଏସ୍ ଅଫିସରଙ୍କୁ ବିଭିନ୍ନ ବ୍ଲକର ବିଡିଓ ଭାବେ ନିଯୁକ୍ତି ମିଳିଛି। ସେହିପରି ୨୨ଜଣ ଓଆର୍‌ଏସ୍ ଅଫିସରଙ୍କୁ ପଦୋନ୍ନତି ଦିଆଯାଇ ଓଏଏସ୍ ଅଫିସର ଭାବେ ବିଭିନ୍ନ ସ୍ଥାନରେ ତହସିଲଦାର ଓ ବିଡିଓ ଭାବେ ନିଯୁକ୍ତି ମିଳିଛି।


## ପୂର୍ବ ତଟ ରେଳପଥ

(1) ବିଜ୍ଞପ୍ତି ସଂ.eT-North-WAT-13-2020, ତା.09.09.2020ରିଖ

କାର୍ଯ୍ୟର ନାମ : ୱାଲ୍ଟିୟର ମଣ୍ଡଳର କୋରାପୁଟ-ରାୟଗଡ଼ା ଲାଇନ୍‌ରେ ସହାୟକ ମଣ୍ଡଳ ଯନ୍ତ୍ରୀ/ଲକ୍ଷ୍ମୀପୁର ପରିସୀମା ଅଧୀନରେ "ବୋଝେଇ ସୁବିଧା ନିମନ୍ତେ ସିଙ୍ଗରାମ ଷ୍ଟେସନ ସାଇଡିଙ୍ଗ୍ ଠାରେ କୋରାପୁଟ ସୀମା ପଟରୁ ମାର୍ଗ-1 ର ସଂପ୍ରସାରଣ" ସମ୍ବନ୍ଧୀୟ ସିଭିଲ କାର୍ଯ୍ୟଗୁଡ଼ିକର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 3,35,83,468.01, EMD (ଟଙ୍କାରେ) : 3,17,900/-।

(2) ବିଜ୍ଞପ୍ତି ସଂ.eT-North-WAT-14-2020, ତା.09.09.2020ରିଖ

କାର୍ଯ୍ୟର ନାମ : ୱାଲ୍ଟିୟର ମଣ୍ଡଳର କୋରାପୁଟ-ରାୟଗଡ଼ା ଲାଇନ୍‌ରେ ସହାୟକ ମଣ୍ଡଳ ଯନ୍ତ୍ରୀ/ଲକ୍ଷ୍ମୀପୁର ପରିସୀମା ଅଧୀନରେ "ବୋଝେଇ ସୁବିଧା ନିମନ୍ତେ ସିଙ୍ଗରାମ ଷ୍ଟେସନ ସାଇଡିଙ୍ଗ୍ ଠାରେ କୋରାପୁଟ ସୀମା ପଟରୁ ମାର୍ଗ-1 ର ସଂପ୍ରସାରଣ" ସମ୍ବନ୍ଧୀୟ ବାଲାଷ୍ଟ ଯୋଗାଣ ସହିତ P.way କାର୍ଯ୍ୟଗୁଡ଼ିକର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 61,46,701.42, EMD (ଟଙ୍କାରେ): 1,22,900/-।

କାର୍ଯ୍ୟ ଶେଷ ହେବା ଅବଧି : 03 ମାସ (ଉଭୟ ଟେଣ୍ଡର ନିମନ୍ତେ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.10.2020ରିଖ 1330 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ୱାଲ୍ଟିୟର

PR-249/L/20-21


# ସାପ ଆକୃତିର ବିରଳ ପ୍ରଜାପତି



କୋରାପୁଟ,୧୪।୯(ସ୍ୱ.ପ୍ର.)

କୋରାପୁଟ ସହର ଭବାନୀନଗର ଅଞ୍ଚଳରେ ସୋମବାର ସାପ ଆକୃତିର ଏକ ବିରଳ ପ୍ରଜାପତି ଦେଖିବାକୁ ମିଳିଛି। ସୌଦାମିନୀବେହେରାଙ୍କ ଘର କାନ୍ଥରେ ଏହି ପ୍ରଜାପତିଟି ବସିଥିଲା। ରବିବାର ସନ୍ଧ୍ୟାରୁ ହିଁ ପ୍ରଜାପତିଟି କେଉଁ ଆଡୁ ଆସି ଘର କାନ୍ଥରେ ବସିଛି ବୋଲି ଘର ମାଲିକ କହିଛନ୍ତି। ପ୍ରଜାପତିଟି ମାଟିଆ ଏବଂ ସୁନେଲି ରଙ୍ଗର ହୋଇଥିବାବେଳେ ତାର ଡେଣା ଦୁଇଟି ଅବିକଳ ସାପ ଆକୃତିର। ପ୍ରଜାପତିଟିର ଲମ୍ବ ୮ ଓ ଓସାର ୬ ଇଞ୍ଚର ହେବ। ପ୍ରଜାପତିଟିକୁ ଦେଖିବାକୁ ସୋମବାର ପୂର୍ବାହ୍ନରୁ ସୌଦାମିନୀଙ୍କ ଘରେ ଲୋକଙ୍କ ଭିଡ ଲାଗିଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

MUDRA FINANCE
(Govt. Registered.)
ମାର୍କସିଟ, ପର୍ସନାଲ, ସମ୍ପତି, BPL, ଭତ୍ତା, କୁକୁଡା ପାଳନ, ଇତ୍ୟାଦି ସମସ୍ତ ଋଣ ଓ CBIL କମ ଥିବା ଲୋକ ସ୍କିମରେ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
0% ସୁଧ ଏବଂ 50% ଛାଡ
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7428959168
9311834637

Hindustan Tower Group
(ପଞ୍ଜୀକୃତ) କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଟାୱାର୍ ଲଗାନ୍ତୁ। 90 ଲକ୍ଷ ଆଡଭାନ୍ସ, 60,000ର ଭଡ଼ା + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
9473618663

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଡେପୁଟି ରେଞ୍ଜରଙ୍କ ସମେତ ୩ ନିଲମ୍ବିତ

## କୁମ୍ଭୀର ଉଦ୍ଧାର ଘଟଣା



ଡେପୁଟି ରେଞ୍ଜର ପ୍ରମୋଦ କୁମାର ଖଡ଼ଗରାୟ।

ଦିଗପହଣ୍ଡି, ୧୪।୯(ଡି.ଏନ.ଏ)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ତଲାସିଙ୍ଗି ଗ୍ରାମ ଚାଷଜମିରୁ ଶନିବାର ଏକ କୁମ୍ଭୀର ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ବନ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଡିଓର (ଏସ୍‌ଓପି) ପାଳନ କରାଯାଇନଥିବା ଅଭିଯୋଗରେ ଦିଗପହଣ୍ଡିର ଭାରପ୍ରାପ୍ତ ଡେପୁଟି ରେଞ୍ଜର ପ୍ରମୋଦ କୁମାର ଖଡ଼ଗରାୟଙ୍କ ସମେତ ଫରେଷ୍ଟର ସିତାରାମ ପାତ୍ର ଏବଂ ଫରେଷ୍ଟଗାର୍ଡ ରାଜେଶ୍ୱର ବେହେରାଙ୍କୁ ସୋମବାର ନିଲମ୍ବିତ କରାଯାଇଛି।

ତଲାସିଙ୍ଗୀ ଗ୍ରାମର ସୀମାଞ୍ଚଳ ପାଣିଗ୍ରାହୀଙ୍କ ଧାନ ଜମିରୁ ଦିଗପହଣ୍ଡି ବନ ବିଭାଗ କର୍ମଚାରୀ ଓ ଗ୍ରାମବାସୀଙ୍କ ଉଦ୍ୟମରେ ଗୋ-ମୁହାଁ ପ୍ରଜାତିର କୁମ୍ଭୀର ଉଦ୍ଧାର କରାଯାଇଥିଲା। କୁମ୍ଭୀରଟି ନିକଟସ୍ଥ ଘୋଡ଼ାହାଡ଼ ଡ୍ୟାମରୁ କେନାଲ ପାଣିରେ ଭାସି ଆସିଥିଲା ଏବଂ ପରେ ତାକୁ ସୁରକ୍ଷିତ ଭାବେ ଡ୍ୟାମରେ ଛାଡ଼ିଦିଆଯାଇଛି ବୋଲି ଡେପୁଟି ରେଞ୍ଜର କହିଥିଲେ। କିନ୍ତୁ ଉଦ୍ଧାର କୁମ୍ଭୀରଟିକୁ ବନ ବିଭାଗ କର୍ମଚାରୀ ନୁହନ୍ତି ବାଇକରେ ଗାଁ ଲୋକ ଘୋଡ଼ାହାଡ଼ ଡ୍ୟାମରେ ନେଇ ଛାଡ଼ିଥିଲେ। ଏହାର ଭିଡିଓ ସାମାଜିକ ଗଣମାଧମରେ ଭାଇରାଲ ହୋଇଥିଲା। କୁମ୍ଭୀରଟିକୁ ବାଇକରେ ଜଣେ ଯୁବକ ନେଉଥିବା ମୋବାଇଲ ଭିଡିଓରେ ରେକର୍ଡ କରାଯାଇଥିଲା। ଦିଗପହଣ୍ଡି ବନ ବିଭାଗର ଖାମଖିଆଲି ମନୋଭାବ ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିଲା ବୋଲି କିଛି ବନ୍ୟପ୍ରାଣୀ ବିଶେଷଜ୍ଞ ଓ ସାମାଜିକ କର୍ମୀ ଅଭିଯୋଗ କରିଥିଲେ। କୁମ୍ଭୀର ଉଦ୍ଧାର ସମୟରେ ଦିଗପହଣ୍ଡି ବନ ବିଭାଗ କାର୍ଯ୍ୟାଳୟର ବନରକ୍ଷୀ ସୁଜାତା ରଥ, ମୂରଲୀଧର ନାୟକଙ୍କ ସହ ବନ ବିଭାଗ ପାରା କର୍ମଚାରୀବୃନ୍ଦ ପହଞ୍ଚିଥିଲେ କୁମ୍ଭୀରର ସୁରକ୍ଷା ପ୍ରତି କାହାରି ନିଘା ନଥିଲା। ଅଭିଜ୍ଞ ପ୍ରାଣୀ ଚିକିତ୍ସକଙ୍କ କୁମ୍ଭୀରଟିର ସ୍ୱାସ୍ଥ୍ୟ ପରୀକ୍ଷା କରାନଯାଇ ତରବରିଆ ଭାବେ ଡ୍ୟାମରେ ଛଡ଼ା ଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଲାନ କୁମାର ନାୟକ ଡେପୁଟି ରେଞ୍ଜରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯିବା ସହ କୁମ୍ଭୀର ଉଦ୍ଧାର ସମୟରେ ସେଠାରେ ଉପସ୍ଥିତ ଥିବା ଅନ୍ୟ ବନ କର୍ମଚାରୀମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବନଖଣ୍ଡ ଅଧିକାରୀ କହିଛନ୍ତି। ଡେପୁଟି ରେଞ୍ଜରଙ୍କୁ ଯୋଗାଯୋଗ କରିବାରେ ତାଙ୍କ ବିରୋଧରେ କରାଯାଇଥିବା ଅଭିଯୋଗ ଅମୂଳକ ଓ ନିରାଧାର ବୋଲି ଜଣାଇଛନ୍ତି।


GOVERNMENT OF ODISHA
DEPARTMENT OF SCHOOL & MASS EDUCATION

No.n-19:-

NOTICE

Advertisement for obtaining Certificate of Recognition for the Academic Session 2020-21 to 2024-25 by Privately Managed Elementary Schools and opening permission for new Private Elementary Schools.

| Sl. No. | Item of Work | Date |
|---|---|---|
| 1 | Publication of advertisement in Daily Newspaper | 14.09.2020 |
| 2 | Opening of Private Management Portal for online application for obtaining CoR/ Permission & for opening of New Private schools by Private School Authorities. | 15.09.2020 |
| 3 | Last date for submission of online application by Private School Authorities | 04.11.2020 |
| 4 | Date of closure of Private School Management Portal for Private Schools | 04.11.2020 |
| 5 | Submission of online inspection report for CoR/Permission for opening of New Private Schools by DEOs to DEE | 15.12.2020 |
| 6 | Issue of approval order by DEE to DEOs | 31.12.2020 |
| 7 | Last date for issue of CoR/Opening Permission by DEOs | 15.01.2021 |

Sd./- Director, Elementary Education
Odisha, Bhubaneswar
OIPR-27005/11/0003/2021

## ବଡ଼ମ୍ବା ତହସିଲଦାରଙ୍କ ନାଁରେ ମକଦ୍ଦମା

ନୟାଗଡ ଅଫିସ: କଟକ ଜିଲା ବଡ଼ମ୍ବା ତହସିଲଦାର ଅନୀଲ ପଟ୍ଟନାୟକଙ୍କ ନାଁରେ ନୟାଗଡ଼ ଟାଉନ ଥାନାରେ ମାମଲା ରୁଜୁ ହୋଇଛି। ଅନୀଲ ନୟାଗଡ଼ ତହସିଲରେ ହେଡକ୍ଲର୍କ ଥିବାବେଳେ ୧୯୭୫ ମସିହାର ସିଲିଂ ଫାଇଲ ରିସିଭ କରିଥିଲେ। ତେବେ ଆଉ ଫେରାଇ ନ ଥିଲେ। ଏପରିକି ଦାୟିତ୍ୱ ହସ୍ତାନ୍ତର ପରେବି ଫାଇଲ ଫେରାଇଲେ ନାହିଁ। ବାରମ୍ବାର ନୋଟିସ୍ ପରେ ସେ ଉତ୍ତର ନ ଦେବାରୁ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ନୟାଗଡ଼ ତହସିଲଦାର ଭିକାରୀ ସାହୁଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏନେଇ ବଡ଼ମ୍ବା ତହସିଲଦାରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ରାଜକୋଷ ଅର୍ଥ ହଡ଼ପ ମସୁଧା

ଯାଜପୁର ଅଫିସ,୧୪।୯

ରାଜ୍ୟ ମଜୁରୀ ନିର୍ଦ୍ଧାରଣ ବୋର୍ଡର ନିର୍ଦ୍ଦେଶ ଅନୁଯାୟୀ ବର୍ଷକୁ ବର୍ଷ ହେଉଥିବା ଶ୍ରମିକଙ୍କ ବର୍ଦ୍ଧିତ ଦରର ଅତିରିକ୍ତ ଅର୍ଥକୁ ବିଭାଗୀୟ ଅଧିକାରୀ ଓ ଠିକାଦାର ମିଶି ହଡ଼ପ କରିବାରେ ଲାଗିଛନ୍ତି। ଏପରିକି ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ନିର୍ମାଣ ନ କରି ଦିନ ଘୁଞ୍ଚାଇ ବର୍ଦ୍ଧିତ ଦର (ପ୍ରାଇସ ଏସ୍କେଲେସନ) ନାମରେ ରାଜକୋଷରୁ ବିପୁଳ ଟଙ୍କା ଅଯଥାରେ ଖର୍ଚ୍ଚ କରାଯାଉଥିବା ଅଭିଯୋଗ ହେଉଛି। ଏହି କ୍ରମରେ ଯାଜପୁର ଜିଲା ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ-୨ ଅଧୀନ ବିରୂପା ନଦୀ ଉପରେ ବାହୁଜଙ୍ଗ-ଧାଉଡ଼ିଆପଦା ଏବଂ ସାନଗେଙ୍ଗୁଟି ନଦୀ ଉପରେ ଏନ୍ଏଚ୍-୫ରୁ ଶକୁନ୍ତଳାପୁର ରାସ୍ତାରେ ହାଇଲେଭୁଲ ବ୍ରିଜ ନିର୍ମାଣ ନାମରେ ବର୍ଦ୍ଧିତ ଦର ବିଲ୍ ଦାଖଲ କରାଯାଇଛି। ଏହି ଦୁଇ ପ୍ରକଳ୍ପର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଧାରିତ ଅବଧି ସମୟ ବିତିଯାଇଛି। ତେବେ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ ନ କରି ଦରବୃଦ୍ଧି ନାମରେ ୧କୋଟି ୬୧ ଲକ୍ଷ ୩୯ ହଜାର ୮୭୯ଟଙ୍କା ପ୍ରଦାନ କରିବାକୁ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଆବେଦନ କରାଯାଇଛି। ମିଥ୍ୟା ବିଲ୍ ଭାଉଚର କରି ବର୍ଦ୍ଧିତ ଦର ଅର୍ଥକୁ ମିଳିମିଶି ହଡ଼ପ କରିବାକୁ ମସୁଧା ହୋଇଥିବା ଚର୍ଚ୍ଚା ହେଉଛି।



ବିରୂପା ନଦୀ ଉପରେ ନିର୍ମାଣ ଚାଲିଥିବା ହାଇଲେଭୁଲ୍ ବ୍ରିଜ୍।

ବିରୂପା ନଦୀ ଉପରେ ବାହୁଜଙ୍ଗ-ଧାଉଡିଆପଦା ରାସ୍ତାର ୩ କି.ମି. ଦୂରରେ ହାଇଲେଭୁଲ ବ୍ରିଜ ନିର୍ମାଣ କରିବାକୁ ୨୦୧୩-୧୪ ଆର୍ଥିକ ବର୍ଷରେ ଏଚ୍.ଏଲ୍. ଇନ୍ଫ୍ରାଷ୍ଟ୍ରକ୍ଚର ଠିକାସଂସ୍ଥା ସହ ଚୁକ୍ତି ହୋଇଥିଲା। ୧୩କୋଟି ୭୭ଲକ୍ଷ ୬୨ହଜାର ୯୮୬ଟଙ୍କାର ଏହି ପ୍ରକଳ୍ପ କାର୍ଯ୍ୟ ୧୭।୧୦।୨୦୧୬ରେ ଆରମ୍ଭ ହୋଇ ୧୬।୪।୨୦୧୯ରେ ଶେଷ କରିବାକୁ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ ନ କରି ଠିକାସଂସ୍ଥା ନିର୍ମାଣ ସାମଗ୍ରୀ ବାବଦରେ ୭୦ ପ୍ରତିଶତ, ପିଓଏଲ୍ କମ୍ପୋନେଣ୍ଟ ନାମରେ ୫ ପ୍ରତିଶତ ଏବଂ

**ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ**
- ଅବଧି ପରେ ବି ସରିଲାନି ହାଇଲେଭୁଲ ବ୍ରିଜ କାମ
- ଶ୍ରମିକଙ୍କ ନାମରେ ବର୍ଦ୍ଧିତ ଦର ଅର୍ଥ ଚଳୁ
- ଘୁଞ୍ଚି ଘୁଞ୍ଚି ଯାଉଛି ବିରୂପା, ସାନଗେଙ୍ଗୁଟି ନଦୀର ବ୍ରିଜ କାମ

ଶ୍ରମିକ ଦର ବୃଦ୍ଧି ନାମରେ ୨୫ ପ୍ରତିଶତ ଭାବେ ୧ କୋଟି ୫୫ ଲକ୍ଷ ୫୭ ହଜାର ୯୦୩ ଟଙ୍କା ପ୍ରଦାନ କରିବାକୁ ଆବେଦନ କରିଛି। ଠିକାସଂସ୍ଥାକୁ ଅଯାଚିତ ଅନୁକମ୍ପା ପ୍ରଦର୍ଶନ କରିବାକୁ ଯାଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ମଧ୍ୟ ଏହି ବର୍ଦ୍ଧିତ ଦର ଦେବାକୁ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପତ୍ର ଲେଖିଛନ୍ତି।

ସେହିପରି ସାନଗେଙ୍ଗୁଟି ନଦୀ ଉପରେ ଏନ୍ଏଚ୍-୫ରୁ ଶକୁନ୍ତଳାପୁର ରାସ୍ତାର ୩ କି.ମି. ଦୂରରେ ହାଇଲେଭୁଲ ବ୍ରିଜ ନିର୍ମାଣ କରିବାକୁ ୨୦୧୩-୧୪ଆର୍ଥିକ ବର୍ଷରେ ଏଚ୍.ଏଲ୍. ଇନଫ୍ରାଷ୍ଟ୍ରକ୍ଚର ସହ ଚୁକ୍ତି ହୋଇଥିଲା। ଏହି ପ୍ରକଳ୍ପ ୧୨।୯।୨୦୧୩ରୁ ହୋଇ ୧୧।୫।୨୦୧୫ରେ ଶେଷ ହେବା କଥା। ଏଥିପାଇଁ ୫ କୋଟି ୫୫ ଲକ୍ଷ ୪୧ ହଜାର ୩୧୨ ଟଙ୍କା ମଞ୍ଜୁର ହୋଇଥିବା ବେଳେ ଅବଧି ପୂରିବାକୁ ଇତିମଧ୍ୟରେ ୫ ବର୍ଷ ବିତିଯାଇଛି। ହେଲେ ପ୍ରକଳ୍ପ କାର୍ଯ୍ୟ ସମ୍ପନ୍ନ ନ କରି ୫ ଲକ୍ଷ ୮୧ ହଜାର ୯୭୬ ଟଙ୍କା ବର୍ଦ୍ଧିତ ଦର ହାସଲ କରି ଚଳୁ କରିବାକୁ ଯୋଜନା ହେଉଥିବା ସ୍ଥାନୀୟ ଅଞ୍ଚଳବାସୀ ପକ୍ଷରୁ ଅଭିଯୋଗ ହେଉଛି। ବିରୂପା ନଦୀ ଉପରେ ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ବରୀ ବ୍ଲକର ମନ୍ଦାରୀ, ସେରପୁର, ଗମ୍ଭ, ମହାକାଳପଡ଼ା, ରତ୍ନଗିରି ପଞ୍ଚାୟତର ୩୫ରୁ ଊର୍ଦ୍ଧ୍ୱ ରାଜସ୍ୱ ଗ୍ରାମର ଜନସାଧାରଣ ଉପକୃତ ହୋଇପାରନ୍ତେ। କିନ୍ତୁ ଏହି କାର୍ଯ୍ୟ ଶେଷହେବାକୁ ଦିନ ଗଡୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି। ଏ ସଂକ୍ରାନ୍ତରେ ଆରଡି ଚଣ୍ଡିଖୋଲ ସବ୍‌ଡିଭିଜନର ତୁଳସୀ ପାତ୍ରଙ୍କୁ ପଚାରିବାରେ ବିରୂପା ନଦୀ ଉପରେ ବ୍ରିଜ କାର୍ଯ୍ୟ ଶେଷ ହୋଇଛି। କେବଳ ଆପ୍ରୋଚ ରୋଡ କାର୍ଯ୍ୟ ବାକି ରହିଛି। ବର୍ଦ୍ଧିତ ଦର ପାଇଁ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସେହି ଅର୍ଥ ଆସିଲେ ପ୍ରକଳ୍ପ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ନାଉଗାଁ ପଞ୍ଚାୟତ ସମିତିର ୧୧ ତମ ବୈଠକ

ନାଉଗାଁ,୧୪।୯(ସ୍ୱ.ପ୍ର.): ନାଉଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର କୋଭିଡ୍ କଟକଣା ମଧ୍ୟରେ ୧୧ତମ ପଞ୍ଚାୟତସମିତି ବୈଠକ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗନ୍ନାଥ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଡିଓ ରଶ୍ମିରେଖା ମଲିକ, ସହକାରୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ସୁବଳ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତରେ ଥିବା ରାସ୍ତା, ଅଙ୍ଗନୱାଡ଼ି କେନ୍ଦ୍ର, ବିଦ୍ୟାଳୟ ଗୃହ ମରାମତି ନିମନ୍ତେ ଆକ୍ସନ ପ୍ଲାନ ପ୍ରସ୍ତୁତ ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ବିଭାଗୀୟ ଅଧିକାରୀ ବୈଠକରେ ଯୋଗ ଦେଇ ନ ଥିବା ବେଳେ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ଉପସ୍ଥିତ ଥିଲେ।

### ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ନୟାଗଡ ଅଫିସ,୧୪।୯: ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ ଜାତୀୟ ରାଜପଥ ମରାମତି କାର୍ଯ୍ୟ କରୁଥିବା ଜଣେ ଶ୍ରମିକଙ୍କ ମଧୁପୁର ନିକଟରେ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ମୃତକହେଲେ କେନ୍ଦୁଝର ଜିଲା ବାଙ୍ଗରଶୁଣି ଗାଁର ପ୍ରମୋଦ ଦେହୁରୀ(୨୬)। ସେ ଶନିବାର ରାତିରେ ଖାଇପିଇ ଶୋଇଥିଲେ। ହେଲେ ରବିବାର ଭୋର ସମୟରେ ଦେଖିବାବେଳକୁ ଅଚେତ ହୋଇ ରହିଥିଲେ। ଫଳରେ ଅନ୍ୟ ଶ୍ରମିକମାନେ ତାଙ୍କୁ ଉଦ୍ଧାର କରି ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦଶପଲ୍ଲା ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ରାଜମିସ୍ତ୍ରି ଦେଲେ ମାଟ୍ରିକ ପରୀକ୍ଷା

ନୟାଗଡ଼ ଅଫିସ,୧୪।୯: ନୟାଗଡ଼ ଜିଲାରେ ମାଟ୍ରିକ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ସୋମବାରଠାରୁ ଆରମ୍ଭ ହୋଇଛି। ତେବେ ଏନ୍ଏନ୍ଏସ୍ଏସ୍ଏମ୍ପି ଶିକ୍ଷା ନିକେତନ ନବଘନପୁରରେ ନୟାଗଡ ବ୍ଲକ ଦୁର୍ଗାପ୍ରାସାଦ ଗାଁର ବିକ୍ରମ ପରିଡା(୬୦) ନାମକ ରାଜମିସ୍ତ୍ରୀ ରାଜ୍ୟ ମୁକ୍ତ ବିଦ୍ୟାଳୟ ଅଧୀନରେ ମାଟ୍ରିକ ପରୀକ୍ଷା ଦେଇଛନ୍ତି।



ପ୍ରକାଶଥାଉକି, ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ୭୫ ସ୍କୁଲର ୨୦୯ ରେଗୁଲାର ଓ ୩୭ ଏକ୍ସରେଗୁଲାର ଛାତ୍ରାଛାତ୍ର ଫର୍ମପିଲପ କରିଥିଲେ। ଜିଲାରେ ୭ଟି ନୋଡ଼ାଲ ସେଣ୍ଟର ହୋଇଛି। ନୟାଗଡର ବ୍ରଜେନ୍ଦ୍ର ହାଇସ୍କୁଲ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସପ୍ଲିମେଣ୍ଟାରୀ ପରୀକ୍ଷା ହୋଇଛି। ନୟାଗଡ ଏନଏସି ହାଇସ୍କୁଲ ଓ ଏନଏନଏସଏସଏମପି ଶିକ୍ଷା ନିକେତନ ନବଘନପୁରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଅନୁରୂପ ଭାବେ ଅନୁଷ୍ଠିତ ହୋଇଛି। ନୟାଗଡ଼ର ବ୍ରଜେନ୍ଦ୍ର ହାଇସ୍କୁଲରେ ୧୨୦ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୧୮ ଛାତ୍ରାଛାତ୍ର ପରୀକ୍ଷା ଦେଇଛନ୍ତି। ନୟାଗଡ଼ ଏନଏସି ହାଇସ୍କୁଲରେ ୧୦୦ ଓ ଏନଏନଏସଏସଏମପି ଶିକ୍ଷା ନିକେତନ ନବଘନପୁରରେ ୧୦୮ ଛାତ୍ରାଛାତ୍ର ଅନୁରୂପ ଭାବେ ପରୀକ୍ଷା ଦେଇଛନ୍ତି।

## ଛୁରି ଦେଖାଇ ସିମେଣ୍ଟ ଦୋକାନରୁ ୬୦ ହଜାର ଲୁଟ୍

ଡେରାବିଶ, ୧୪।୯ (ସ୍ୱ.ପ୍ର.)

ସଦର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର କାକଟିଆ ବଜାରଠାରେ ଥିବା ଏକ ସିମେଣ୍ଟ ଦୋକାନରୁ ରବିବାର ରାତିରେ ଦୁଇ ଜଣ ଦୁର୍ବୃତ୍ତ ଦୋକାନ ମାଲିକଙ୍କୁ ଛୁରି ଦେଖାଇ ୬୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏହାସହ ବ୍ୟାଙ୍କ ଜମାଖାତା ଓ ଏଟିଏମ୍ କାର୍ଡ ମଧ୍ୟ ଦୁର୍ବୃତ୍ତମାନେ ଲୁଟି ନେଇଥିବା ଦୋକାନ ମାଲିକ ଚାନ୍ଦୋଳ ପଞ୍ଚାୟତ ନରଣପଡ଼ା ଗ୍ରାମର ପ୍ରଭାତ କୁମାର ଦାଶ ଏତଲାରେ ଦର୍ଶାଯାଇଛନ୍ତି। ସେ ଦୋକାନରେ ଏକା ବସିଥିବା ବେଳେ ଦୁର୍ବୃତ୍ତ ଦ୍ୱୟ ଏକ ବାଇକ୍‌ରେ ଆସି ଘର ପଲିସ୍ ପାଇଁ ଲିକୁଇଡ୍ ମାଗିଥିଲେ। ସେ ଲିକୁଇଡ୍ ଦେବା ବେଳକୁ ଦୁର୍ବୃତ୍ତମାନେ ତାଙ୍କୁ ଛୁରି ଦେଖାଇ ଡ୍ରୟରରେ ଥିବା ଟଙ୍କା, ବ୍ୟାଙ୍କ ପାସ୍‌ବୁକ୍ ଓ ଏଟିଏମ୍ କାର୍ଡ ଲୁଟ କରି ଦ୍ରୁତଗତିରେ କଟକ ଆଡ଼କୁ ପଳାଇ ଯାଇଥିଲେ। ଦୋକାନଠାରୁ ୩୦୦ ମିଟର ଦୂରରେ ଥିବା ଚାନ୍ଦୋଳ ଫାଣ୍ଡି ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ସୋମବାର ସକାଳେ ସଦର ଥାନାଧିକାରୀ ପ୍ରମୋଦ କୁମାର ମଲ୍ଲିକ ଘଟଣାସ୍ଥଳକୁ ଆସି ତଦନ୍ତ କରିବା ସହ ଏ ନେଇ ଏକ ମାମଲା ରୁଜୁ କରିଛନ୍ତି।

## ଦାୟିତ୍ୱ ନେଲେ ନୂତନ ଜିଲାପାଳ



ଯାଜପୁର ଜିଲାପାଳ ଭାବେ ଚକ୍ରବର୍ତ୍ତୀ ସିଂ ରାଠୋର ଦାୟିତ୍ୱ ଗ୍ରହଣ କରୁଛନ୍ତି।

ଯାଜପୁର ଅଫିସ୍/ଯାଜପୁର ଟାଉନ୍ (ଡି.ଏନ୍.ଏ.), ୧୪।୯

ଯାଜପୁର ଜିଲାର ୨୧ ତମ ଜିଲାପାଳ ଭାବେ ଚକ୍ରବର୍ତ୍ତୀ ସିଂ ରାଠୋର ସୋମବାର ଦାୟିତ୍ୱ ନେଇଛନ୍ତି। ପୂର୍ବାହ୍ନରେ ଜିଲାପାଳ ରାଠୋର ପ୍ରଥମେ ବିରଜାଙ୍କ ମନ୍ଦିରକୁ ଯାଇ ବାହାରେ ମା'ଙ୍କୁ ପ୍ରଣାମ କରି ଆଶୀର୍ବାଦ କାମନା କରିଥିଲେ। ପରେ ସେ କାର୍ଯ୍ୟାଳୟରେ ପହଞ୍ଚି ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଜିଲାପାଳ ରାଠୋର ଏହା ପୂର୍ବରୁ ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେଶନର କମିଶନର ଭାବେ କାର୍ଯ୍ୟରତ ଥିଲେ। ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ ସମୟରେ ପ୍ରକଳ୍ପ ନିର୍ଦ୍ଦେଶକ ନାୟକଙ୍କ ସହ ଆଇଏଏସ୍ ପ୍ରୋବେସନର ସଚିନ ପାୱାର, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ଜିଲାପାଳଙ୍କ ସ୍ୱତନ୍ତ୍ର ଅଧିକାରୀ କୁଳମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

ନୟାଗଡ଼ ଅଫିସ,୧୪।୯

ନୟାଗଡ଼ ଟାଉନ ଥାନା ପୋଲିସ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତମେଦହ ସୋମବାର ଜବତ କରିଛି। ତେବେ ମୃତଦେହ ଚିହ୍ନଟ ହୋଇ ପାରୁ ନ ଥିବାରୁ ୭୨ ଘଣ୍ଟା ପାଇଁ ମର୍ଚ୍ଚରୀ କୁଲରରେ ସଂରକ୍ଷଣ କରି ରଖାଯାଇଛି। ପରେ ବ୍ୟବଚ୍ଛେଦ କରାଯିବ। ରବିବାର ୫୦ ବର୍ଷର ଏହି ବ୍ୟକ୍ତିଙ୍କୁ ଏକ ଆମ୍ବୁଲାନ୍ସ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସୋମବାର ତାଙ୍କର ମୃତ୍ୟୁ ଘଟିଛି।

## ଫାଣ୍ଡି ଅଧିକାରୀଙ୍କ ବିରୋଧରେ ଏସ୍‌ପିଙ୍କୁ ଅଭିଯୋଗ

ଜଗତ୍‌ସିଂହପୁର ଅଫିସ, ୧୪।୯

**ବାକି ପଇସା ମାଗିବାରୁ ମାଡ଼ ମାମଲା**

ବାଲିକୁଦା ଥାନା ତେନ୍ତୁଳିବେଲାରୀର ରବୀନ୍ଦ୍ର ହାତୀ ବାକି ଟଙ୍କା ମାଗି ମାଡ ଖାଇଥିବା ଅନନ୍ତପୁର ଫାଣ୍ଡିରେ ଅଭିଯୋଗ ହୋଇଥିଲା। କିନ୍ତୁ ଫାଣ୍ଡି ଅଧିକାରୀ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଏହାର ସୁଯୋଗରେ ଅଭିଯୁକ୍ତମାନେ ରବୀନ୍ଦ୍ର ଓ ତାଙ୍କ ପରିବାରକୁ ହତ୍ୟା ଧମକ ଦେଇଛନ୍ତି। ଫାଣ୍ଡି ଅଧିକାରୀଙ୍କ ନିଷ୍କ୍ରିୟତା ପ୍ରତିବାଦରେ ରବୀନ୍ଦ୍ର ସୋମବାର ଏସ୍‌ପି ପ୍ରକାଶ ଆର୍‌ଙ୍କ ନିକଟରେ ଅଭିଯୋଗ କରିବା ସହ ନ୍ୟାୟଭିକ୍ଷା କରିଛନ୍ତି।

ସେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଏହି ଗାଁରେ ତାଙ୍କର ଏକ ପାନ ଦୋକାନ ରହିଛି। ଦୋକାନରୁ ଗାଁର ଦୀପୁନା ହାତୀ ବାକି ନେଇ ଟଙ୍କା ଦେଉନାହାନ୍ତି। ଅଗଷ୍ଟ ୮ ତାରିଖ ରାତି ପ୍ରାୟ ୮ଟା୩୦ରେ ସେ ତାଙ୍କ ପାନ ଦୋକାନରେ ବସିଥିବା ବେଳେ ଦୀପୁନା ଉକ୍ତ ଗାଁର ଉଲ୍ଲାସ ହାତୀଙ୍କଠାରୁ ସଉଦା କିଣୁଥିଲେ। ସେତିକିବେଳେ ସେ ଦୀପୁନାଙ୍କୁ ବାକି ଟଙ୍କା ଦେବାକୁ କହିବାରୁ ଉଲ୍ଲାସ ଓ ତାଙ୍କ ପୁଅ ଲିକୁ ରାଗିଯାଇ ଗାଳିଗୁଲଜ କରିଥିଲେ। ରବୀନ୍ଦ୍ର ଏହାର ପ୍ରତିବାଦ କରିବାରୁ ଉଭୟ ଉଲ୍ଲାସ ଓ ତାଙ୍କ ପୁଅ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସେ ଅସହ୍ୟ ଯନ୍ତ୍ରଣା ଅନୁଭବ କରୁଛନ୍ତି। ତେଣୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। କିନ୍ତୁ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିଲେ ସୁଦ୍ଧା ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ୧ ସପ୍ତାହ ମଧ୍ୟରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସେମାନେ ବାଧହୋଇ ଆସନ୍ତା ୨୨ ତାରିଖରେ ସପରିବାର ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଫାଣ୍ଡି ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ

ଯାଜପୁର ଟାଉନ, ୧୪।୯ (ଡି.ଏନ୍.ଏ.)

**କଲିକତା କୋର୍ଟରୁ ଦଣ୍ଡିତ ବ୍ୟକ୍ତି ଗିରଫ**

କଲିକତା ମେଟ୍ରୋ ପଲିଟିଆନ୍ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ଦ୍ୱାରା ଯାଜପୁର ଥାନା ଅଞ୍ଚଳର ଜଣେ ଦଣ୍ଡିତ ବ୍ୟକ୍ତିଙ୍କୁ ୱାରେଣ୍ଟ ଯୋଗେ ସୋମବାର ଯାଜପୁର ପୋଲିସ ଗିରଫ କରିଛି। ସେ ହେଲେ କମଳପୁର ଗ୍ରାମର ଅଲେଖ ବିଶ୍ୱାଳଙ୍କ ପୁଅ ପାର୍ଥସାରଥି ବିଶ୍ୱାଳ (୪୬)। ପାର୍ଥସାରଥୀ କଲିକତାରେ ମେସର୍ସ ଆଦିତ୍ୟ ସ୍ୱାର୍ପ ନାମରେ ଏକ କମ୍ପାନୀ ଖୋଲି ବ୍ୟବସାୟ କରୁଥିଲେ। କମ୍ପାନୀ ମାଧ୍ୟମରେ ଚମ୍ପା ନନ୍ଦୀ ନାମକ ଜଣେ ବ୍ୟକ୍ତିଙ୍କଠାରୁ ୩ କୋଟି ୫ଲକ୍ଷ ୯୧ ହଜାର ୭୪୩ ଟଙ୍କା ନେଇ ପାର୍ଥସାରଥୀ ଏକ ଚେକ୍ ପ୍ରଦାନ କରିଥିଲେ। ଏହି ଅର୍ଥ ବାବଦକୁ ପାର୍ଥସାରଥି ଚମ୍ପା ନନ୍ଦିଙ୍କୁ କୌଣସି ବ୍ୟବସାୟିକ ସଫଳତା ନ ଦେବାରୁ ସେ ୨୦୧୧ରେ କଲିକତା ମେଟ୍ରୋ ପଲିଟିଆନ୍ ମାଜିଷ୍ଟ୍ରେଟ୍ କୋର୍ଟରେ ଏକ ମକୋଦ୍ଦମା କରିଥିଲେ। ଏହି ମାମଲାର ଚୂଡାନ୍ତ ଶୁଣାଣି ୨୦୧୭ ଡିସେମ୍ବର ୨୧ରେ ହୋଇଥିଲା। ଏଥିରେ କଲିକତା ମେଟ୍ରୋ ପଲିଟିଆନ୍ ମାଜିଷ୍ଟ୍ରେଟ୍ କୋର୍ଟ ପାର୍ଥସାରଥିଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ପାର୍ଥସାରଥୀଙ୍କୁ ୧ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିବା ସହ ଚମ୍ପା ନନ୍ଦୀଙ୍କୁ ୩ କୋଟି ୫ଲକ୍ଷ ୯୧ ହଜାର ୭୪୩ ଟଙ୍କା ପ୍ରଦାନ କରିବାକୁ ରାୟ ପ୍ରକାଶ ପାଇଥିଲା। ପାର୍ଥସାରଥି ଉପର କୋର୍ଟରେ ଅପିଲ କରିଥିଲେ ବି ତାହା ଖାରଜ ହୋଇଯାଇଥିଲା।

**ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା ଆରମ୍ଭ**

## ଧର୍ମଶାଳାରେ ପରୀକ୍ଷା ଦେଲେ ୧୬୯ ଛାତ୍ରୀଛାତ୍ର

ଧର୍ମଶାଳା, ୧୪।୯ (ଡି.ଏନ୍.ଏ.)

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ବୋର୍ଡ ପରୀକ୍ଷା ସୋମବାରଠାରୁ ଆରମ୍ଭ ହୋଇଛି। ଧର୍ମଶାଳା ବ୍ଲକର ବାଣୀପୀଠ ହାଇସ୍କୁଲରେ ହୋଇଥିବା ପରୀକ୍ଷା କେନ୍ଦ୍ରରେ ସୋମବାର ୧୬୯ଜଣ ପରୀକ୍ଷା ଦେଇଛନ୍ତି। କରୋନା କଟକଣା ଅନୁଯାୟୀ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କ ପାଇଁ ମାସ୍କ ବ୍ୟବହାର ବାଧ୍ୟତାମୂଳକ କରାଯାଇଥିବା ବେଳେ ପରୀକ୍ଷା ହଲ୍‌କୁ ପ୍ରବେଶ ପୂର୍ବରୁ ହାତକୁ ସାନିଟାଇଜ କରାଯାଇଥିଲା। ଗୋଟିଏ ହଲ୍‌ରେ ୧୮ଜଣ ଛାତ୍ରୀଛାତ୍ର ସାମାଜିକ ଦୂରତ୍ୱ ରକ୍ଷାକରି ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଥିଲା। ଶିକ୍ଷକମାନେ ମାସ୍କ ପିନ୍ଧି କରି ପରୀକ୍ଷା ପରିଚାଳନା କରିଥିଲେ।

## ବକେୟା ଦରମା, ଇପିଏଫ୍ ପ୍ରଦାନ ଦାବି



କମ୍ପାନୀ ଆଗରେ ଧାରଣାରତ ଶ୍ରମିକ ଓ କର୍ମଚାରୀମାନେ।

କାଳିଆପାଣି, ୧୪।୯ (ଡି.ଏନ୍.ଏ.)

**ବାଲେଶ୍ୱର ଆଲଏଜ ଖଣିରେ ଶ୍ରମିକ ଆନ୍ଦୋଳନ**

କାଳିଆପାଣିସ୍ଥିତ ବାଲେଶ୍ୱର ଆଲଏଜ୍ ଖଣିରେ ଶ୍ରମିକ ଓ କର୍ମଚାରୀ ମିଳିତ ଭାବେ ଖଣି ଗେଟ ଆଗରେ ଧାରଣା ଦେବା ସହ ପରିବହନକୁ ବନ୍ଦ କରିଦେଇଥିଲେ। ଉକ୍ତ ଖଣିରେ ୬୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ କାର୍ଯ୍ୟ କରୁଥିବା ବେଳେ ବକେୟା ଦରମା ଓ ଇପିଏଫ୍ ବାବଦ ଟଙ୍କା ଦିଆଯାଉନି। କମ୍ପାନୀ କର୍ତ୍ତୃପକ୍ଷ ୭ମାସରୁ ଊର୍ଦ୍ଧ୍ୱ ହେବ ଆଜିକାଲି କହୁଥିବା ବେଳେ ଶ୍ରମିକମାନେ ବହୁ ସମସ୍ୟା ଭୋଗୁଛନ୍ତି। ସେହିପରି କେତେଜଣ କର୍ମଚାରୀ କମ୍ପାନୀରୁ ଅବସର ନେଇଥିବା ବେଳେ ୫ ମାସହେବ ସେମାନଙ୍କୁ ଅବସରକାଳୀନ ଭତ୍ତା ମିଳୁନାହିଁ। ଏ ସମସ୍ତ ଦାବିକୁ ନେଇ ଶ୍ରମିକ ଓ କର୍ମଚାରୀମାନେ କମ୍ପାନୀ ଗେଟ୍ ଆଗରେ ଧାରଣା ଦେବା ସହ ନାରାବାଜି ଦେଇଥିଲେ। ୩ ଘଣ୍ଟା ପରେ କମ୍ପାନୀ ପକ୍ଷରୁ ଉପସଭାପତି ତାରେଣୀ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଶ୍ରମିକମାନଙ୍କୁ ବୁଝାସୁଝା କରିଥିଲେ। ଚଳିତମାସରେ ଅଳ୍ପ କିଛି ପ୍ରାପ୍ୟ ଦେବା ସହ ମାସ ଶେଷ ପୂର୍ବରୁ ବକେୟା ସମସ୍ତ ଦରମା ପ୍ରଦାନ କରାଯିବା ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବଳରାମ ଦାସ, ଜଗଦିଶ ହେମ୍ବ୍ରମ, ଭବାନୀ ମହାନ୍ତ, ପୁରୁଷୋତ୍ତମ ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ ପ୍ରମୁଖ ଧାରଣାରେ ବସିଥିଲେ। ଏ ନେଇ କମ୍ପାନୀ ଉପସଭାପତି ତାରେଣୀ ମହାନ୍ତିଙ୍କୁ ଫୋନ୍ କରାଯାଇଥିଲେ ବି ସେ ରିସିଭ୍ ନ କରିବାରୁ ତାଙ୍କ ମତାମତ ନିଆଯାଇପାରିନାହିଁ।

## ଅକ୍ଟୋବର ୨ରୁ ଗଣଧାରଣା ନିଷ୍ପତ୍ତି

ରଘୁନାଥପୁର,୧୪।୯(ଡି.ଏନ.ଏ.)

**ରେଢୁଆ ସିଏଚ୍‌ସିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ଦାବି**



ବୈଠକରେ ଯୋଗ ଦେଇଥିବା ମହିଳା ଓ ଅନ୍ୟମାନେ।

ରଘୁନାଥପୁର ବ୍ଲକ ଅଧୀନ ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ଦାବି ନେଇ ସୋମବାର ବାଲିକୁଦାଠାରେ ଏକ ସଭା ଅନୁଷ୍ଠିତ ହୋଇଛି। ସଭାରେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ମେଡିକାଲ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଆବାହକ ସ୍ନେହାଂଶୁ ଜେନା ଓ ଦେବୀପ୍ରସାଦ ମହାରଣାଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ଶତାଧିକ ମହିଳା ଏକତ୍ରିତ ହୋଇ ଏ ସମ୍ପର୍କରେ ପ୍ରତିକ୍ରିୟା ରଖିଥିଲେ।

ସ୍ୱାସ୍ଥ୍ୟ ବିଭାଗ ପତ୍ର ସଂଖ୍ୟା: ୨୫୬୭୯/୧୩.୧୦.୨୦୧୭ ଅନୁସାରେ ରେଢୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପ୍ରଦାନ କରାଯାଇଥିଲା। ଭିତ୍ତିଭୂମି ଉନ୍ନତି, ଡାକ୍ତର ଓ ପାରାମେଡିକାଲ ଷ୍ଟାଫ ବୃଦ୍ଧି ଓ ୨୪ ଘଣ୍ଟିଆ ସେବା ଯୋଗାଇ ଦେବା ପାଇଁ ୩ ବର୍ଷ ଧରି ଆଖପାଖ ୧୨ ପଞ୍ଚାୟତବାସୀ ବିଭିନ୍ନ ସମୟରେ ସରକାରଙ୍କ ନିକଟରେ ଦାବି ଜଣାଉଛନ୍ତି। ମାତ୍ର କୌଣସି ପ୍ରକାର ଆଶ୍ୱାସନା ଦିଆଯାଇ ସାଧାରଣଜନତାଙ୍କ ସ୍ୱରକୁ ଦୁର୍ବଳ କରିଦିଆଯାଉଛି। ଆଉ ନୁହେଁ, ସହିବାର ସବୁ ସୀମା ଟପିଯାଇଛି। ଗାନ୍ଧୀ ଜୟନ୍ତୀରୁ ଅହିଂସା ମାର୍ଗରେ ମହିଳାମାନେ ଆମରଣ ଅନଶନରେ ବସିବେ ଏବଂ ପ୍ରତି ଗ୍ରାମରେ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ ବୋଲି କ୍ଷମାମୟୀ ଦଳେଇ, ତପସ୍ୱିନୀ ଦାଶ, ରାଧାରାଣୀ ରଥ, ସରସ୍ୱତୀ ମହାପାତ୍ର, ଡଲି ସ୍ୱାଇଁ ଓ ରିନୁବାଲା ବିଶ୍ୱାଳ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିବା ଆବାହକ ମହାରଣା କହିଛନ୍ତି। ବୈଠକରେ ଜଗନ୍ନାଥ ବିଶ୍ୱାଳ ଓ ସୂର୍ଯ୍ୟକାନ୍ତ ଦାଶ ସହଯୋଗ କରିଥିଲେ।

## ବିସ୍ଫୋରକ ସ୍ଥିତିରେ କରୋନା ସଂକ୍ରମଣ

କେନ୍ଦ୍ରାପଡା ଅଫିସ୍, ୧୪।୯

- କଟକଣା ଘେରରେ ବହୁ ସରକାରୀ ଅଫିସ୍
- ଦୋକାନୀ, ଗ୍ରାହକ ମାନୁନାହାନ୍ତି କଟକଣା

କେନ୍ଦ୍ରାପଡ଼ା ସହର ଏବେ କରୋନା ସଂକ୍ରମଣ ବିସ୍ଫୋରକ ସ୍ଥିତିରେ ପହଞ୍ଚିଛି। ଅନଲକ୍-୪ର ସୁବିଧା ନେଇ ଦୋକାନୀ, ଗ୍ରାହକଠାରୁ ଆରମ୍ଭ କରି ସାଧାରଣଲୋକ କରୋନା ସଂକ୍ରମଣକୁ ଅଣଦେଖା କରୁଛନ୍ତି। ସହରର ୬୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମଧ୍ୟରୁ ମାତ୍ର ୬ ହଜାର ଲୋକଙ୍କର କରୋନା ଟେଷ୍ଟ ହୋଇଛି। ଏଥିରେ ୩୦୨ ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ପୂର୍ବରୁ ହୋଇଥିବା କଟକଣା ସମୟରେ ସହର ମଧ୍ୟରୁ ଗୋଟିଏ ଦୁଇଟି ମାମଲା ନଜରକୁ ଆସୁଥିବା ବେଳେ ଗତ ୧୪ ଦିନ ମଧ୍ୟରେ ପ୍ରତ୍ୟହ ଆକ୍ରାନ୍ତଙ୍କ ସଂଖ୍ୟା ୧୦ରୁ ଅଧିକ ରହୁଛି। ଇତିମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ, ତହସିଲ ଅଫିସ୍, ଷ୍ଟେଟ ବ୍ୟାଙ୍କ, କୋର୍ଟ, ଡିଆରଡିଏ ଅଫିସ ବହୁବାର କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇ ବନ୍ଦ ହୋଇଛି। ଏବେ ସହର ମଧ୍ୟରେ ଥିବା ସମସ୍ତ ଅଫିସରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି।

ପୌର କାର୍ଯ୍ୟାଳୟ ତଥ୍ୟ ଅନୁଯାୟୀ, ଗତ ମେରୁ ଅଦ୍ୟାବଧି ୬୮୬ ଜଣ ରାଜ୍ୟ ବାହାରୁ ସହରକୁ ଆସିଛନ୍ତି। ଏମାନଙ୍କ ମଧ୍ୟରୁ ୪୪୦ ପ୍ରବାସୀ ସହର ମଧ୍ୟରେ ଥିବା ୧୩ଟି ସଙ୍ଗରୋଧ କେନ୍ଦ୍ରରେ ରହି ଘରକୁ ଫେରିଛନ୍ତି। ଅପରପକ୍ଷରେ ଚିହ୍ନଟ ୩୦୨ଆକ୍ରାନ୍ତଙ୍କ ମଧ୍ୟରୁ ୧୪୩ ଜଣ ହୋମ୍ କ୍ୱାରାଣ୍ଟାଇନରେ ରହିଥିଲେ। ଘରେ ରହିଥିବା ଆକ୍ରାନ୍ତଙ୍କ ମଧ୍ୟରୁ ୬୧ ଜଣ ସୁସ୍ଥ ହୋଇଛନ୍ତି। ସହରର କରୋନା ସଂକ୍ରମଣ ସମ୍ପର୍କରେ ବୁଦ୍ଧିଜୀବୀ ମୀର ଅବୁ ଓବେଦା, ଆଶିଷ କୁମାର ସେନାପତି, ଅମରବର ବିଶ୍ୱାଳ, ପରେଶ କୁମାର ଦାସ, ସାମାଜିକ କର୍ମୀ ମନୋଜ ସିଂହ, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା ପ୍ରମୁଖ କହିଛନ୍ତି, ପୌର ପ୍ରଶାସନ ଏବେ କଟକଣା ପ୍ରତି ଧ୍ୟାନ ଦେଉନାହାନ୍ତି। ଗତ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ସପ୍ତାହାନ୍ତ ଶଟ୍‌ଡାଉନ ସହ ରାତ୍ରିକାଳୀନ କର୍ଫ୍ୟୁ ଥିଲା। ଏଥିପାଇଁ ସହରବାସୀ କରୋନା ସଂକ୍ରମଣ ପ୍ରତି ସଚେତନ ହୋଇ ଚଳାଚଳ କରୁଥିଲେ। ତେବେ ସେପ୍ଟେମ୍ବର ଆରମ୍ଭରୁ କଟକଣା ହଟିଯିବା ପରେ ସମସ୍ତେ ବେପରୁଆ ହୋଇଯାଇଛନ୍ତି। ପୂର୍ବରୁ ଦୋକାନ ସମ୍ମୁଖରେ ସାମାଜିକ ଦୂରତ୍ୱ ରଖିବା ପାଇଁ ଗୋଲେଇ ଚିହ୍ନ ଦିଆଯାଉଥିଲା। ସେହିପରି କଟକଣା ସମୟରେ ମାସ୍କ ପିନ୍ଧିବା, ହାତ ସାନିଟାଇଜ କରିବା ପ୍ରତି ଦୋକାନୀ ଓ ଗ୍ରାହକ ଆଗ୍ରହ ଦେଖାଉଥିଲେ। କଟକଣା ହଟିବା ପରେ ଦୋକାନ ବଜାରରେ ଅସମ୍ଭବ ଭାବେ ଭିଡ଼ ପରିଲକ୍ଷିତ ହେଉଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ କହିଛନ୍ତି, କୋଭିଡ୍-୧୯ ନିୟମାବଳୀ ପାଳନକୁ ପୌର ପ୍ରଶାସନ ସର୍ବଦା ଗୁରୁତ୍ୱ ଦେଇଆସିଛି। ସହରର ବିଭିନ୍ନ ସ୍ଥାନରେ ୱାଲ୍ ପେଣ୍ଟିଂ କରାଯାଇ ସଚେତନତା ସୃଷ୍ଟି କରାଯାଉଛି। ଏଥିସହ ହାଟ ବଜାରରେ ସାମାଜିକ ଦୂରତ୍ୱ ରଖିବା ପାଇଁ ମାଇକରେ ପ୍ରଚାର ହେଉଛି। ସେହିପରି ୩ଟି ସାନିଟାଇଜର ଟନେଲ ପ୍ରସ୍ତୁତ ସହ ସହର ମଧ୍ୟରେ ସଫେଇ, ପାନୀୟ ଜଳ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ୱାର୍ଡସ୍ତରରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସହ କର୍ମଚାରୀ ମିଶି ଅକ୍ସିମିଟର, ଥର୍ମାଲ ସ୍କ୍ରିନିଂ ସହ ଆଣ୍ଟିଜେନ ଟେଷ୍ଟ କରାଉଛନ୍ତି। ଦୋକାନ ବଜାରରେ ହେଉଥିବା ଭିଡ଼ ରୋକିବା ପାଇଁ ଜିଲାପାଳଙ୍କ ଆଦେଶ କାର୍ଯ୍ୟକାରୀ ହେଉଥିବା ନିର୍ବାହୀ ଅଧିକାରୀ ବଳ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଖୁଚୁରା ମୁଦ୍ରାସ୍ଫୀତି ୬.୬୯%କୁ ହ୍ରାସ

ନୂଆଦିଲ୍ଲୀ, ୧୪।୯: ଦେଶ ମଧ୍ୟରେ ଖୁଚୁରା ମୁଦ୍ରାସ୍ଫୀତି ଅଗଷ୍ଟରେ ସାମାନ୍ୟ ହ୍ରାସ ହୋଇଛି। ଅଗଷ୍ଟରେ ଖାଉଟି ମୂଲ୍ୟ ସୂଚୀ(ସିପିଆଇ) ୬.୬୯% ସ୍ତରକୁ ଖସିଛି। ଏହା ଚଳିତ ବର୍ଷ ଜୁଲାଇରେ ୬.୭୩% ସ୍ତରରେ ରହିଥିଲା। କୋଭିଡ୍ ଯୋଗୁ ସାମଗ୍ରୀ ଯୋଗାଣରେ ବାଧା ଉପୁଜୁଥିବାରୁ ସାମଗ୍ରୀ ଦରଦାମ ଉଚ୍ଚରେ ରହିଛି। ଆଗାମୀ ଦିନରେ ଦରଦାମ ନିମ୍ନରେ ରହିବ ବୋଲି ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କେ.ଭି.ସୁବ୍ରମଣ୍ୟନ କହିଥିଲେ। ସେହିଭଳି ଅଗଷ୍ଟରେ ପାଇକାରୀ ମୁଦ୍ରାସ୍ଫୀତି ୦.୧୬% ସ୍ତରକୁ ବଢ଼ିଥିବର ସରକାରୀ ଡାଟାରୁ ସାମ୍ନାକୁ ଆସିଛି।

### ପିଆଜ ରପ୍ତାନିରେ ଲାଗିଲା କଟକଣା

ନୂଆଦିଲ୍ଲୀ, ୧୪।୯: କେନ୍ଦ୍ର ସରକାର ପିଆଜ ରପ୍ତାନିକୁ ସୋମବାର ବ୍ୟାନ କରିଛନ୍ତି। ଦେଶର ଦକ୍ଷିଣ ଭାଗରେ ରହିଥିବା ରାଜ୍ୟଗୁଡିକରେ ଲଗାଣ ବର୍ଷା ଯୋଗୁ ଏହା ଫସଲ ଉପରେ ପ୍ରଭାବ ପଡିଛି। ଏଥି ଯୋଗୁ ପିଆଜ ଦର ଉପରେ ମଧ ପ୍ରଭାବ ପଡିଛି। ସବୁ ବର୍ଗର ପିଆଜ ରପ୍ତାନି ଉପରେ କଟକଣା ଲଗାଯାଇଥିବା ଜଣାପଡିଛି। ଭାରତ ପିଆଜ ରପ୍ତାନିରେ ଏକ ପ୍ରମୁଖ ସ୍ଥାନରେ ରହିଛି। ହେଲେ ବର୍ତ୍ତମାନ ବଜାରରେ ସମସ୍ୟା ରହିଥିବା ଯୋଗୁ ସରକାର କଟକଣା ଲଗାଇଥିବା ଦେଖାଯାଇଛି। ସୂଚନା ଯୋଗ୍ୟ ଯୋଗାଣ ପ୍ରଭାବିତ ହେବା ଫଳରେ ବଜାର ଉପରେ ଏହାର ଚାପ ରହିଛି। ପିଆଜ ଦର ବଢିଲେ ଏହା ଖାଉଟିଙ୍କ ଚିନ୍ତା ବଢାଇଥାଏ।

### ୩୯ ହଜାର କୋଟି ଉଠାଇଛନ୍ତି ଇପିଏଫ୍ ସଦସ୍ୟ

ନୂଆଦିଲ୍ଲୀ, ୧୪।୯: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍)ର ସଦସ୍ୟ ୩୯,୪୦୨ କୋଟି ଟଙ୍କା ଉଠାଣ କରିଛନ୍ତି। ମାର୍ଚ୍ଚ ୨୫ରୁ ଅଗଷ୍ଟ ୩୧ ମଧ୍ୟରେ ସଦସ୍ୟମାନେ ଏହି ରାଶି ଉଠାଇଥିବା ସରକାର ସୋମବାର ପାର୍ଲାମେଣ୍ଟକୁ ସୂଚନା ଦେଇଛନ୍ତି।

# ଏମ୍‌ଏସ୍‌ଏମ୍‌ଇ ବକେୟା ପଇଠ ଲାଗି ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୪।୯



### କର୍ପୋରେଟଗୁଡିକ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଚିଠି

ଦେଶର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ର ବକେୟା ରାଶି ପଇଠ କରିଦେବା ଲାଗି ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ପକ୍ଷରୁ କର୍ପୋରେଟଗୁଡ଼ିକୁ ନିର୍ଦ୍ଦେଶ ରହିଛି। ବର୍ତ୍ତମାନ କୋଭିଡ୍-୧୯ ଲାଗି କ୍ଷୁଦ୍ରଶିଳ୍ପଗୁଡିକ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଏହି ଶିଳ୍ପର ପରିଚାଳନାକୁ ଉନ୍ନତ କରିବା ଏବଂ ନିଯୁକ୍ତି ସୃଷ୍ଟିକୁ ଉତ୍ସାହିତ କରିବା ଦିଗରେ କର୍ପୋରେଟଗୁଡିକ ଧ୍ୟାନଦେବା ଆବଶ୍ୟକତା ରହିଛି। ବକେୟା ଦେୟ ପଇଠ ହୋଇଗଲେ ଏମ୍‌ଏସ୍‌ଏମ୍‌ଇଗୁଡିକର ନଗଦ ସମସ୍ୟା ସମାଧାନ ହୋଇପାରିବ ବୋଲି ସରକାରଙ୍କ ପକ୍ଷରୁ ସୋମବାର ଜାରି କରାଯାଇଥିବା ଏକ ବିବୃତିରେ କୁହାଯାଇଛି।

ଏହାକୁ ଧ୍ୟାନରେ ରଖି ମନ୍ତ୍ରଣାଳୟ ପକ୍ଷରୁ ଦେଶର ୫୦୦ କର୍ପୋରେଟ ଗ୍ରୁପ୍‌କୁ ଚିଠି ଲେଖାଯାଇଛି। ଏଥିଲାଗି ଏକ ସୋସିଆଲ ମିଡିଆ ଆଉଟରିଚ୍ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି। କ୍ଷୁଦ୍ରଶିଳ୍ପଗୁଡିକର ଦେୟ ୪୫ ଦିନ ମଧ୍ୟରେ ମିଳିଯିବା ଦିଗରେ କର୍ପୋରେଟ ଜଗତ କାର୍ଯ୍ୟ କରିବାକୁ କେନ୍ଦ୍ର ସରକାର ଆହ୍ୱାନ ଜଣାଇଛନ୍ତି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ମନ୍ତ୍ରଣାଳୟ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୦ ହଜାର କୋଟି ଟଙ୍କା ପଇଠ କରିଛି। ଘରୋଇ କ୍ଷେତ୍ର ଏଣ୍ଟରପ୍ରାଇଜଗୁଡିକ ଏମ୍‌ଏସ୍‌ଏମ୍‌ଇ ଦେୟ ପ୍ରଦାନ ଦିଗରେ ମଧ୍ୟ ଯତ୍ନବାନ ହେବାକୁ ସରକାର ଗୁରୁତ୍ୱାରୋପ କରିଛନ୍ତି।

କର୍ପୋରେଟଗୁଡିକ ଟ୍ରେଡ୍ ରିସିଭେବଲ ଡିସ୍‌କାଉଣ୍ଟ ସିଷ୍ଟମ(ଟିଆର୍‌ଇଡିଏସ୍) ପ୍ଲାଟ୍‌ଫର୍ମରେ ଯୋଗଦେବା ସହ ନେଣଦେଣ କରିବା ଲାଗି ସରକାର କହିଛନ୍ତି। ୫୦୦ କୋଟିରୁ ଊର୍ଦ୍ଧ୍ୱ କାରବାର କର୍ପୋରେଟ ସଂସ୍ଥା ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକ ଟିଆର୍‌ଇଡିଏସ୍ ପ୍ଲାଟ୍‌ଫର୍ମରେ ଅଂଶଗ୍ରହଣ ବାଧ୍ୟତାମୂଳକ ବୋଲି କୁହାଯାଇଥିଲା। ସୂଚନାଯୋଗ୍ୟ, କୋଭିଡ୍-୧୯ ବଜାର ବ୍ୟବସ୍ଥାକୁ କ୍ଷତିଗ୍ରସ୍ତ କରିଛି। ବଜାରରେ ଚାହିଦର ନ ଥିବାରୁ କମ୍ପାନୀଗୁଡିକ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ଏମ୍‌ଏସ୍‌ଏମ୍‌ଇଗୁଡିକର ସ୍ଥିତି ବିଗିଡ଼ିଯାଇଛି। ଏଥିଲାଗି ସରକାର ଋଣ ସହାୟତା ଯୋଜନା ହାତକୁ ନେଇଛନ୍ତି। ଏମ୍‌ଏସ୍‌ଏମ୍‌ଇ ବକେୟା ଅର୍ଥ ପାଇଲେ ଏହା କାରବାରକୁ ସମ୍ଭାଳିବା ଦିଗରେ ଯୋଗଦାନ ରଖିବ ବୋଲି କୁହାଯାଉଛି।

# ଭବିଷ୍ୟନିଧି ଦେୟର ଶେଷ ତାରିଖ ଆଜି

ଭୁବନେଶ୍ୱର, ୧୪।୯

### ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା

ଦେଶର ସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଉପଭୋକ୍ତା ଏବଂ ନିୟୋକ୍ତାମାନଙ୍କୁ କରୋନା ମହାମାରୀଜନିତ ଆର୍ଥିକ କ୍ଷତିକୁ ସାମୟିକ ଭରଣା କରିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା 'ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା'ର ଆରମ୍ଭ କରାଯାଇଥିଲା। ଏହି ଯୋଜନା ଅନ୍ତର୍ଗତ ୧୦୦ରୁ କମ୍ ସଂଖ୍ୟକ ଏବଂ ୧୫୦୦୦ରୁ କମ୍ ବେତନପ୍ରାପ୍ତ ଯୋଗ୍ୟ କର୍ମଚାରୀମାନଙ୍କୁ ନେଇ କାର୍ଯ୍ୟରତ ବିଭିନ୍ନ ସଂସ୍ଥାର ୨୪% ଭବିଷ୍ୟନିଧି ଦେୟକୁ ଗତ ମାର୍ଚ୍ଚ ମାସଠାରୁ କେନ୍ଦ୍ର ସରକାର ବହନ କରିଆସୁଛନ୍ତି। ରାଜ୍ୟ ମଧ୍ୟରେ ବିଶେଷକରି କ୍ଷୁଦ୍ର ଏବଂ ମଧ୍ୟମ ବର୍ଗର ଉଦ୍ୟୋଗଗୁଡିକର କାର୍ଯ୍ୟରତ କର୍ମଚାରୀ ଏବଂ ନିଯୁକ୍ତିଦାତାମାନଙ୍କ ପାଇଁ ଏହା ଖୁବ ଫଳପ୍ରଦ ହୋଇଛି। ଏହି କେନ୍ଦ୍ରୀୟ ଅନୁଦାନର ଅବଧି ଗତ ମାର୍ଚ୍ଚରୁ ଆରମ୍ଭ ହୋଇ ଅଗଷ୍ଟରେ ଶେଷ ହେବାକୁ ଯାଉଛି। ଏହାର ଇସିଆର ଦାଖଲର ଶେଷ ତାରିଖ ମଙ୍ଗଳବାର (୧୫ ସେପ୍ଟେମ୍ବର)ରହିଛି ବୋଲି ସ୍ଥାନୀୟ କାର୍ଯ୍ୟାଳୟର ସହକାରୀ ଭବିଷ୍ୟନିଧି କମିଶନର ସଞ୍ଜୟ କୁମାର ରଥ ସୂଚନା ଦେଇଛନ୍ତି। ଭୁବନେଶ୍ୱର ସମେତ ରାଉରକେଲା, ବ୍ରହ୍ମପୁର ଏବଂ କେନ୍ଦୁଝର ଅନ୍ତର୍ଗତ ଭବିଷ୍ୟନିଧି କାର୍ଯ୍ୟାଳୟ ଅଧୀନ ସମସ୍ତ ଯୋଗ୍ୟ ସଂସ୍ଥାର ବହୁ କର୍ମଚାରୀ ଏବେ ବି ଏହି ଅନୁଦାନରୁ ବଞ୍ଚିତ ହୋଇଛନ୍ତି। ଏହି ଯୋଜନା ଅନ୍ତର୍ଭୁକ୍ତ ସମସ୍ତ ସଂସ୍ଥା ବିଗତ ୬ମାସର ଭବିଷନିଧି ଦେୟ ପାଇଁ ୧୫ ସେପ୍ଟେମ୍ବର ମଧ୍ୟରେ ଇସିଆର ଦାଖଲ କରିବା ବାଧ୍ୟତାମୂଳକ ନଚେତ୍ ଏହି ସୁଯୋଗରୁ ସେମାନେ ବଞ୍ଚିତ ହେବେ ବୋଲି ଭବିଷ୍ୟନିଧି କାର୍ଯ୍ୟାଳୟ ପକ୍ଷରୁ ସୂଚନା ସୂଚନା ଦିଆଯାଇଛି।

# ବିଶ୍ୱ ବ୍ୟାଙ୍କ ଇଡି ହେଲେ ରାଜେଶ ଖୁଲାର

ନୂଆଦିଲ୍ଲୀ, ୧୪।୯

ବରିଷ୍ଠ ପ୍ରଶାସନିକ ଅଧିକାରୀ ରାଜେଶ ଖୁଲାରଙ୍କୁ ବିଶ୍ୱ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଇଡି) ଭାବେ ଅବସ୍ଥାପିତ କରାଯାଇଛି। କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ଅର୍ଡରରୁ ଏହି ସୂଚନା ମିଳିଛି। ଖୁଲାର ୧୯୮୮ ମସିହା ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍)ର ହରିୟାଣା କ୍ୟାଡର ଅଧିକାରୀ। ସେ ହରିୟାଣାରେ ପ୍ରିନ୍ସିପାଲ ସେକ୍ରେଟାରୀ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଅଗଷ୍ଟ ୩୧ ପରଠାରୁ ତାଙ୍କୁ ଅଗାମୀ ୩ ବର୍ଷ ଲାଗି ଏହି ନିଯୁକ୍ତି ମିଳିଛି।


**PANCHAYAT SAMITI OFFICE, CHHENDIPADA**

**CORRIGENDUM**

In partial modification of this Office Bid Identification No. CHHB-01/2020-21, the Class of Contractor of Project namely "Construction of CDPO Office Building at Block Headquarter" with approximate value of Work Rs.27.21 lakhs at **Sl. No. 26 is rectified as "B" & "C" instead of "C" & "D"**.

Further, the **Bid documents will be received on Dt.21.09.2020 from 10.00 A.M. to 05.30 P.M.** and the **bid will be opened at 11.00 A.M. on 22.09.2020** instead of 19.09.2020 as Dt.19.09.2020 declared as Govt. holiday vide Govt. in GA & PG Department letter No. 19831/Dated 31.08.2020.

**Sd./- Block Development Officer, Chhendipada**


# ନାଇନ୍-ରାଜସ୍ଥାନ ରୟାଲ୍ସ ସହଭାଗିତା




ନୂଆଦିଲ୍ଲୀ, ୧୪।୯

ସାନିଟାରି ପ୍ୟାଡ୍ ପ୍ରସ୍ତୁତକାରୀ ବ୍ରାଣ୍ଡ ନାଇନ୍ ରାଜସ୍ଥାନ ରୟାଲ୍ସ ସହ ଚୁକ୍ତିରେ ସାମିଲ ହୋଇଛି। ୧୯ ସେପ୍ଟେମ୍ବରଠାରୁ ୧୦ ନଭେମ୍ବର ଯାଏ ଦୁବାଇରେ ଅନୁଷ୍ଠିତ ହେବାକୁଥିବା ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଆଗାମୀ ସଂସ୍କରଣରେ ରାଜସ୍ଥାନ ରୟାଲ୍ସ ଜର୍ସିରେ ନାଇନ ଲୋଗୋ ସ୍ଥାନିତ କରାଯିବାକୁ ପଦକ୍ଷେପ ନିଆଯାଇଛି। ୨ ବର୍ଷ ପୂର୍ବରୁ ନାଇନ ବ୍ରାଣ୍ଡ ଉତ୍ତର ପ୍ରଦେଶର ଏକ ଛୋଟ ସହରରୁ ଶୁଭାରମ୍ଭ ହୋଇଥିଲା। କମ୍ପାନୀ ଏହାର ଗୁଣବତ୍ତା ପ୍ରଡକ୍ଟ ଲାଗି ବଜାରରେ ନିଜର ଉପସ୍ଥିତି ବର୍ତ୍ତମାନ ଦୃଢ଼ କରିବାକୁ ସକ୍ଷମ ହୋଇଥିବା କହିଛି। ଏହି ଚୁକ୍ତି ସମ୍ପର୍କରେ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ମହିଳାଙ୍କ ମଧ୍ୟରେ ଋତୁସ୍ରାବଜନିତ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରୁଛି। ଏହା ଏକ ଗୁରୁତ୍ୱ ପ୍ରସଙ୍ଗ ହୋଇଥିବା ଅଧିକରୁ ଅଧିକ ଲୋକଙ୍କ ନିକଟରେ ଏହି ସଚେତନା ପହଞ୍ଚାଇବା ଦିଗରେ କମ୍ପାନୀ କାମ କରୁଛି। ଏହାକୁ ଧ୍ୟାନରେ ରଖି ରାଜସ୍ଥାନ ରୟାଲ୍ସ ସହ ମିଳିତ ହୋଇ କମ୍ପାନୀ କାମ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପଦକ୍ଷେପ ନେବାକୁ ଲୋକଙ୍କୁ ଆହ୍ୱାନ ଜଣାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ କମ୍ପାନୀ ମହିଳାଙ୍କ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ଏବଂ ସଚେତନା ଦିଗରେ କାର୍ଯ୍ୟକ୍ରମ ଜାରି ରଖିଥିବା କହିଛି।


**TENDER CALL NOTICE**

**Zilla Swasthya Samitte (ZSS) Gajapati**

No. 10455 Date 14.09.2020

No.E-242:- **Sealed tenders are invited from** Registered Contractors for 20 Nos. of civil work. The Details of tender documents, terms & condition etc. can be downloaded from website "**www.Gajapati.nic.in**" and also obtained from CDM&PHO Office, Gajapati/DPMU, NHM in office hours 10.00 AM to 5.30 PM from 16.09.2020 to 06.10.2020 and Last date for receipt of Application is 07.10.2020 on or before 5.30 P.M. The tenders will be opened on Dt.08.10.2020 at 11.00 A.M. at CDM&PHO Office, Gajapati. The undersigned reserves right to accept/reject any or all the tenders without assigning any reson thereof.

**Sd./- Chief District Medical & Public Health Officer, Gajapati**

OIPR-10105/11/0002/2021


# ଜିନ୍ଦେଗୀ ଫାଉଣ୍ଡେସନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ

ଭୁବନେଶ୍ୱର, ୧୪।୯



କୋଭିଡ-୧୯କୁ ଆଖି ଆଗରେ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଟ୍‌ର ସଫଳ ଆୟୋଜନ କରିଥିଲେ। ଏହି ପରୀକ୍ଷାରେ ଜିନ୍ଦେଗୀ ଫାଉଣ୍ଡେସନର ଛାତ୍ରୀଛାତ୍ର ଫଳାଫଳ ଭଲ ହେବା ନେଇ ଦୃଢ ଆଶା ବ୍ୟକ୍ତ କରିଛନ୍ତି। ଏହି ପରୀକ୍ଷାକୁ ଫାଉଣ୍ଡେସନର ଛାତ୍ରୀଛାତ୍ର ସେମାନଙ୍କ ଅନୁଭୂତି ସମ୍ପର୍କରେ ମତ ଦେଇଛନ୍ତି। ଛାତ୍ର ସତ୍ୟଜିତ କହିଛନ୍ତି ଯେ, ପରୀକ୍ଷାର ସମସ୍ତ ବିଷୟ ସହ ପ୍ରଶ୍ନପତ୍ର ଆଶାନୁସାରେ ଭଲ ଥିଲା। ଭୁବନେଶ୍ୱରର ଶୁଭଲକ୍ଷ୍ମୀ କହିଛନ୍ତି ଯେ, ଘରେ ରହି ପ୍ରସ୍ତୁତି କରିବା କଷ୍ଟକର ଥିଲା କିନ୍ତୁ ଜିନ୍ଦେଗୀ ଫାଉଣ୍ଡେସନର ସହଯୋଗ ଓ ଅନଲାଇନ କ୍ଲାସ ଯୋଗୁ ପରୀକ୍ଷା ଭଲ ହୋଇଛି । ଅନୁଗୁଳରେ ଅନ୍‌ଲାଇନ ପାଠପଢା କିମ୍ବା ଘରେ ରହି ପାଠ ପଢିବା କଷ୍ଟକର ଥିଲା । ଜିନ୍ଦେଗୀର ସହଯୋଗ ଫଳରେ ପରୀକ୍ଷା ଦେଇ ପାରିଛି ବୋଲି ଶୁଭଲକ୍ଷ୍ମୀ କହିଛନ୍ତି । ଏ.ବି. ସିଂହ ସାରଙ୍କ ପାଇଁ ପରୀକ୍ଷା ଦେବା ସହ ଭଲ ଫଳ ଆଣିବାର ସ୍ୱପ୍ନ ଦେଖିପାରିଥିବା ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ସେମାନଙ୍କର ମତ ଦେଇଛନ୍ତି।


**CUTTACK MUNICIPAL CORPORATION**

**"e" PROCUREMENT NOTICE**

**Tender ID : 2020_ORULB_62638**

**Tender Call Notice No. 4225 (PW) Date. 14.09.2020**

Name & No of Works : Electrical Works

No of Works : 6 Nos

Bid Value : Rs. 3.54 Lakh

Period of Completion : One Calendar Month

Date and Time schedule :

| Start | End | Opening |
|---|---|---|
| 11.00 AM on dt. 16.09.2020 | 5.00 PM on dt.25.09.2020 | 11.00 A.M. on dt. 30.09.2020 |

Tender Details : can be seen from the procurement portal : **www.tendersorissa.gov.in**

**Executive Engineer, City Div-I**


# ଇମ୍ଫା ଫ୍ଲାଏ ଆସ୍ କୋଶ୍‌କୁ ଆଇଏସ୍‌ଆଇ ମାନ୍ୟତା

ଭୁବନେଶ୍ୱର, ୧୪।୯

ଇଣ୍ଡିଆନ ମେଟାଲ ଆଣ୍ଡ ଫେରୋ ଆଲଏଜ ଲିମିଟେଡ୍ (ଇମ୍ଫା) ଦ୍ୱାରା ପ୍ରସ୍ତୁତ ପରିବେଶ ଅନୁକୂଳ ଓ ନିର୍ମାଣ କ୍ଷେତ୍ର ପାଇଁ ଉପଯୋଗୀ ସିନଟର୍ଡ ଫ୍ଲାଏ ଆଶ୍ କୋର୍ସ ଆଗ୍ରିଗେଟ୍ ପ୍ରଡକ୍ଟକୁ ବିଏସ୍‌ଆଇ ସ୍ୱୀକୃତି ସହ ଆଇଏସ୍‌ଆଇ ମାନ୍ୟତା ଲାଭ କରିଛି। ଭାରତର ପ୍ରଥମ କମ୍ପାନୀ ଭାବରେ ଇମ୍ଫାକୁ ଆଇଏସ୍‌ଆଇର କ୍ୱାଲିଟି ଷ୍ଟାଣ୍ଡାର୍ଡ ମାନ୍ୟତା ସହ ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ (ବିଆଇଏସ୍) ପକ୍ଷରୁ ସ୍ୱୀକୃତିଯୁକ୍ତ ଲାଇସେନ୍ସ ପ୍ରାପ୍ତ ହୋଇପାରିଛି। କମ୍ପାନୀ ବିଭିନ୍ନ ଗୁଣବତ୍ତା ଓ ଆବଶ୍ୟକ ନିୟମାବଳୀରେ ପ୍ରସ୍ତୁତ ଏହି ଫ୍ଲାଏ ଆଶ୍ ପ୍ରଡକ୍ଟକୁ ଆଇଏସ୍‌ଆଇ ପକ୍ଷରୁ ଚିହ୍ନିତ ଆଇଏସ୍ ୯୧୪୨ (ପିଟି-୨) ୨୦୧୮ ମାନ୍ୟତା ପ୍ରଦାନ କରାଯାଇଛି। ଏ ସମ୍ପର୍କରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, କମ୍ପାନୀ ସଦାସର୍ବଦା ପରିବେଶ ଉପଯୋଗୀ ସାମଗ୍ରୀ ପ୍ରସ୍ତୁତ କରିଥାଏ। ଏହି ଫ୍ଲାଏ ଆଶ୍ ବିଭିନ୍ନ ମାନକ ଅନୁସାରେ ପ୍ରସ୍ତୁତ କରାଯାଉଛି। ଏହାଦ୍ୱାରା ପରିବେଶ ଉପଯୋଗୀ ଓ ଗ୍ରାହକଙ୍କ ପସନ୍ଦ ଏବଂ ଚାହିଦା ପୂରଣ କରିବାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି।


GOVERNMENT OF ODISHA

**OFFICE OF THE SUPERINTENDING ENGINEER, RURAL WORKS CIRCLE, KENDRAPARA-JAJPUR**

AT/PO- NAYABAZAR, CUTTACK-753004, Tel.No.0671-2444488, E-mail- serw_kpd@yahoo.com

**No.Tender Online RCK-04/20** **Letter No.1254 Date:9.9.20**

No.O-343:-

**e-Procurement NOTICE**

1. Name of the work : Construction of Road works under improvement to existing RD Road under DMF in the District of Jajpur. 2. Class of contractor : As specified in the Column-6 of the Annexure. 3. Time for completion : As specified in the Column-7 of the Annexure. 4. Detail projects : As per Annexure attached. 5. Other details:

| Procurement Officer | Bid identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Kendrapara-Jajpur | Tender online RCK-04/20 | 18.09.2020 at 11.00 A.M. | 16.10.2020 to 5.00 P.M. | 15.10.2020 upto 2.00 P.M. | 19.10.2020 at 11.00 A.M. | 22.10.2020 at 11.00 A.M. |

Further details can be seen from the website **www.tendersorissa.gov.in**

**Sd./- Superintending Engineer, Rural Works Circle, Kendrapara-Jajpur**

OIPR-25129/11/0002/2021



GOVERNMENT OF ODISHA

**RURAL WATER SUPPLY & SANITATION ORGANISATION**

**OFFICE OF THE EXECUTIVE ENGINEER**

**RWS&S DIVISION, ANGUL, AT: TALCHER**

At- Baghuabole, P.O.- Hatatota, Talcher, Dist.- Angul, PIN- 759100

(Ph. No./ Fax - 06760-240762, E-mail : eerwssang@gmail.com)

**National Competitive Bidding through e-Procurement**

**Bid Identification No. 02/EE/RWSS/ANGUL/2020-21 Dt. 10.09.2020**

No. O-352: The Executive Engineer, RWS&S Division, Angul, At:Talcher on behalf of Governor of Odisha invites Item Rate/ Percentage bid through e-procurement in double/single cover system according to norm of e-Procurement system in on-line mode.

Nature of Work : Rural Piped Water Supply Schemes

1. No. of Tender : 1 No.
2. Tender Paper Cost : Rs.10,000.00
3. Value of Work : Rs.87.44 lakhs
4. Class of Contractor : "B" & "A" Class
5. Date & time of availablity of bid document in portal : 18.09.2020 at 13.00 hours to 24.09.2020 upto 17.00 hours
6. Date & time of seeking tender clarification : 22.09.2020 upto 17.00 hours
7. Date & time of opening of tender & verification of original document : 25.09.2020 at 15.00 hours in the Office of the Executive Engineer, RWS&S Division, Angul, At: Talcher
8. Time of Compeltion : 6 (Six) Calendar Months
9. The bidders have to participate in online bidding only. Further details can be seen from the website **https://www.tendersodisha.gov.in**.
10. Corrigendum if any, shall be published in the above website only.

**Sd./- Executive Engineer**
**RWS&S Division, Angul at Talcher**

OIPR-25019/11/0009/2021


# ଦୁଗ୍ଧଚାଷୀଙ୍କୁ ମିଲ୍କ ମନ୍ତ୍ରର ସହାୟତା

ଭୁବନେଶ୍ୱର, ୧୪।୯



ଚଳିତ ବର୍ଷ ବନ୍ୟାରେ ପ୍ରଭାବିତ ହୋଇଥିବା ପୁରୀ ଜିଲା କଣାସ ବ୍ଲକର ଶତାଧିକ ଦୁଗ୍ଧଚାଷୀଙ୍କୁ ଷ୍ଟାର୍ଟଅପ କମ୍ପାନୀ ମିଲ୍କ ମନ୍ତ୍ର ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଗତ ୧୦ ତାରିଖରେ ସ୍ଥାନୀୟ ଗଡମାଠିଆ ପଡା ଗ୍ରାମର ପ୍ରାୟ ୬୦୦ ଗାଈ ବାଛୁରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଆବଶ୍ୟକ ଚିକିତ୍ସା କରାଯାଇଥିଲା। ସେହିଭଳି ୨୮୪ ଜଣ ଦୁଗ୍ଧଚାଷୀଙ୍କୁ ଗୋଖାଦ୍ୟ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଥିଲା। କମ୍ପାନୀର ଦୁଗ୍ଧ ସଂଗ୍ରହ ଯୋଜନାରେ ଅନ୍ତର୍ଭୁକ୍ତ ଦୁଗ୍ଧଚାଷୀଙ୍କ ସାଙ୍ଗରେ ମିଲ୍କ ମନ୍ତ୍ର ସବୁ ବେଳେ ଛିଡାହୋଇ ରହିଥିବା କହିଛି। ଖରାପ ପରିସ୍ଥିତିରେ ଚାଷୀଙ୍କୁ ଆବଶ୍ୟକ ସହାୟତା ମଧ୍ୟ କମ୍ପାନୀ ପକ୍ଷରୁ ଯୋଗାଇ ଦିଆଯାଉଛି। କମ୍ପାନୀର ପ୍ରାୟ ୬୦ ହଜାର ଦୁଗ୍ଧଚାଷୀ ରହିଥିବା ସୂଚନା ମିଳିଛି। ଏ ସମ୍ପର୍କରେ କମ୍ପାନୀର ମୁଖ୍ୟ ପରିଚାଳନା ଅଧିକାରୀ ବିଭୁପ୍ରସାଦ ନନ୍ଦ ସୂଚନା ଦେଇ କହିଛନ୍ତି ଯେ, ପ୍ରାକୃତିକ ବିପର୍ଯ୍ୟୟ ସମସ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। କମ୍ପାନୀ ଏହାକୁ ଧ୍ୟାନରେ ରଖି ଚାଷୀଙ୍କ ସହ ଛିଡାହୋଇ ରହିଛି। ଚାଷୀର ଉନ୍ନତି ପାଇଁ ଆବଶ୍ୟକ ସହଯୋଗ କମ୍ପାନୀ ପକ୍ଷରୁ ବିଭିନ୍ନ ସମୟରେ କରାଯାଇଛି। ଗୋପାଳନ ପ୍ରଚାର ପ୍ରସାର ପାଇଁ କମ୍ପାନୀ ସବୁବେଳେ କାର୍ଯ୍ୟ କରିଆସୁଛି। ଚାଷୀର ବିକାଶ ହେଲେ କମ୍ପାନୀର ବିକାଶ ହୋଇପାରିବ ବୋଲି ସେ ମତ ଦେଇଛନ୍ତି। ବିଭିନ୍ନ ସମୟ ଓ ଅସମୟରେ କମ୍ପାନୀ ଆମ ସହ ରହିଛି । ଆମର ଭଲ ମନ୍ଦ ସହ ଅସୁବିଧା ସମୟରେ ସହାୟତାର ହାତ ବଢାଇଛି ବୋଲି ଦୁଗ୍ଧଚାଷୀ ମଳୟ କୁମାର ବିହାରୀ କହିଛନ୍ତି ।


**MAA SAMALESHWARI MAHILA MAHASANGHA (GPLF)**

At/P.O.- Patrapali, P.S.- Muribahal - 767037, Dist.- Balangir

**ADVERTISEMENT**

Applications are invited from the eligible candidates for purely contractual for the following post under CENTER OF EXCELLENCE (COE) PROJECT.

| Position | Total Nos. | Qualification | Age Limit | Experience | Salay (Rs. Per Month) |
|---|---|---|---|---|---|
| **Program Manager** | 01 | Post Graduation | 40 Years | 5 Years | 20,000.00 |
| **Accountant** | 01 | Graduation in Commerce | 30 Years | 3 Years | 12,000.00 |
| **MIS Assistant** | 01 | Graduation in PGDCA/GDCA | 30 Years | 2 Years | 10,000.00 |

**General Terms & Conditions:** Details Applications form, Eligibility Criteria, Role and Responsibilities for each post and application from is available at district office, Balangir website i.e. **www.balangir.nic.in** with effect from **Dt.15.09.2020** which may be referred to last date of submission of application is **Dt.29.09.2020 (5.00 P.M.)** through Registered/Speed Post only in the following address: The President, MAA SAMALESHWARI MAHILA MAHASANGHA (GPLF), At/P.O.- Patrapali, P.S.- Muribahal, Dist.- Balangir.

1. Documents in support of Identiy, Qualifications, Experience etc. have to be produced in originals as a when required.
2. The selection process will consist of shortlisting of candidates on basis of academic qualification, experience and skills followed by personal interview.
3. The prescribed eligibility conditions viz. as qualification, experience etc. should have been acquired as on application closing date. Qualification should be from approved recognized institutions.
4. In case of false or insufficient information/lack of prove to ascertain the eligibility of the applicant their candidature will be rejected at any stage of the selection process.
5. Only shortlisted candidates will be informed about further selection process through letters & email.
6. The eligibility criteria for selection may be changed based on the number of applications received without assigning any reason thereof.

**Sd./- Dashaamati Bhoi (President)**
**Maa Samaleswari Mahila Mahasangha**
**Patrapali, Muribahal Block, Balangir**



**OFFICE OF THE EXECUTIVE ENGINEER**
**CHHELIGADA HEADWORKS DIVISION**

At/P.O.- Mahendragada, Via: Chandragiri, Dist.- Gajapati, PIN - 761017

e-mail: eechwd@gmail.com

**Tender Call Notice No. EE-CHWD-03/2020-21**

No. A-118: Bid documents comprising of items for disposal, estimated cost, cost of tender paper, EMD, time of completion, class of contractor, the set of terms and condition and other necessary documents can be seen in web portal **http://www.tenderodisha.gov.in**.

| | | | |
|---|---|---|---|
| 1 | Type of items for disposal | : | Unserviceable Special T&P Materials (Vehicles) |
| 2 | No. of LOTs | : | 04 |
| 3 | Upset Price | : | Rs.18000/- to 35000/- (As per DTCN). |
| 4 | Cost of tender document | : | Rs.400/- |
| 5 | Caution money to be furnished | : | 5% i.e. Rs.900/- to 1750/- (As per DTCN). |
| 6 | Date & time of availability of bid documents | : | 16.09.2020 to 15.10.2020 upto 3.00 P.M. |
| 7 | Date & venue of opening of bid | : | 16.10.2020 at 11.00 A.M. in the Office of Executive Engineer, Chheligada Head Works Division, Mahendragada, Dist.- Gajapati |
| 8 | Name of the Officer Inviting Bid | : | Executive Engineer, Chheligada Head Works Division, Mahendragada, Dist.- Gajapati |

**N.B.:** Further details can be seen in the bidding documents and also from Government web portal **http://www.tenderodisha.gov.in**.

**Sd./- Executive Engineer**
**Chheligada Head Works Division,**
**Mahendragada (Gajapati)**

**OIPR-32109/11/0001/2021**

## ଲଘୁଚାପ ଦୁର୍ବଳ: ୧୯ ଯାଏ ବର୍ଷା ନାହିଁ

ଭୁବନେଶ୍ୱର,୧୪।୯(ବ୍ୟୁରୋ)-ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ରାୟଗଡା ଓ କଳାହାଣ୍ଡି ଜିଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସୋମବାର ଦୁର୍ବଳ ହୋଇଯାଇଛି। ଆସନ୍ତା ୧୯ ତାରିଖ ଯାଏ ରାଜ୍ୟରେ ବର୍ଷାର କୌଣସି ସୂଚନା ନାହିଁ। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ବର୍ଷା ହୋଇଛି। ପାରଳାଖେମୁଣ୍ଡିରେ ୩୪.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବାଲେଶ୍ୱର ୨୨.୨, ଦାରିଙ୍ଗବାଡି ୧୦.୩, ବାରିପଦା ୪.୪, ପୁରୀ ୨ ଏବଂ ଭୁବନେଶ୍ୱରରେ ୧.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ସଂକ୍ଷେପରେ

### ରାଜ୍ୟ ସଭା ଉପାଧ୍ୟକ୍ଷ ନିର୍ବାଚନ:ବିଜେଡିକୁ କଂଗ୍ରେସର ସମାଲୋଚନା

ଭୁବନେଶ୍ୱର ୧୪।୯(ବ୍ୟୁରୋ): ରାଜ୍ୟ ସଭା ଉପାଧ୍ୟକ୍ଷ ପ୍ରାର୍ଥୀ ପାଇଁ ଏନ୍‌ଡିଏକୁ ବିଜେଡି ସମର୍ଥନ ଘୋଷଣା ପରେ ସେମାନଙ୍କ ଅସଲ ରୂପ ଧରାପଡ଼ିଯାଇଛି। ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଡିଏ ପକ୍ଷରୁ ଜେଡି(ୟୁ) ଏମ୍‌ପି ହରିବଂଶ ନାରାୟଣ ସିଂଙ୍କୁ ପ୍ରାର୍ଥୀ କରାଯାଇଥିଲା। ମିଳିତ ବିରୋଧୀଙ୍କ ପକ୍ଷରୁ ଆର୍‌ଜେଡି ଏମ୍‌ପି ମନୋଜା ଝା ସଦସ୍ୟ ହୋଇଥିଲେ। ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ସଦସ୍ୟ ହରିବଂଶଙ୍କୁ ସମର୍ଥନ ଦେଇଛନ୍ତି। ଅନ୍ୟପକ୍ଷରେ ହରିବଂଶ ମଧ ରାଜ୍ୟ ସଭା ଉପାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ଏହାକୁ ନେଇ କଂଗ୍ରେସ ପକ୍ଷରୁ ଶାସକ ବିଜେଡିକୁ କଡ଼ା ସମାଲୋଚନା କରାଯାଇଛି। ଅତୀତରେ ବିମୁଦ୍ରୀକରଣ, ରାଜ୍ୟ ସଭା ନିର୍ବାଚନ ଆଦି ଅନେକ କ୍ଷେତ୍ରରେ ଭାଜପାକୁ ବିଜେଡି ସମର୍ଥନ କରିବା ସହ ସମଦୂରତା କଥା କହୁଥିଲା। ଏଥିରୁ ସ୍ପଷ୍ଟ ହୋଇଛି, ବିଜେଡି ସମୂହଭାବେ ଭାଜପା ସହିତ ଅଛି। ତାଙ୍କ ନିର୍ଦ୍ଦେଶରେ ବିଜେଡି ଚାଲିଛି ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

### କ୍ଷତିଗ୍ରସ୍ତ ଚାଷୀଙ୍କୁ କୃଷି ଇନ୍‌ପୁଟ୍ ୩ଗୁଣା ଦିଆଯାଉ: କଂଗ୍ରେସ

ଭୁବନେଶ୍ୱର ୧୪।୯(ବ୍ୟୁରୋ):ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଚାଷୀ ଫସଲ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଫଳରେ ଜୀବନ ଓ ଜୀବିକା ପାଇଁ ପରବର୍ତ୍ତୀ ଚାଷ କରି ବଞ୍ଚିବା କାଠିକର ପାଠ ହୋଇଯାଇଛି। ସରକାରଙ୍କ ପ୍ରଚଳିତ ରିଲିଫ୍ କୋଡ୍ ଓ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରେ କୃଷି ଇନ୍‌ପୁଟ୍ ବାବଦରେ ଦିଆଯାଉଥିବା ସବ୍‌ସିଡି ଚାଷୀର କ୍ଷତିଭରଣାରେ ସମ୍ଭବ ନୁହେଁ। ଚଳିତବର୍ଷ ବନ୍ୟା ଯୋଗୁ ରାଜ୍ୟର ଅଧିକାଂଶ ଜିଲାରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ସରକାରଙ୍କ ପକ୍ଷରୁ ଚାଷୀଙ୍କ ପାଇଁ ଯେଉଁ ସହାୟତା ଘୋଷଣା କରାଯାଇଛି ତାହା ସମୁଦ୍ରକୁ ଶଙ୍ଖେ ବୋଲି ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରେ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଚଳିତ ନିୟମ ଅନୁଯାୟୀ ଯେଉଁ କୃଷି ଇନ୍‌ପୁଟ୍ ସହାୟତା ଅଣ ଜଳସେଚିତ ଅଞ୍ଚଳ ପାଇଁ ପ୍ରତି ହେକ୍ଟର ପିଛା ୬ ହଜାର ୮ ଶହ ଓ ଜଳସେଚିତ ଜମି ପାଇଁ ୧୩ ହଜାର ୫ ଶହ ଟଙ୍କା ପ୍ରଦାନ କରାଯାଉଛି,ଏଥିରେ ଚାଷୀ ପ୍ରକୃତ ପକ୍ଷେ ଫସଲ କ୍ଷତିର ଭରଣା ପାଇପାରୁ ନାହାନ୍ତି। ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଚଳିତ ନିୟମକୁ ପରିବର୍ତ୍ତନ କରି ଏକର ପିଛା କୃଷି ଇନ୍‌ପୁଟ୍ ସବ୍‌ସିଡି ୩ ଗୁଣା ବୃଦ୍ଧି କରନ୍ତୁ। ବନ୍ୟା ଯୋଗୁ ୩୩ ପ୍ରତିଶତ ଫସଲ କ୍ଷତି ହୋଇଥିଲେ ସମସ୍ତ ଚାଷୀଙ୍କୁ ଏହି ସହାୟତାରେ ଅନ୍ତର୍ଭୁକ୍ତ କରିବା, ପ୍ରଚଳିତ ରିଲିଫ୍ କୋଡ୍‌ର ସଂଶୋଧନ, ଭୂସଂସ୍କାର ଆଇନର ସଂଶୋଧନ କରି ଭାଗଚାଷୀଙ୍କ ପାଇଁ ସହାୟତା ପାଇବାର ଅଧିକାର, ଶତକଡ଼ା ୯୦ ପ୍ରତିଶତ ସବ୍‌ସିଡିରେ ଚାଷୀଙ୍କୁ ପମ୍ପସେଟ୍ ଯୋଗାଯାଉ। ଅଚଳ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକୁ ଆଶୁ କାର୍ଯ୍ୟକାରୀ, ରବିଚାଷ ପାଇଁ ନିର୍ଦ୍ଧାରିତ ସମୟରେ ମାଗଣାରେ ସଅଳ କିସମ ପ୍ରାମାଣିକ ଧାନ ଓ ଅନ୍ୟାନ୍ୟ ବିହନ ଯୋଗାଣ, ଖରିଫ୍ ଋଣ ଛାଡ଼ ଓ ରବିଚାଷ ପାଇଁ ବିନା ସୁଧରେ କୃଷିଋଣ ମିଳୁ। ବିଭାଗଗୁଡ଼ିକରେ ଖାଲି ପଡ଼ିଥିବା ଅଧିକାରୀ ଓ କ୍ଷେତ୍ର କର୍ମଚାରୀଙ୍କୁ ତୁରନ୍ତ ନିଯୁକ୍ତି ଦିଆଯିବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ କୃଷକ କଂଗ୍ରେସ ସେଲ୍ ଦାବି କରିଛି।

### କରୋନାରେ ଏଏସ୍‌ଆଇଙ୍କ ମୃତ୍ୟୁ



ଶିଶିର କୁମାର ସେଠୀ

ଭୁବନେଶ୍ୱର,୧୪।୯ (ବ୍ୟୁରୋ): କରୋନାରେ କମିଶନରେଟ୍ ପୋଲିସରେ କାର୍ଯ୍ୟରତ ଜଣେ ଏଏସ୍‌ଆଇ ଶିଶିର କୁମାର ସେଠୀ(୪୫)ଙ୍କ ଜୀବନ ଦୀପ ଲିଭିଯାଇଛି। ତାଙ୍କ ଘର କଟକ ସଦର ଥାନା ଅଧୀନ କନ୍ଦରପୁର ଅଞ୍ଚଳରେ ହୋଇଥିବାବେଳେ ସେ ଭୁବନେଶ୍ୱର ଖଣ୍ଡଗିରି ଥାନାରେ ଏଏସ୍‌ଆଇ ଭାବେ କାର୍ଯ୍ୟ କରୁଥିଲେ। ଗତ ୯ ତାରିଖରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ଭୁବନେଶ୍ୱର ସ୍ଥିତ କିମ୍ସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କର କୋଭିଡ୍ ପରୀକ୍ଷା କରାଯିବା ପରେ ରିପୋର୍ଟ ପଜିଟିଭ ଥିବା ଜଣାପଡ଼ିଥିଲା। ପରେ ସେଠାରେ ଚିକିତ୍ସିତ ହୋଇ ଆସୁଥିବାବେଳେ ରବିବାର ପୂର୍ବାହ୍ନ ୯ଟାରେ ତାଙ୍କର ହଠାତ୍ ମୃତ୍ୟୁ ଘଟିଥିବା ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ମହାପ୍ରଭୁଙ୍କ ଜମି ହାତେଇବାକୁ ମସୁଧା

**ପୁରୀ ଅଫିସ, ୧୪।୯**

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାଁରେ ୬୦ ହଜାର ଏକରରୁ ଉର୍ଦ୍ଧ୍ୱ ଜମି ରହିଛି। ଏହି ଜମି କେବଳ ପୁରୀ କିମ୍ବା ଓଡ଼ିଶାରେ ନୁହେଁ ବାହାର ରାଜ୍ୟରେ ବି ଅଛି। କିନ୍ତୁ ପରିତାପର ବିଷୟ ହଜାର ହଜାର ଏକର ଜମି ଉପରେ ଶ୍ରୀମନ୍ଦିର ପ୍ରଶାସନର ନିୟନ୍ତ୍ରଣ ନାହିଁ। ଫଳରେ ୨୫ ହଜାର ଏକରରୁ ଉର୍ଦ୍ଧ୍ୱ ଜମି ଏବେ ଜବରଦଖଲକୁ ଚାଲିଯାଇଛି। ଅନ୍ୟପକ୍ଷରେ ଏବେ ବି କେତେଜଣ ବ୍ୟକ୍ତି ମହାପ୍ରଭୁଙ୍କ ଚାଷଜମି ଲିଜ୍ ନେବା ପାଇଁ ମସୁଧା ଚଳାଇଛନ୍ତି। ପିପିଲି ତହସିଲ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ମାଟିଆସାହି ମୌଜାରେ ଥିବା ଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ୯୦ ଏକର ଚାଷଜମି ଉପରେ ଜମି ମାଫିଆଙ୍କ ନଜର ପଡ଼ିଛି। ସେମାନେ ଏହି ଜମି ହାତେଇବା ପାଇଁ ଯୋଜନା କରୁଥିବା ସୂଚନା ଅଧିକାର କର୍ମୀ ଦିଲୀପ ବରାଳ ଅଭିଯୋଗ ଆଣିଛନ୍ତି। ତେଣୁ ମହାପ୍ରଭୁଙ୍କ ଚାଷଜମି ଲିଜ୍ ଦେବା ଉପରେ ରୋକ୍ ଲଗାଇବାକୁ ଅନୁରୋଧ କରି ଦିଲୀପ ସୋମବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଲିଜ୍ ଦିଆ ନ ଯାଇ ସଂଶୋଧିତ ୟୁନିଫର୍ମ ପଲିସି ଅନୁଯାୟୀ ଜମି ବିକ୍ରି କରାଯାଉ ବୋଲି ସେ ଚିଠିରେ ଅନୁରୋଧ ଜଣାଇଛନ୍ତି।



- ଲିଜ୍ ଦିଆଯିବା ଉପରେ ରୋକ୍ ଲଗାଯାଉ
- ୟୁନିଫର୍ମ ପଲିସି ଅନୁଯାୟୀ ବିକ୍ରି କରାଯାଉ
- ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସୂଚନା ଅଧିକାର କର୍ମୀ

ମହାପ୍ରଭୁଙ୍କ ଜମି ବିକ୍ରି ଲାଗି ୟୁନିଫର୍ମ ପଲିସି-୨୦୦୩ ରହିଛି। ୨୦୧୮ ସେପ୍ଟେମ୍ବର ୨୭ରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହି ପଲିସିରେ କେତେକ ସଂଶୋଧନ କରାଯିବା ସହ ଏକାଧିକ ନିଷ୍ପତ୍ତି ନିଆଯାଇଥିଲା। ୩୦ ବର୍ଷରୁ ଅଧିକ ସମୟ ଧରି ଶ୍ରୀଜଗନ୍ନାଥଙ୍କ ଜମିକୁ ଦଖଲରେ ରଖିଥିବା ବ୍ୟକ୍ତିଙ୍କୁ ପୂର୍ବରୁ ଏକର ପିଛା ୩ ଲକ୍ଷ ଟଙ୍କା ଦେବାକୁ ପଡୁଥିଲା। ଏଣିକି ୬ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ୩୦ ବର୍ଷରୁ କମ୍ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଦଖଲରେ ରହିଥିବା ବ୍ୟକ୍ତିଙ୍କୁ ୧ ଏକର ଜମି ପାଇଁ ୪.୫ ଲକ୍ଷ ଟଙ୍କା ଦେବାକୁ ପଡୁଥିଲା। ଏଣିକି ଏହାର ଦୁଇଗୁଣ ଅର୍ଥାତ୍ ୯ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ସେହିପରି ୨୦ ବର୍ଷରୁ କମ୍ ଏବଂ ୧୨ ବର୍ଷରୁ ଅଧିକ ଦଖଲଦାରଙ୍କୁ ୭.୫ ଲକ୍ଷ ଟଙ୍କା ପରିବର୍ତ୍ତେ ୧୫ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ସମାନ ନୀତିରେ ସଂଶୋଧନ କରାଯାଇ ଏହାକୁ କମିଟିଅନୁମୋଦନ କରି ରାଜ୍ୟ ସରକାରଙ୍କ ପାଖକୁ ପଠାଇଥିଲା। ସରକାର ଏହାକୁ ଅନୁମୋଦନ କରିଥିଲେ ବି ଏ ପର୍ଯ୍ୟନ୍ତ ଜମି ବିକ୍ରି କରାଯାଉ ନାହିଁ। ଅପରପକ୍ଷେ ମହାପ୍ରଭୁଙ୍କ ଜମି ଜବରଦଖଲ ବଢୁଥିବାବେଳେ ଅନେକ ମାଫିଆ ଲିଜ୍‌ରେ ନେବା ଲାଗି ମସୁଧା ଚଳାଇଛନ୍ତି।

ଗତ ଫେବୃୟାରୀରେ ଆଇନମନ୍ତ୍ରୀ ବିଧାନସଭାରେ ରଖିଥିବା ବିବୃତି ଅନୁଯାୟୀ, ଓଡ଼ିଶାର ୨୪ଟି ଜିଲାରେ ମହାପ୍ରଭୁଙ୍କର ୬୦୪୨୬.୯୪୩ ଏକର ଜମି ଚିହ୍ନଟ କରାଯାଇଛି। ଏଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩୪୮୦୩.୦୧୩ ଏକର ଜମିର ଚୂଡ଼ାନ୍ତ ସ୍ୱତ୍ୱଲିପି ଶ୍ରୀମନ୍ଦିର ପ୍ରଶାସନ ପାଖରେ ରହିଛି। ମନ୍ତ୍ରୀଙ୍କ ଏହି ତଥ୍ୟ ପ୍ରଦାନ ପରେ ପ୍ରାୟ ୨୫ ହଜାର ଏକର ଜମିର ହିସାବ ସରକାରଙ୍କ ପାଖରେ ନ ଥିବା ସ୍ପଷ୍ଟ ହୋଇଛି। ସେହିପରି ମହାପ୍ରଭୁଙ୍କ ଜମି ବେଆଇନ ଭାବେ ଜବରଦଖଲ ହୋଇଥିବା ମନ୍ତ୍ରୀ ତଥ୍ୟ ରଖିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କର ହଜାର ହଜାର ଏକର ଚାଷଜମିକୁ ବହୁ ଲୋକ ଦୀର୍ଘବର୍ଷ ହେବ ଚାଷ କରିଆସୁଛନ୍ତି। କିନ୍ତୁ ଏ ବାବଦରେ ଶ୍ରୀମନ୍ଦିର ପ୍ରଶାସନ ଟଙ୍କାଟିଏ ବି ପାଉ ନାହିଁ। ଅପରପକ୍ଷେ ପିପିଲି ତହସିଲ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ମାଟିଆସାହି ମୌଜାରେ ଥିବା ଶ୍ରୀଜଗନ୍ନାଥଙ୍କ ୯୦ ଏକର ଚାଷ ଜମିକୁ ଲିଜ୍‌ରେ ନେବା ପାଇଁ ଜମି ମାଫିଆ ଭିତିରିଆ ଉଦ୍ୟମ ଚଳାଇଛନ୍ତି। ସେମାନେ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସହ ଯୋଗାଯୋଗ କରୁଥିବା ସୂଚନା ଅଧିକାର କର୍ମୀ ଦିଲୀପ କହିଛନ୍ତି। ସେମାନଙ୍କୁ ଜମି ଲିଜ୍ ଦିଆ ନ ଯାଇ ସଂଶୋଧିତ ୟୁନିଫର୍ମ ପଲିସି ଅନୁଯାୟୀ ଚାଷ କରୁଥିବା ଚାଷୀଙ୍କୁ ବିକ୍ରି କରାଗଲେ ଶ୍ରୀମନ୍ଦିର ପାଣ୍ଠି ବୃଦ୍ଧି ହେବ ବୋଲି ଦିଲୀପ କହିଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିବା ସୂଚନା ଦେଇଛନ୍ତି। ତେବେ ଏ ସମ୍ପର୍କରେ ଶ୍ରୀମନ୍ଦିର ରାଜସ୍ୱ ପ୍ରଶାସକ ସୁବ୍ରତ କୁମାର ବେହେରାଙ୍କୁ ପଚାରିବାରେ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି କାହାକୁ ଲିଜ୍ ଦେବାର ଯୋଜନା ନାହିଁ।

## ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା ଆରମ୍ଭ

**ଭୁବନେଶ୍ୱର, ୧୪।୯(ବ୍ୟୁରୋ)**

ହାଇସ୍କୁଲ ସପ୍ଲିମେଣ୍ଟାରି ଓ ଓପନ ସ୍କୁଲ ସପ୍ଲିମେଣ୍ଟାରୀ ପରୀକ୍ଷା ସୋମବାରଠାରୁ ଆରମ୍ଭ ହୋଇଛି।ଏହା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ୧୫୩ଟି କେନ୍ଦ୍ରରେ ୨୨ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା ଦେଉଥିବାବେଳେ ୮୮ କେନ୍ଦ୍ରରେ ଓପନ ସ୍କୁଲର ପ୍ରାୟ ୧୨,୫୦୦ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ପରୀକ୍ଷା ସମୟରେ କୋଭିଡ୍ ନିୟକୁ କଡ଼ାକଡ଼ି ପାଳନ କରାଯାଉଛି। ସମସ୍ତ କେନ୍ଦ୍ର ସାନିଟାଇଜ କରାଯିବା ସହିତ କୌଣସି ପ୍ରକାର ଭିଡ଼ ନ ହେବା ପାଇଁ ବ୍ୟବସ୍ଥା ହୋଇଛି। ପରୀକ୍ଷା କେନ୍ଦ୍ରରେ ସୁରକ୍ଷାକର୍ମୀ ନିୟୋଜିତ ହୋଇଛନ୍ତି। ପରୀକ୍ଷାକୁ ସୁରୁଖୁରୁରେ ସାରିବା ପାଇଁ ଶିକ୍ଷା ବିଭାଗଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ପରୀକ୍ଷା ଶେଷ ହେବା ପରେ ପରୀକ୍ଷା କେନ୍ଦ୍ରକୁ ଭଲ ଭାବେ ସାନିଟାଇଜ କରିବାର ବ୍ୟବସ୍ଥା କରିବାକୁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ପୋଲିସ ଡ୍ରୋନ୍‌ରେ ମାଓବାଦୀଙ୍କ କାରନାମା



ଡ୍ରୋନ୍‌ରେ ରେକର୍ଡ ହୋଇଥିବା ଦୃଶ୍ୟ।

**ମାଲକାନଗିରି, ୧୪।୯(ଡି.ଏନ୍.ଏ.)**

ପୁଣି ଫେରିଛି ମାଓବାଦୀଙ୍କ ଭୟ। ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲାରେ ମାଓବାଦୀଙ୍କ ଡରରେ ଗ୍ରାମବାସୀ ରାସ୍ତା କାଟିବାକୁ ଯାଇଥିବା ଦୃଶ୍ୟ ପୋଲିସ ଡ୍ରୋନ୍‌ରେ କଏଦ ହୋଇଛି। ଏହି ଦୃଶ୍ୟ ସୁକ୍‌ମା ଜିଲା କିସ୍ତାରାମ ଥାନା, ପାଲୁଡ଼ି ଅଞ୍ଚଳର ବୋଲି ଜଣାପଡିଛି। ପାଲୁଡ଼ି ଜଙ୍ଗଲରେ ନାଳ ପାରିହେଉଥିବାବେଳେ ସୁରକ୍ଷା ବଳୟ ଡ୍ରୋନ୍ ଉଡ଼ାଯାଇଥିଲା ; ଯେଉଁଥିରେ ଏହି ଦୃଶ୍ୟ ସାମ୍‌ନାକୁ ଆସିଛି। ମାଓବାଦୀଙ୍କ ଭୟରେ ଗ୍ରାମବାସୀ ସୁରକ୍ଷା କର୍ମୀମାନେ ଯାଉଥିବା ରାସ୍ତା ନଷ୍ଟ କରିବାକୁ ପ୍ରୟାସ କରିଥିବା ଜଣାପଡ଼ିଛି। ସେହି ଅଞ୍ଚଳକୁ ସୁରକ୍ଷା କର୍ମୀମାନେ ଘେରାଉ କରି ମାଓବାଦୀଙ୍କ ସ୍ଥିତି ସମ୍ପର୍କରେ ଯାଞ୍ଚ ଚଳାଇଛନ୍ତି। ବର୍ତ୍ତମାନ ଗ୍ରାମବାସୀଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଛି ବୋଲି ସୂଚନା ମିଳିଛି।

## ଏନ୍‌ଏସ୍‌ଏସ୍‌ର ୨ ସ୍ୱେଚ୍ଛାସେବୀଙ୍କୁ ମିଳିବ ଜାତୀୟ ସମ୍ମାନ




ଦୁଇ ସ୍ୱେଚ୍ଛାସେବୀଙ୍କ ସହ କାର୍ଯ୍ୟକ୍ରମ ଅଧିକାରୀ ଓ ସଂଯୋଜିକା ।

**ବାରିପଦା ଅଫିସ,୧୪।୯**

ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ୨୦୧୮-୧୯ବର୍ଷରେ ଜାତୀୟସେବା ଯୋଜନା ସମ୍ମାନର ଅଧିକାରୀ ହେବେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ୨ ଛାତ୍ରୀଛାତ୍ର। ସେମାନେ ହେଲେ ଏମ୍‌ପିସି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଛାତ୍ରୀ ଦିବ୍ୟାନୀ ବେହେରା ଓ ସୀମାନ୍ତ ମହାବିଦ୍ୟାଳୟର ଛାତ୍ର ପ୍ରଭଞ୍ଜନ ମଣ୍ଡଳ। ଓଡ଼ିଶାରୁ ମାତ୍ର ଦୁଇ ଜଣଙ୍କୁ ଏହି ସଫଳତା ମିଳିଥିବା ବେଳେ ସାରା ଭାରତବର୍ଷରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଗୌରବ ଅର୍ଜନ କରିଛି। କ୍ରୀଡ଼ା ଓ ଯୁବ ମନ୍ତ୍ରଣାଳୟର ଚିଠି ନଂ. ଏମ୍-୧୨୦୧୧/୧/୨୦୨୦ଏନ୍‌ଏସ୍‌ଏସ୍ ପକ୍ଷରୁ ଏହି ସୂଚନା ମିଳିଛି। ସେହିପରି ପ୍ରୋଗ୍ରାମ ଅଫିସର ଭାବେ ଉତ୍କଳ ବିଶ୍ୱ ବିଦ୍ୟାଳୟ ଅଧୀନ ବାଙ୍କି ସ୍ୱୟଂଶାସିତ ମହାବିଦ୍ୟାଳୟର ସତ୍ୟଜିତ ଦାସଙ୍କୁ ମଧ ସମ୍ମାନିତ କରାଯିବ। ୨୦୧୯ରେ ଚୀନଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଯୁବ ବିନିମୟ କାର୍ଯ୍ୟକ୍ରମରେ ଛାତ୍ରୀ ଦିବ୍ୟାନୀ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ ୨୦୧୯ ସାଧାରଣତନ୍ତ୍ର ଦିବସ ପରେଡରେ ଉଭୟ ଦିବ୍ୟାନୀ ଓ ପ୍ରଭଞ୍ଜନ ଅଂଶ ଗ୍ରହଣ କରିବା ପରେ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଉପରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି । ଏହି ପରେଡରେ ପ୍ରୋଗ୍ରାମ ଅଫିସର ଭାବେ ଡ.ଦେବେଶ ଶଙ୍କର ହୋତା ପ୍ରତିନିଧିତ୍ୱ କରିଥିଲେ।

# ୨ ଘଣ୍ଟା ରାସ୍ତାରୋକୋ ପରେ ମୃତଦେହ ଫେରିଗଲା

### ଗ୍ରାମ୍ୟ ଜଙ୍ଗଲରେ କରୋନା ଆକ୍ରାନ୍ତଙ୍କ ଶବଦାହ ଉଦ୍ୟମକୁ ବିରୋଧ

**ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ,୧୪।୯(ଡି.ଏନ.ଏ)**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଆଦମପୁର ଗ୍ରାମ୍ୟ ଜଙ୍ଗଲରେ ଜଣେ କରୋନା ରୋଗୀଙ୍କ ଶବଦାହ ଉଦ୍ୟମକୁ ଗ୍ରାମବାସୀ ବିରୋଧ କରି ଜାତୀୟ ରାଜପଥ ଅବରୋଧ କରିଥିଲେ। ଗ୍ରାମବାସୀଙ୍କ ତୀବ୍ର ବିରୋଧ ଆଗରେ ପ୍ରଶାସନ ଓ ପୋଲିସ ମୁଣ୍ଡ ନୁଆଁଇ ମୃତଦେହକୁ ଅନ୍ୟତ୍ର ନେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନା ଅନୁଯାୟୀ, ଭଦ୍ରକ ଜିଲା କେନ୍ଦୁଆପଦା ଫାଣ୍ଡି ଅନ୍ତର୍ଗତ ଗଣ୍ଡଗୋରା ଗାଁର ଜଣେ ୬୫ ବ୍ୟକ୍ତି ଦୀର୍ଘ ୫ ଦିନ ଧରି ଭଦ୍ରକ ସାଳନ୍ଦୀ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧିନ ଥିଲେ। ରବିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଭଦ୍ରକ ପୌରପାଳିକା ପକ୍ଷରୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ମହାନ୍ତି ଓ ଭଦ୍ରକ ତହସିଲଦାର ସତ୍ୟରଞ୍ଜନ ପଣ୍ଡାଙ୍କ ନିଷ୍ପତ୍ତିକ୍ରମେ ନଳାଙ୍ଗ ନିକଟସ୍ଥ ଆଦମପୁର ଗ୍ରାମ୍ୟ ଜଙ୍ଗଲ ପରିସରରେ ମୃତଦେହ ଶେଷକୃତ୍ୟ ପାଇଁ ନିଆଯାଇଥିଲା। ତେବେ ଗ୍ରାମ୍ୟ ଜଙ୍ଗଲରେ କରୋନା ରୋଗୀଙ୍କ ଶବଦାହକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଆଦମପୁର ବନ ସଂରକ୍ଷଣ ସମିତିର ସଭାପତି ମନୋରଞ୍ଜନ ବାରିକଙ୍କ ନେତୃତ୍ୱରେ ଶତାଧିକ ଲୋକ ନିକଟସ୍ଥ ଜାତୀୟ ରାଜପଥ-୧୬ (ଭୁବନେଶ୍ୱର-ଭଦ୍ରକ)କୁ ଅବରୋଧ କରିଥିଲେ। ଫଳରେ ପ୍ରାୟ ୨ ଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଗ୍ରାମାଞ୍ଚଳ ଥାନାଧିକାରୀ ଆଲୋକ କୁମାର ଜେନା ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ମୃତକଙ୍କ ନିଜ ଗାଁ ଅଞ୍ଚଳକୁ ନେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।



ଲୋକେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

## ଘରୁ ମିଳିଲା ମା' ଝିଅଙ୍କ ମୃତଦେହ

**ପଟ୍ଟାଙ୍ଗୀ, ୧୪।୯(ଡି.ଏନ୍.ଏ.)**

କୋରାପୁଟ ଜିଲା ପଟାଙ୍ଗୀ ଥାନା ସଦର ପଞ୍ଚାୟତ ଅଧୀନ କାରିଡି ଗ୍ରାମରେ ଗୋଟିଏ ଘରୁ ମା' ଝିଅଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ୍ୟୁର କାରଣ ଜଣାପଡି ନ ଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ଆଲୋଚନା ହେଉଛି। ଗ୍ରାମବାସୀ ଏ ସମ୍ବନ୍ଧରେ ପୋଲିସକୁ କୌଣସି ଖବର ଦେଇ ନାହାନ୍ତି। ମୃତକମାନେ ହେଲେ କାରିଡି ଗାଁର ସିନ୍ଦେରୀ ପାଙ୍ଗୀ(୬୨) ଓ ସିରେମେ ପାଙ୍ଗୀ(୪୦)। ରବିବାର ଅପରାହ୍ନ ପର୍ଯ୍ୟନ୍ତ ମା' ଝିଅଙ୍କୁ ଗ୍ରାମବାସୀ ଦେଖିବାକୁ ପାଇ ନ ଥିଲେ। ଏହାପରେ କିଛି ମହିଳା ତାଙ୍କ ଘରକୁ ଯାଇଥିଲେ। ଘର ଭିତରେ ଉଭୟ ମା' ଝିଅଙ୍କ ବେକ କଟା ଯାଇଥିବା ମୃତଦେହ ପଡିଥିବା ଦେଖି ମହିଳାମାନେ ଗ୍ରାମବାସୀଙ୍କୁ କହିଥିଲେ। ସିନ୍ଦେରୀ ଓ ସିରେମେଙ୍କ ପରିବାରରେ ଆଉ କେହି ନ ଥିବାରୁ ଗ୍ରାମବାସୀ ସେମାନଙ୍କ ମୃତଦେହ ସତ୍କାର କରାଇ ଦେଇଥିଲେ। ସେମାନେ କିନ୍ତୁ ପୋଲିସକୁ ଏ ନେଇ କୌଣସି ସୂଚନା ଦେଇ ନାହାନ୍ତି। ସୋମବାର ପୂରା ଗାଁ ଜନଶୂନ୍ୟ ଥିଲା। ଗାଁଠାରୁ କିଛି ଦୂରରେ ଏକ ପାହାଡ଼ରେ ଗ୍ରାମବାସୀ ଏକ ବୈଠକ କରିଥିବା ବିଶେଷ ସୂତ୍ରରୁ ଜଣାପଡିଛି। ବୈଠକରେ କ'ଣ ଆଲୋଚନା ହୋଇଥିଲା ସେ ନେଇ କୌଣସି ସୂଚନା ନାହିଁ।

## ୨ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ

### ଡାହାଣୀ ସନ୍ଦେହରେ ଟ୍ରିପଲ ମର୍ଡର ମାମଲା

**ରାଇରଙ୍ଗପୁର,୧୪।୯(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅଞ୍ଚଳରେ ୨୦୧୭ରେ ଡାହାଣୀ ସନ୍ଦେହରେ ମା' ଓ ତାଙ୍କ ଦୁଇ ନାବାଳକ ଶିଶୁ ପୁତ୍ରଙ୍କୁ ନୃଶଂସ ହତ୍ୟା ଘଟଣାର ରାୟ ପ୍ରକାଶ ପାଇଛି। ରାଇରଙ୍ଗପୁର ଅତିରିକ୍ତ ଜିଲା ଓ ଦୌରାଜଜ ଅନୁପ କୁମାର ପଟ୍ଟନାୟକ ସୋମବାର ଏହି ଟ୍ରିପଲ ମର୍ଡର ମାମଲାର ବିଚାର କରି ୨ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଉଭୟ ୧୦ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରାଯାଇଛି। ମାମଲାର ବିବରଣୀ ଅନୁଯାୟୀ, ବାଦାମପାହାଡ଼ ଥାନା ଅଧୀନ ଝିପାବନ୍ଧ ଗ୍ରାମର ମଧୁସୂଦନ ସିଙ୍କୁଙ୍କ ସ୍ତ୍ରୀ ରିଙ୍କି (୩୫)ଙ୍କୁ ସେହି ଗ୍ରାମର ସୁନ୍ଦର କାରୁଆଙ୍କ ପୁତ୍ର ଗୁରୁ ଚରଣ ଓ ମଧୁସୂଦନ ସିଙ୍କୁଙ୍କ ପୁତ୍ର ବିଜୟ ଡାହାଣୀ ସନ୍ଦେହ କରି ଆସୁଥିଲେ। ୨୦୧୭ ଜୁଲାଇ ୧୮ ତାରିଖ ଅପରାହ୍ନ ୪ଟାରେ ରିଙ୍କି ତାଙ୍କ ଦୁଇ ଶିଶୁ ପୁତ୍ର ଜଗନ୍ନାଥ(୧୦) ଓ ଯଶୋମନ୍ତ(୩)ଙ୍କୁ ସାଥୀରେ ଧରି ରାଇପଦା ସ୍ଥିତ ବାପ ଘରକୁ ଜଙ୍ଗଲ ରାସ୍ତାରେ ଚାଲିଚାଲି ଯାଉଥିଲେ। ଏହି ସମୟରେ ଗୁରୁ ଚରଣ ଓ ବିଜୟ ମା' ପୁଅ ତିନି ଜଣଙ୍କ ତଣ୍ଟି କାଟି ଜଘନ୍ୟ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ଘଟଣାର ତଦନ୍ତ ଚଳାଇ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୨୨/୨୦୧୭) ରୁଜୁ ହୋଇଥିଲା। ସରକାରଙ୍କ ପକ୍ଷରୁ ଏପିପି ପଙ୍କଜ ଦାସ ମାମଲା ପରିଚାଳନା କରୁଥିଲେ।

# ପୁନର୍ବିଚାର ନ ହେଲେ ଆନ୍ଦୋଳନ

### ପାନ୍ଥନିବାସକୁ ଘରୋଇକରଣ ଉଦ୍ୟମ ପ୍ରସଙ୍ଗ



- ଚେତାବନୀ ଦେଲା ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘ
- ସେବାରୁ ବଞ୍ଚିତ ହେବେ ମଧ୍ୟବିତ୍ତ ବର୍ଗର ଲୋକେ

**ଭୁବନେଶ୍ୱର(ବ୍ୟୁରୋ),୧୪।୯**

ଲାଭରେ ଚାଲିବା ସତ୍ତ୍ୱେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ଦ୍ୱାରା ପରିଚାଳିତ ପାନ୍ଥ ନିବାସଗୁଡ଼ିକୁ ଘରୋଇ ହୋଟେଲ ସଂସ୍ଥା ହାତକୁ ଟେକିଦେବାକୁ ଚକ୍ରାନ୍ତ କରାଯାଉଛି। ରାଜ୍ୟ ପର୍ଯ୍ୟଟନ ବିଭାଗର କେତେଜଣ ବରିଷ୍ଠ ଅଧିକାରୀ ବ୍ୟକ୍ତିଗତ ଫାଇଦା ପାଇଁ ପାନ୍ଥ ନିବାସଗୁଡ଼ିକୁ ଲିଜ୍‌ରେ ଦେବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘ ଅଭିଯୋଗ କରିଛି। ସଂଘ କହିଛି, ଲୋକଙ୍କୁ ସୁଲଭ ମୂଲ୍ୟରେ ତଥା ଭରସାଯୋଗ୍ୟ ଆତିଥ୍ୟ ସେବା ଯୋଗାଇ ଦେବା ଉଦ୍ଦେଶ୍ୟ ନେଇ ସରକାର ପାନ୍ଥନିବାସର ପରିକଳ୍ପନା କରିଥିଲେ। ଅବସର ବିନୋଦନ ନିମନ୍ତେ ପାନ୍ଥନିବାସ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତଙ୍କ ପ୍ରଥମ ପସନ୍ଦ ରହିଆସିଛି। ୨୦୦୩-୦୪ରୁ ରାଜ୍ୟର ସମସ୍ତ ପାନ୍ଥନିବାସ ନିୟମିତ ଲାଭରେ ଚାଲିଛି। ଏସବୁ ସତ୍ତ୍ୱେ ପ୍ରଥମେ ୫ ଓ ପରବର୍ତ୍ତୀ ସମୟରେ ସମସ୍ତ ୨୧ଟି ପାନ୍ଥନିବାସକୁ ଘରୋଇ ସଂସ୍ଥା ହାତକୁ ଟେକିଦେବାକୁ କାହିଁକି ଭିତିରି ଷଡ଼ଯନ୍ତ୍ର କରାଯାଉଛି ତାହାକୁ ନେଇ ସଂଘ ପ୍ରଶ୍ନ କରିଛି।

ସଂଘର କାର୍ଯ୍ୟକାରୀ ସଭାପତି ବେଣୁଧର ପାତ୍ର କହିଛନ୍ତି, ୧୯୯୯-୨୦୦୦ରୁ ନିଗମ ସରକାରଙ୍କଠାରୁ କୌଣସି ଇକ୍ୟୁଟି ଶେୟାର ପାଇନାହିଁ। ଏହାପରେ ବି ନିୟମିତ ଲାଭ କରି ଆସିଛି। ୨୦୧୭-୧୮ରେ ୨୧ ପାନ୍ଥନିବାସର କାରବାର ୩୧କୋଟି ୨୪ ଲକ୍ଷରୁ ୨୦୧୮-୧୯ରେ ୩୯ କୋଟି ୩୯ ଲକ୍ଷରେ ପହଞ୍ଚିଥିଲା। ୨୦୧୯-୨୦ରେ କରୋନା ସତ୍ତ୍ୱେ ୩୩କୋଟି ୨୬ଲକ୍ଷରୁ ଅଧିକ କାରବାର କରିଛି। ଫଳରେ ପାନ୍ଥନିବାସ ପରିଚାଳନା କରୁଥିବା ଓଟିଡିସି ୨୦୧୮-୧୯ରେ ସରକାରଙ୍କୁ ୨ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରିଛି। ଏବେ ଯେଉଁ ୫ଟି ପାନ୍ଥନିବାସକୁ ୩୦ବର୍ଷ ପାଇଁ ଘରୋଇ ସଂସ୍ଥାକୁ ଦେବାକୁ ଉଦ୍ୟମ ହୋଇଛି ସେଗୁଡ଼ିକ ବି ଲାଭରେ ଚାଲିଛି। ଯେଉଁଥିପାଇଁ ଅଭିବୃଦ୍ଧି କ୍ଷେତ୍ରରେ ପାନ୍ଥନିବାସଗୁଡ଼ିକ ସରକାରଙ୍କ ବ୍ରୋଞ୍ଜ୍ ଉଦ୍ୟୋଗ ତାଲିକାରୁ ରୌପ୍ୟକୁ ଉନ୍ନୀତ ହୋଇଛି। ଏହାସତ୍ତ୍ୱେ ସରକାରଙ୍କ ଏହି ଲାଭକରୀ ସଂସ୍ଥାକୁ ସାମୟିକ ଭାବେ ବିକିଦେବାକୁ ଯୋଜନା କରିବା ଦୁର୍ଭାଗ୍ୟଜନକ ବୋଲି ସଂଘ ସଭାପତି ଶିବାନନ୍ଦ ରାୟ କହିଛନ୍ତି। ଯଦି ପର୍ଯ୍ୟଟନ ବିଭାଗ ଓଡ଼ିଶାକୁ ନାମୀ ହୋଟେଲକୁ ଆଣିବାକୁ ଚାହୁଁଛନ୍ତି ତା'ହେଲେ ସରକାର ଅନ୍ୟ ସ୍ଥାନରେ ସେମାନଙ୍କୁ ଜାଗା ଦେଇପାରିବେ। କିନ୍ତୁ ସେପରି ନକରି ପାନ୍ଥନିବାସ ଉପରେ ଆଖି ପକାଇବା ଠିକ୍ ହେବନି। ପାନ୍ଥନିବାସ ବେସରକାରୀ ହୋଟେଲ ଦ୍ୱାରା ପରିଚାଳିତ ହେଲେ ଏହା ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତଙ୍କ ପାଇଁ ବଜେଟ୍ ବାହାରକୁ ଚାଲିଯିବ। ତେଣୁ ମୁଖ୍ୟମନ୍ତ୍ରୀ, ପର୍ଯ୍ୟଟନ ମନ୍ତ୍ରୀ, ସଚିବ, ଓଟିଡିସି ଅଧକ୍ଷା ଏ ବାବଦରେ ପୁନର୍ବିଚାର କରନ୍ତୁ। ନଚେତ୍ ସଂଘ ରାସ୍ତାକୁ ଓହ୍ଲାଇବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ସୌନ୍ଦର୍ଯ୍ୟ



# ଏପରି ଛଡ଼ାନ୍ତୁ ମେକ୍‌ଅପ୍

ପରଫେକ୍ଟ ମେକ୍‌ଅପ୍ ଯେକୌଣସି ଚେହେରାକୁ ବି ଅଧିକ ସୁନ୍ଦର ଏବଂ ଆକର୍ଷଣୀୟ ଲୁକ୍ ଦେଇପାରେ। ହେଲେ ଆପଣ ଜାଣନ୍ତିକି, ଏହି ଇନ୍‌ଷ୍ଟାଣ୍ଟ ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିବା ମେକ୍‌ଅପ୍ ପ୍ରଡ଼କ୍ଟଗୁଡିକୁ ଭଲ ଭାବେ ନ ସଫା କଲେ ତାହା ପରବର୍ତ୍ତୀ ସମୟରେ ବ୍ରଣ, ଦାଗ ଭଳି ବିଭିନ୍ନ ସୌନ୍ଦର୍ଯ୍ୟ ସମସ୍ୟାର କାରଣ ସାଜିଥାଏ। ତେଣୁ ଜାଣିରଖନ୍ତୁ ଏହାକୁ ଛଡ଼ାଇବାର ଠିକ୍ ଉପାୟ...

➤ମେକ୍‌ଅପ୍ ଛଡ଼ାଇବା ଲାଗି ସିଧା ସାବୁନ୍ କିମ୍ବା ଫେସ୍‌ୱାଶ୍ ବ୍ୟବହାର କରିବା ଠିକ୍ ନୁହେଁ। ଏହାଦ୍ୱାରା ଭଲ ଭାବେ ମେକ୍‌ଅପ୍ ଛାଡ଼ି ନ ଥାଏ ଏବଂ ତ୍ୱଚା ଟାଣି ହେବା ଭଳି ଲାଗିଥାଏ। ତେଣୁ ପ୍ରଥମେ ମେକ୍‌ଅପ୍ ରିମୁଭରରେ ଭଲ ଭାବେ ମେକ୍‌ଅପ୍‌କୁ ପୋଛିବା ଦରକାର। ଏଥିପାଇଁ ମାର୍କେଟ୍‌ରେ ମିଳୁଥିବା ବିଭିନ୍ନ ପ୍ରକାରର ମେକ୍‌ଅପ୍ ରିମୁଭର ମଧ୍ୟରୁ ଅଲକହଲ୍ ଏବଂ କେମିକାଲ ଫ୍ରି ରିମୁଭର କିଣନ୍ତୁ।

➤ନଡିଆ ତେଲ ମଧ୍ୟ ମେକ୍‌ଅପ୍ ଛଡ଼ାଇବା ଲାଗି ଏକ ଭଲ ବିକଳ୍ପ। ପ୍ରଥମେ ମୁହଁରେ ଅଳ୍ପ ନଡ଼ିଆ ତେଲକୁ ଭଲ ଭାବେ ଲଗାଇଦିଅନ୍ତୁ। କିଛି ସମୟ ଛାଡ଼ିବା ପରେ ତୁଳା ସାହାଯ୍ୟରେ ପୋଛିଦିଅନ୍ତୁ। ଏଥିରେ ଥିବା ଭିଟାମିନ୍ ଏବଂ ପୋଷକତତ୍ତ୍ୱ ମେକ୍‌ଅପ୍ ପୋଛିବା ପରେ ସ୍କିନ୍‌କୁ ନରମ ଏବଂ ଚିକଣ ରଖିବାରେ ସାହାଯ୍ୟ କରିଥାଏ।

➤କ୍ଷୀର ମଧ୍ୟ ଏକ ନ୍ୟାଚୁରାଲ ମେକ୍‌ଅପ୍ ରିମୁଭରର କାମ କରିଥାଏ। ତେବେ ଏଥିପାଇଁ ସରଯୁକ୍ତ କ୍ଷୀର ସବୁଠୁ ଭଲ। ଏହାକୁ ମୁହଁରେ ଲଗାଇ ତୁଳା ସାହାଯ୍ୟରେ ପୋଛିଲେ ମେକ୍‌ଅପ୍ ସହଜରେ ଛାଡ଼ିଯାଇଥାଏ। ଏଥିରେ କୌଣସି ପାର୍ଶ୍ୱପ୍ରତିକ୍ରିୟା ଦେଖା ଦେଇ ନ ଥାଏ ବରଂ ଏହା ତ୍ୱଚାକୁ ମୁଲାୟମ ରଖିଥାଏ।

➤ଏକ ଛୋଟ ଚାମଚ ମହୁରେ ଚିମୁଟାଏ ବେକିଂ ସୋଡ଼ା ମିଶାନ୍ତୁ। ଏହି ମିଶ୍ରଣକୁ ବ୍ୟବହାର କରି ଯେକୌଣସି ମେକ୍‌ଅପ୍ ସହଜରେ ଛଡ଼ାଇ ପାରିବେ।

➤ଆଲୋଭେରା ତ୍ୱଚାକୁ ମଶ୍ଚରାଇଜ୍ କରି ରଖିବାରେ ସାହାଯ୍ୟ କରିଥାଏ। ତେଣୁ ଆଲୋଭେରାରେ ଅଳ୍ପ ଭେସ୍‌ଲିନ୍ ମିଶାଇ ମୁହଁରୁ ମେକ୍‌ଅପ୍ ଛଡ଼ାଇବାଲାଗି ବ୍ୟବହାର କରି ପାରିବେ।



# ଚାନ୍ଦବାଲି ଇୟରରିଂ ଫ୍ୟାଶନ





ବର୍ତ୍ତମାନ ଲଙ୍ଗ ଇୟରିଂ ଫ୍ୟାଶନ ଟ୍ରେଣ୍ଡ ପାଲଟିଛି। ଯେଉଁଥିରେ ରହିଛି ଚାନ୍ଦବାଲି ଇୟରିଂର ସବୁଠୁ ବେଶି ଡିମାଣ୍ଡ। ତେବେ କେଉଁ ଭଳି ଡ୍ରେସ୍ ସହିତ ଏହାକୁ କ୍ୟାରି କଲେ ଅଧିକ ଫ୍ୟାଶନେବଲ୍ ଲାଗିବେ ଜାଣିରଖନ୍ତୁ ସେ ସମ୍ପର୍କରେ...

➤ଯଦି ଆପଣ ଫୋରାଲ ଲେହେଙ୍ଗା, ଲଙ୍ଗ ସ୍କର୍ଟ–ଟପ୍ସ ଆଦି ପିନ୍ଧୁଛନ୍ତି ତେବେ ଏହା ସହ ମଲ୍ଟି କଲର ଚାନ୍ଦବାଲି ଇୟରିଂ ଭଲ ଲାଗିବ। ନଚେତ୍ ଆପଣଙ୍କ ଡ୍ରେସ୍ କଲର ସହ ମ୍ୟାଚିଂ ଝୁମ୍‌କା ଥିବା ଚାନ୍ଦବାଲି ଇୟରିଂ ବି ପିନ୍ଧିପାରିବେ।

➤ ଯଦି ସିଙ୍ଗଲ୍ କଲର ଡ୍ରେସ୍ ବା ଶାଢୀ ପିନ୍ଧୁଛନ୍ତି ତେବେ ଟ୍ରେଣ୍ଡି ଲୁକ୍ ପାଇଁ ଗୋଲ୍ଡେନ୍ ଚାନ୍ଦବାଲି ଇୟରିଂ ସବୁଠୁ ଭଲ ଚଏସ। ବିଶେଷ କରି ହ୍ୱାଇଟ୍ କଲର ଗେଟ୍‌ଅପ୍ ସହ ଗୋଲ୍ଡେନ୍ ହ୍ୟାଙ୍ଗିଙ୍ଗ୍ ବିଡ୍ସ ଥିବା ଇୟରିଂ ବେଶୀ ଭଲ ସୁଟ୍ କରିଥାଏ।

➤କେବଳ ଏଥିନିକ ବା ଟ୍ରାଡିଶନାଲ ଗେଟ୍‌ଅପ୍ ନୁହେଁ ଲଙ୍ଗ ଗାଉନ୍ ଭଳି କେତେକ ୱେଷ୍ଟର୍ନ ଡ୍ରେସ୍‌ରେ ବି ଏହା ପରଫେକ୍ଟ ଲାଗିଥାଏ। ବିଶେଷ କରି ଲଙ୍ଗ୍ ଲେୟାର୍ଡ଼ ଚାନ୍ଦବାଲି ଇୟରିଂ ମଡର୍ନ ଲୁକ୍ ଦେଇଥାଏ।

➤ବ୍ଲାକ୍ ଆଉଟ୍‌ଫିଟ୍ ସହିତ ସିଲଭର କିମ୍ବା ଅକ୍ସିଡ଼ାଇଜଡ୍ ଚାନ୍ଦବାଲି ଇୟରିଂର କମ୍ବିନେଶନ୍ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ।

➤ପ୍ଲେନ୍ ଡ଼ିଜାଇନର କୁର୍ତ୍ତୀ ସହିତ କେବଳ ଏକ ଲଙ୍ଗ୍ ଚାନ୍ଦବାଲି ଇୟରିଂ ଏତେ ସୁନ୍ଦର ଏବଂ ଆକର୍ଷଣୀୟ ଲାଗିଥାଏ, ଯାହାଦ୍ୱାରା ଅନ୍ୟ କୌଣସି ଜୁଏଲେରୀର ଆବଶ୍ୟକତା ପଡ଼ି ନ ଥାଏ।

# ଛୋଟପିଲା ସହ ୱାର୍କ ଫ୍ରମ୍ ହୋମ୍

ଘରୁ ବାହାରି ଅଫିସ ଗଲେ ରୋଗ ସଂକ୍ରମଣର ଭୟ। ଯାହାର ବିକଳ୍ପ ସାଜିଛି ୱାର୍କ ଫ୍ରମ୍ ହୋମ। ହେଲେ ଏପଟେ ଘରେ ଛୋଟ ପିଲା। କାମ ବେଳେ କେତେବେଳେ ଲାପ୍‌ଟପ୍ ଟାଣି ନିଅନ୍ତି ତ ଆଉ କେତେବେଳେ କୋଳରେ ବସି କାର୍ଟୁନ ଦେଖିବାର ଜିଦ୍ କରନ୍ତି। ଏମିତିରେ ପିଲା ସହିତ ଅଫିସ କାମ ଉଭୟକୁ ସମାନ୍ତରାଳ ଭାବେ ସମ୍ଭାଳିବା କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ...



କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଅନେକ କର୍ମଜୀବୀ ମହିଳା ଘରେ ରହି ଅଫିସ କାମ ବା ୱାର୍କ ଫ୍ରମ୍ ହୋମ କରୁଛନ୍ତି। ହେଲେ ଯେଉଁମାନଙ୍କର ଘରେ ଛୋଟପିଲା ଅଛନ୍ତି, ସେମାନଙ୍କୁ ଘରେ ଅଫିସ କାମ କରିବାରେ ଅନେକ ଅସୁବିଧା ହେଉଛି। କାରଣ ପିଲାଙ୍କୁ ବୁଝାଇ, ସେମାନଙ୍କ ଦୁଷ୍ଟାମୀ ସମ୍ଭାଳିବା ସହିତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଫିସ କାମ ସାରିବା ସେମାନଙ୍କ ପାଇଁ କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ। ତେବେ ଏମିତରେ ଛୋଟ ପିଲା ଡିଷ୍ଟର୍ବ ନ କରିବା ଲାଗି କେତୋଟି ଉପାୟ ଆପଣେଇଲେ ଆପଣଙ୍କୁ ଘରେ ଅଫିସ କାମ କରିବା ସହଜ ହୋଇପାରିବ...

**ପିଲାଙ୍କୁ ଧ୍ୟାନ ଦିଅନ୍ତୁ:** ମା’ ପିଲାଙ୍କୁ ବ୍ୟତୀତ ଅନ୍ୟ କେଉଁଆଡେ ଧ୍ୟାନ ଦେଲେ ପିଲା ତାହା ପସନ୍ଦ କରନ୍ତି ନାହିଁ। ଏମିତିରେ ଘରେ ଅଫିସ୍ କାମ କରିବା କଷ୍ଟ ହୋଇଥାଏ। ତେଣୁ ପିଲା ଡ଼ିଷ୍ଟର୍ବ ନ କରିବା ଲାଗି କାମ ଆରମ୍ଭ କରିବା ପୂର୍ବରୁ କିଛି ସମୟ ପିଲାଙ୍କ ସହ ଭଲ ଭାବେ ଖେଳନ୍ତୁ, ଗପନ୍ତୁ ଏବଂ ଏହା ମଧ୍ୟରେ ତାଙ୍କ ଧ୍ୟାନ ଅନ୍ୟଆଡେ ଆକର୍ଷିତ କରିବାକୁ ଚେଷ୍ଟା କରନ୍ତୁ। କାମ ପାଇଁ ଏକାସାଙ୍ଗେ ଦୀର୍ଘ ସମୟ ବସି ନ ରହି କିଛି ସମୟ ବିରତି ନେଇ ମଝିରେ ମଝିରେ ପିଲାଙ୍କ ସହ କଥାହୁଅନ୍ତୁ କିମ୍ବା କିଛି ଖାଇବାକୁ ଦିଅନ୍ତୁ, ଯେପରି ସେ ଅନୁଭବ କରିବେ ଯେ, ଆପଣ ତାଙ୍କୁ ସମ୍ପୂର୍ଣ୍ଣ ଧ୍ୟାନ ଦେଉଛନ୍ତି।

**ଡିମାଣ୍ଡ ପୂରଣ କରନ୍ତୁ:** ବେଳେ ବେଳେ ପିଲା କିଛି ଡିମାଣ୍ଡ କରିଥାନ୍ତି ଏବଂ କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ ମା’ ତାହା ଭୁଲି ଯାଆନ୍ତି ଅବା କିଛି ସମୟ ପରେ କରିବା ଭାବି ଅବହେଳା କରିବସନ୍ତି। ଏପରି କରିବା ଦ୍ୱାରା ପିଲା ବିରକ୍ତ ହୋଇଯାଆନ୍ତି ଏବଂ ଅଫିସ କାମ ବେଳେ ବାରମ୍ବାର ଡ଼ିଷ୍ଟର୍ବ କରିଥାନ୍ତି। ତେଣୁ ପ୍ରଥମେ ପିଲା କ’ଣ ଚାହୁଁଛି ଜାଣିବାକୁ ଚେଷ୍ଟା କରନ୍ତୁ ଏବଂ ଯଥା ସମ୍ଭବ ଏହାକୁ ପୂରଣ କରିବାକୁ ଚେଷ୍ଟା କରନ୍ତୁ। କାରଣ ପିଲାଙ୍କ ମନ ଖୁସି ରହିଲେ ସେ କାମ ବେଳେ ଜିଦ୍ କିମ୍ବା ଦୁଷ୍ଟାମୀ କରିବେ ନାହିଁ।

**ପିଲାଙ୍କୁ ବ୍ୟସ୍ତ ରଖନ୍ତୁ:** ପିଲାମାନେ ସାଧାରଣତଃ କମ୍ପ୍ୟୁଟର, ଲାପଟପ୍ ଆଦି ଦେଖିଲେ ଆକର୍ଷିତ ହୋଇ ଚାଲିଆସନ୍ତି ଏବଂ ସେଥିରେ ଲାଗନ୍ତି। ଫଳରେ ସେମାନଙ୍କ ଉପସ୍ଥିତିରେ ଅଫିସକାମ କରିବାରେ ଅସୁବିଧା ହୋଇଥାଏ। ତେଣୁ ନିଜେ ଅଫିସ କାମ କରିବା ବେଳେ ପିଲା ମଧ୍ୟ ଯେପରି କୌଣସି କାମରେ ବ୍ୟସ୍ତ ରହିବେ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପିଲାଙ୍କୁ ପିକ୍ଚର ବୁକ୍, ବିଲ୍ଡିଙ୍ଗ ବ୍ଲକ୍ସ କିମ୍ବା ସେ ଖେଳିବାକୁ ପସନ୍ଦ କରୁଥିବା କୌଣସି ଖେଳନା ଦିଅନ୍ତୁ। ଏହାଧାରା ପିଲାଙ୍କ ଧ୍ୟାନ ଆପଣଙ୍କ କାମରୁ ଦୂରେଇ ନିଜ ଖେଳ ଉପରେ ରହିବ।

**କିଛି ସମୟ ପାଖରେ ବସାନ୍ତୁ:** କାମ ସମୟରେ ପିଲାଙ୍କୁ ସମ୍ପୂର୍ଣ୍ଣ ଅଲଗା ରୁମ୍‌ରେ ଛାଡିଦେବା ଦ୍ୱାରା ବି ପିଲାଙ୍କୁ ବିରକ୍ତ କରିଥାଏ ଏବଂ ସେ ବାରମ୍ବାର ଆସି ଡିଷ୍ଟର୍ବ କରିଥାନ୍ତି। ତେଣୁ ପିଲାଙ୍କୁ ବୁଝାଇବା ଲାଗି କିଛି ସମୟ ପାଖରେ ଅନ୍ୟ ଏକ ଚେୟାରରେ ବସାଇ ଦେଖିବାକୁ ଦିଅନ୍ତୁ ଏବଂ କିଛି ଖେଳନା ମଧ୍ୟ ଦିଅନ୍ତୁ। ଏହାଦ୍ୱାରା ଧିରେ ଧିରେ ସେ ଖେଳରେ ବ୍ୟସ୍ତ ରହିବ।

**ପିଲାଙ୍କୁ ଶୁଆଇବା ପରେ କାମ କରନ୍ତୁ:** ପିଲାଙ୍କ ଶୋଇବା ସମୟ କାମ ପାଇଁ ସବୁଠୁ ଭଲ। ଏହି ସମୟକୁ ଅନ୍ୟ କାମରେ ନଷ୍ଟ ନ କରି ଅଧିକରୁ ଅଧିକ କାମ ସାରିବାକୁ ଚେଷ୍ଟା କରନ୍ତୁ।

**ପରିବାର ସଦସ୍ୟଙ୍କ ସାହାଯ୍ୟ ନିଅନ୍ତୁ:** ଘରେ ଥିବା ଅନ୍ୟ ସଦସ୍ୟଙ୍କ ଠାରୁ ଅଫିସ କାମ ସମୟରେ ପିଲାଙ୍କୁ ରଖିବା ଲାଗି ସାହାଯ୍ୟ ନିଅନ୍ତୁ। ଯଦି କେବଳ ପତ୍ନୀପତି ଏବଂ ପିଲା ରହୁଛନ୍ତି ଏବଂ ପତି ମଧ୍ୟ ୱାର୍କ ଫ୍ରମ୍ ହୋମ କରୁଛନ୍ତି ତେବେ ଉଭୟ ନିଜର ସୁବିଧା ଅନୁଯାୟୀ ସମୟ ବାଣ୍ଟିନିଅନ୍ତୁ, ଯେପରି ଜଣେ ପିଲାକୁ ସମ୍ଭାଳିବା ସମୟରେ ଅନ୍ୟଜଣେ ଅଫିସ କାମ କରିପାରିବେ।

## କ’ଣ କରନ୍ତି ଏମାନେ...



**ଡଃ ସୁଶ୍ରୀ ସସ୍ମିତା ରାଉତ** ( ଆସୋସିଏଟ୍ ପ୍ରଫେସର, ସିଲିକନ୍ ଇଞ୍ଜିନିୟରିଂ କଲେଜ, ଭୁବନେଶ୍ୱର)– ଅଫିସ କାମ ପୁଅ ସହତ ଘରେ କରିବା ନିଶ୍ଚିତ ଭାବେ କଷ୍ଟ, ହେଲେ ଅସମ୍ଭବ ନୁହେଁ। କାରଣ ନିଜ କଥା କହିବି, ବର୍ତ୍ତମାନ କରୋନା ଲାଗି କଲେଜ ବନ୍ଦ ଥିବାରୁ ଘରେ ରହି ଅନ୍‌ଲାଇନ୍ କ୍ଲାସ୍ ନେବା ସହ ଅଫିସିଆଲ୍ ମିଟିଙ୍ଗ୍ ବି ଆଟେଣ୍ଡ କରିବାକୁ ହେଉଛି। ଏମିତିରେ ଏସବୁ ଲାଗି ଲାପ୍‌ଟପ୍ ଖୋଲିବା ମାତ୍ରେ କେବେ ପୁଅ ଆସି କାର୍ଟୁନ୍ ଦେଖିବାକୁ ଜିଦ୍ କରୁଛି ତ ଆଉ କେବେ କିଛି ଖାଦ୍ୟ ପ୍ରସ୍ତୁତ କରିବାକୁ ଡିମାଣ୍ଡ କରୁଛି। ତେଣୁ ଉଭୟକୁ ବାଲାନ୍ସ କରିବାକୁ ପଡୁଛି। ମାମା କାମ ଲାଗି ତାକୁ ଅବହେଳା କରୁଛି, ଏ ଭାବନା ତା’ ମନରେ ନ ଆସିବା ଲାଗି ତା’କୁ ସମ୍ପୂର୍ଣ୍ଣ ଆଟେନ୍ସନ ଦେବା ସହିତ ଅଫିସ୍ କାମ ସମୟରେ ତା’କୁ ଅନ୍ୟ କାମରେ ବ୍ୟସ୍ତ ରଖିବାର ବ୍ୟବସ୍ଥା ମଧ୍ୟ କରୁଛି।



**ସଂଘମିତ୍ରା ଘୋଷ** (ବିଜ୍‌ନେସ୍ ପାର୍ଟନର ଅଫ୍ ଏସ୍କାଲେଟେଡ୍ ୱେଲ୍‌ଥ କନ୍‌ସଲ୍ଟାଣ୍ଟ୍ସ, ଭୁବନେଶ୍ୱର)– ପିଲାମାନେ ସବୁବେଳେ ନିଜ ପାଖରେ ମା’ର ଉପସ୍ଥିତି ସହିତ ତା’ ପ୍ରତି ସମ୍ପୂର୍ଣ୍ଣ ଆଟେନ୍ସନ ଚାହାନ୍ତି। ତେଣୁ କରୋନା ଲାଗି ବର୍ତ୍ତମାନ ୱାର୍କ ଫ୍ରମ୍ ହୋମ୍ କରିବାକୁ ପଡଥିବାରୁ ଛୋଟ ଝିଅ ଉପସ୍ଥିତରେ ନିର୍ଦ୍ଧାରୀତ ସମୟ ମଧ୍ୟରେ ଅଫିସ୍ କାମ ସାରିବା ଟିକେ କଷ୍ଟ ଯଦିଓ ହେଉଛି, ତଥାପି ମୁଁ ବିଭିନ୍ନ ଉପାୟରେ ଝିଅକୁ ବୁଝାଇ ସବୁ କାମ ସମ୍ଭାଳି ନେଉଛି। ହେଲେ ସତ କହିବାକୁ ଗଲେ, ପରିବାର ସହ ସାରାଦିନ ରହିବାକୁ ମିଳୁଥିବାରୁ କାମର ଚାପ ଜଣା ପଡୁନି।



ଖାଦ୍ୟ ରୁଚି

# ସୁଜି ଜିଲାପି

**ଆବଶ୍ୟକ ସାମଗ୍ରୀ:** ସୁଜି– ୧ କପ୍, ମଇଦା– ୧/୪ କପ୍, ଘୋଳ ଦହି– ୧/୨ କପ୍, ବେକିଂ ପାଉଡ଼ର ୧/୨ ଛୋଟ ଚାମଚ, ଚିମୁଟାଏ ଅରେଞ୍ଜ ଫୁଡ୍ କଲର, ଚିନି– ୧.୫ କପ୍, ୧ ଚାମଚ ଲେମ୍ବୁ ରସ, ୪ଟି ଗୁଜୁରାତିର ଗୁଣ୍ଡ, ଛାଣିବା ପାଇଁ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ ସୁଜି, ମଇଦା, ଫୁଡ୍ କଲର, ଦହିକୁ ଭଲ ଭାବେ ମିଶାଇ ଦିଅନ୍ତୁ। ସେଥିରେ ୩/୪ କପ୍ ପାଣି ମିଶାଇ ବହଳିଆ ପେଷ୍ଟ କରିଦିଅନ୍ତୁ। ଏହାକୁ ଘୋଡ଼ାଇ ୨୫ମିନିଟ୍‌ରୁ ଅଧଘଣ୍ଟା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ।

ଅନ୍ୟ ଏକ ପାତ୍ର ଚୁଲାରେ ବସାଇ ସେଥିରେ ଚିନି ଏବଂ ୨.୫ କପ୍ ପାଣି ଦେଇ ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ। ମିଶ୍ରଣ ବହଳିଆ ହୋଇଗଲେ ଏକ ଚାମଚ୍‌ରେ କାଢି ଥଣ୍ଡା କରନ୍ତୁ ଏବଂ ଦୁଇଟି ଟିପ ସାହାଯ୍ୟରେ ଦେଖନ୍ତୁ ଯଦି ଏହା ଅଠାଳିଆ ଲାଗୁଛି ତେବେ ଚୁଲା ବନ୍ଦ କରିଦିଅନ୍ତୁ। ଏଥିରେ ଗୁଜୁରାତି ଗୁଣ୍ଡ ଏବଂ ଲେମ୍ବୁ ରସ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ।

ଜିଲାପି ମିଶ୍ରଣ ଫୁଲି ଯିବା ପରେ ସେଥିରେ ବେକିଂ ପାଉଡର ପକାଇ ମିଶାଇ ଦିଅନ୍ତୁ। କପଡ଼ାରେ ଏକ କୋନ୍ ପ୍ରସ୍ତୁତ କରି ସେଥିରେ ଏହି ମିଶ୍ରଣକୁ ପୁରାନ୍ତୁ। କୋନ୍ ତଳେ ଛୋଟ କଣା କରନ୍ତୁ। ଏକ କଡ଼େଇରେ ଛାଣିବା ଲାଗି ତେଲ କିମ୍ବା ଘିଅ ଗରମ କରନ୍ତୁ। ଗରମ ହେବା ପରେ ସେଥିରେ ଧୀରେ ଧୀରେ ଜିଲାପି ମିଶ୍ରଣକୁ ଗୋଲ ଗୋଲ କରି ପକାନ୍ତୁ। ଏହାର ରଙ୍ଗ ହାଲୁକା ବ୍ରାଉନ ହେଲେ ଛାଣି ପୂର୍ବରୁ ପ୍ରସ୍ତୁତ କରିଥିବା ସିରାରେ ପକାନ୍ତୁ। ପ୍ରସ୍ତୁତ ହୋଇଗଲା ଗରମ ଗରମ ଜଲେବି। ଏହାକୁ ପ୍ଲେଟ୍‌ରେ କାଢ଼ି ସର୍ଭ କରନ୍ତୁ।



# ଘର ପାଇଁ ସୋଫା ବାଛୁଥିଲେ...

ନିଜ ଡ୍ରଇଁରୁମ୍‌କୁ ସୁନ୍ଦର କରିବାକୁ କିଏ ବା ନ ଚାହେଁ। ଆଉ ଏଥିପାଇଁ ଠିକ୍ ସୋଫା ବାଛିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ଆପଣଙ୍କ ଘର ପ୍ରତି ଅତିଥିଙ୍କର ମନରେ ଏକ ଭଲ ଧାରଣା ସୃଷ୍ଟି କରିଥାଏ। ତେଣୁ ଡ୍ରଇଁରୁମ୍‌ର ସାଇଜ୍ ଏବଂ ଆବଶ୍ୟକତାକୁ ଧ୍ୟାନରେ ରଖି କିପରି ସୋଫା ବାଛିଲେ ଅଧିକ ସୁନ୍ଦର ଲାଗିବ ଜାଣିରଖନ୍ତୁ ଟିପ୍ସ...



**ସିଙ୍ଗଲ୍ ସିଟର ସୋଫା:** ଯଦି ଆପଣଙ୍କ ଘରର ସାଇଜ୍ ଛୋଟ ତେବେ ଅଯଥାରେ ବଡ ସୋଫା ପକାଇ ଏହାକୁ ଜାମ୍ କରିବା ପରିବର୍ତ୍ତେ ଆବଶ୍ୟକତା ମୁତାବକ ସିଙ୍ଗଲ୍ ସିଟର୍ ସୋଫା ବ୍ୟବହାର କରିପାରିବେ। ଏହା ଘରକୁ ଫାଙ୍କା ଫର୍ଚ୍ଛା ରଖିବା ସହ ଡିଫରେଣ୍ଟ ଲୁକ୍ ବି ଦେଇଥାଏ।

**ଏଲ୍ ଶେପ୍ ସୋଫା:** ଏହି ସୋଫା ସାଧାରଣତଃ କମ୍ ସ୍ଥାନ ନେଉଥିବା ବେଳେ ଅଧିକ ଜଣ ବସି ମଧ୍ୟ ପରନ୍ତି। ତା’ ଛଡା ସାଧାରଣତଃ ସର୍ବଦା ବ୍ୟବହାର ହେଉଥିବା ସୋଫା ଗୁଡିକ ତୁଳନାରେ ଏହା ଅଧିକ ଆକର୍ଷଣୀୟ, ଫ୍ଲେକ୍ସିବଲ୍ ଏବଂ ଆରାମଦାୟକ ମଧ୍ୟ।

**ଦିବାନ୍:** କେବଳ ଡ୍ରଇଁରୁମ୍ ନୁହେଁ ଅନ୍ୟ ରୁମ୍‌ରେ ବି ଅନେକେ ସୋଫା ପକାଇଥାନ୍ତି। ଯଦି ଆପଣ ବି ଏପରି କରିବାକୁ ଚାହାନ୍ତି ତେବେ ସୋଫା ବଦଳରେ ଦିବାନ୍ କିଣିପାରିବେ। ବିଶେଷ କରି ବେଡ୍‌ରୁମ୍ ଏବଂ ଲିଭିଙ୍ଗ୍ ରୁମ୍ ଲାଗି ଏହା ବେଷ୍ଟ ଅପ୍ସନ।

**ସୋଫା କମ୍ ବେଡ୍:** ଅନେକ ସମୟରେ ଘରକୁ ଗେଷ୍ଟ ଆସି ରହିଲେ ତାଙ୍କୁ କେଉଁ ଶୋଇବାକୁ ଦେବୁ ଭାବି କେହି କେହି ବ୍ୟସ୍ତ ହୋଇପଡନ୍ତି। ଯଦି ଆପଣଙ୍କ ଘରେ ଗେଷ୍ଟ ରୁମ୍ ନାହିଁ ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ ଡ୍ରଇଁରୁମ୍‌ରେ ସୋଫା କମ୍ ବେଡ୍ ପକାଇ ଦିଅନ୍ତୁ। ଏହା ଆପଣଙ୍କ ପାଇଁ ଗେଷ୍ଟରୁମ୍‌ର ବେଷ୍ଟ ବିକଳ୍ପ ସାଜିବ।

# ଥିମ୍‌ଙ୍କୁ ବିରଳ ସଫଳତା



ଫାଇନାଲରେ ବିଜୟ ହାସଲ ପରେ ଥିମ୍‌ଙ୍କ ପ୍ରତିକ୍ରିୟା।

**ୟୁଏସ୍ ଓପନ ଟେନିସ**

- ପ୍ରଥମ ୨ ସେଟ୍‌ରେ ପଛୁଆ ରହିବାସତ୍ତ୍ୱେ ଜିତିଲେ ଟାଇଟଲ
- ୧୯୪୯ ପରେ ୭୧ ବର୍ଷର ଇତିହାସରେ ପ୍ରଥମ

**ନ୍ୟୁୟର୍କ, ୧୪।୯(ଏପି)**

ଚଳିତ ବର୍ଷ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସର ରୋମାଞ୍ଚକ ପରିସମାପ୍ତି ଘଟିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସ୍ମରଣୀୟ ବିଜୟ ହାସଲ କରିଛନ୍ତି ଅଷ୍ଟ୍ରିଆର ଡୋମିନିକ୍ ଥିମ୍। ପ୍ରଥମ ଦୁଇ ସେଟ୍‌ରେ ପଛୁଆ ରହିବା ସତ୍ତ୍ୱେ ସେ ସଫଳ ପ୍ରତ୍ୟାବର୍ତ୍ତନ କରି ପ୍ରତିପକ୍ଷ ଆଲେକଜାଣ୍ଡର ଜେଭରେଭଙ୍କୁ ଚକ୍‌ମା ଦେଇଛନ୍ତି। କରୋନା ଭାଇରସ ସଂକ୍ରମଣ ଯୋଗୁ ଦର୍ଶକ ବିହୀନ ଆର୍ଥର ଆଶ୍ ଷ୍ଟାଡିୟମରେ ଥିମ୍ ୨-୬, ୪-୬, ୬-୪, ୬-୩, ୭-୬(୬) ସେଟ୍‌ରେ ଜର୍ମାନୀର ଜେଭରେଭ୍‌ଙ୍କୁ ହରାଇ ୟୁଏସ୍ ଓପନରେ ନୂଆ ଚାମ୍ପିୟନ ହୋଇଛନ୍ତି। ଥିମ୍ କେବଳ ପ୍ରଥମ ୨ ସେଟ୍‌ରେ ପଛୁଆ ରହି ନ ଥିଲେ ନିର୍ଣ୍ଣାୟକ ୫ମ ସେଟ୍‌ରେ ଟାଇବ୍ରେକରରେ ଜେଭରେଭଙ୍କୁ ପରାସ୍ତ କରିଥିଲେ। ପ୍ରଥମ ୨ ସେଟ୍‌ରେ ବିଜୟୀ ହୋଇ ଜେଭରେଭ ଟାଇଟଲର ନିକଟତର ହୋଇଥିଲେ। ପରବର୍ତ୍ତୀ ୨ ସେଟ୍ ଜିତି ଥିମ୍ ନିଜପାଇଁ ସମ୍ଭାବନା ସୃଷ୍ଟି କରିଥିଲେ। ୫ମ ସେଟ୍‌ରେ ସ୍ଥିତି ସମାନ ରହିବାରୁ ଟାଇବ୍ରେକରରେ ଫଳାଫଳ ନିର୍ଣ୍ଣିତ ହୋଇଥିଲା। ମ୍ୟାଚ ଅବସରରେ ଉଭୟ ଖେଳାଳିଙ୍କ ମାଂସପେଶୀ ଟାଣି ଧରିବା ସହ ସେମାନେ ନର୍ଭସ ହୋଇଥିବା ସ୍ପଷ୍ଟ ଜଣାପଡ଼ିଥିଲା। ମ୍ୟାଚଟି ୪ ଘଣ୍ଟା ୨ ମିନିଟ ଧରି ଚାଲିଥିଲା। ଜେଭରେଭ ପ୍ରଥମ ୨ ସେଟ୍ ଜିତିବାପରେ ତୃତୀୟ ସେଟ୍‌ରେ ୨-୧ରେ ଅଗ୍ରଣୀ ରହିବା ସତ୍ତ୍ୱେ ଭାଗ୍ୟ ସାଥ୍ ଦେଇ ନ ଥିଲା।

''ଆଜିର ପ୍ରଦର୍ଶନ ପରେ ଆତ୍ମବିଶ୍ୱାସ ବହୁ ପରିମାଣରେ ବଢ଼ିଯାଇଛି। ଖୁସିକୁ ଭାଷାରେ ବର୍ଣ୍ଣନା କରିବା ଅସମ୍ଭବ'' ବୋଲି ଫାଇନାଲ ପରେ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଥିମ୍। ଟାଇବ୍ରେକର ଅବସରରେ ଜେଭରେଭ୍‌ଙ୍କ ଏକ ବ୍ୟାକ୍‌ହ୍ୟାଣ୍ଡ ଶଟ୍ ଲାଇନ୍ ବାହାରେ ପଡ଼ିବା ପରେ କ୍ଳାନ୍ତ ଥିମ୍ କିଛି ସମୟ ପାଇଁ ବେସ୍‌ଲାଇନ୍ ନିକଟରେ ଶୋଇପଡ଼ି ମୁହଁକୁ ହାତରେ ଢାଙ୍କି ଦେଇଥିଲେ। ଉଠିବା ବେଳକୁ ଜେଭରେଭ କରମର୍ଦ୍ଦନ କରିବା ପାଇଁ ନେଟ୍ ନିକଟରେ ଛିଡ଼ା ହୋଇଥିଲେ। କାଳବିଳମ୍ବ ନ କରି ଜେଭରେଭଙ୍କ ଆଡ଼କୁ ହାତ ବଢ଼ାଇ ଔପଚାରିକତା ପୂରଣ କରିଥିଲେ ଏହି ଅଷ୍ଟ୍ରୀୟ ଟେନିସ ତାରକା। ''ଆଜି ଆମେ ଦୁଇଜଣ ଯାକ ବିଜେତା। ଆମେ ଦୁଇଜଣଯାକ ଏଥିପାଇଁ ହକ୍‌ଦାର'' ବୋଲି ଥିମ୍ ପ୍ରକାଶ କରିଛନ୍ତି।

ଆମେରିକାନ୍ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ୨ ସେଟ୍‌ରେ ପଛୁଆ ରହିବାପରେ ଟାଇଟଲ ହାସଲ କରିବା ଏକ ବିରଳ ସଫଳତା। ଏହା ପୂର୍ବରୁ ଶେଷଥରପାଇଁ ୧୯୪୯ରେ ଆମେରିକାର ପାନ୍‌ଚୋ ଗୋଞ୍ଜାଲେଜ ନିଜ ଦେଶର ଟେଡ୍ ସ୍କୋର୍ଡରଙ୍କ ବିପକ୍ଷରେ ଏହି ସଫଳତା ପାଇଥିଲେ। ସେତେବେଳେ ଏହା ୟୁଏସ୍ ଚାମ୍ପିୟନଶିପ୍ ନାମରେ ପରିଚିତ ଥିଲା ଏବଂ ଫରେଷ୍ଟ ହିଲ୍ସରେ ଖେଳାଯାଉଥିଲା। ''ମୁଁ କିଛି ପଏଣ୍ଟ ପଛରେ ରହିଗଲି। ମୋତେ ଏବେ ୨୩ ବର୍ଷ। ତେଣୁ ଏହା ମୋ ପାଇଁ ଶେଷ ସୁଯୋଗ ଥିଲା ବୋଲି ଭାବୁନାହିଁ'' ବୋଲି ଜେଭରେଭ ପ୍ରକାଶ କରିଛନ୍ତି। କରୋନା ଭାଇରସରେ ସଂକ୍ରମିତ ହୋଇଥିବାରୁ ତାଙ୍କ ମା'ବାପା ନ୍ୟୁୟର୍କ ଆସିପାରି ନ ଥିଲେ ବୋଲି ସେ ସୂଚନା ଦେଇଥିଲେ। ପ୍ରକାଶ ଯୋଗ୍ୟ ଯେ, ପାଖାପାଖି ୩୦ ବର୍ଷ ବ୍ୟବଧାନରେ ଜେଭରେଭ ଜର୍ମାନୀ ପାଇଁ କୌଣସି ଗ୍ରାଣ୍ଡସ୍ଲାମରେ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିବାର ନିକଟତର ହୋଇଥିଲେ। ଶେଷଥରପାଇଁ ୧୯୯୦ରେ ବୋରିସ ବେକର ଏହି ସଫଳତା ପାଇଥିଲେ। ଏହା ପୂର୍ବରୁ ଥିମ୍ ୩ ଥର ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ପୁରୁଷ ସିଙ୍ଗଲ୍ସରେ ଟପ୍-୩ କୁହାଯାଉଥିବା ଦିଗ୍‌ଗଜ ଖେଳାଳିଙ୍କଠାରୁ ହାରିଯାଇଥିଲେ। ୨୦୧୮ ଫ୍ରେଞ୍ଚ୍ ଓପନ ଫାଇନାଲରେ ସେ ସ୍ପେନର ରାଫାଲ ନାଡାଲଙ୍କଠାରୁ ୪-୬, ୩-୬, ୨-୬ ସେଟ୍‌ରେ ପରାସ୍ତ ହୋଇଥିଲେ। ୨୦୧୯ ଫ୍ରେଞ୍ଚ୍ ଓପନ ଫାଇନାଲରେ ସେ ସେହି ନାଡାଲଙ୍କଠାରୁ ୩-୬, ୭-୫, ୧-୬, ୧-୬ ସେଟ୍‌ରେ ହାରି ଯାଇଥିଲେ। ସେହିପରି ୨୦୨୦ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ଥିମ୍ ସର୍ବିଆର ନୋଭାକ୍ ଜୋକୋଭିଚ୍‌ଙ୍କଠାରୁ ୪-୬, ୬-୪, ୬-୨, ୩-୬, ୪-୬ ସେଟ୍‌ରେ ପରାଜିତ ହୋଇଥିଲେ।



ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ଟ୍ରଫି ସହ ଅଷ୍ଟ୍ରିଆର ଡୋମିନିକ୍ ଥିମ୍।

# ଲଦାଖରେ କ୍ରୀଡ଼ା ସୁବିଧାର ଶିଳାନ୍ୟାସ କଲେ ରିଜିଜୁ

**ଲେହ (ଲଦାଖ),୧୪।୯ (ପି.ଟି.)**

ନବଗଠିତ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖରେ ବିଭିନ୍ନ କ୍ରୀଡ଼ା ସୁବିଧା ଲାଗି ସୋମବାର ଶିଳାନ୍ୟାସ କରିଛନ୍ତି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ। ତନ୍ମଧ୍ୟରେ ଏକ ସିନ୍ଥେଟିକ୍ ଟ୍ରାକ୍, ଫୁଟ୍‌ବଲ ପାଇଁ ଆଷ୍ଟ୍ରୋଟର୍ଫ ରହିଛି। ଏହି ଅବସରରେ ରାଜ୍ୟପାଳ ତଥା ଲ୍ୟୁଟ୍‌ନାଣ୍ଟ ଗଭର୍ନର ଆର.କେ. ମାଥୁର ଉପସ୍ଥିତ ଥିଲେ। ଲେହସ୍ଥିତି ଲେହତ୍ ଓପନ ଷ୍ଟାଡିୟମରେ ସିନ୍ଥେଟିକ୍ ଟ୍ରାକ୍ ଓ ଫୁଟ୍‌ବଲ ପାଇଁ ଆଷ୍ଟ୍ରୋଟର୍ଫ ବିଛାଯିବ। ଏବାବଦରେ ୧୦.୬୮କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି। ଏହା କାର୍ଯ୍ୟ ୨୦୨୧ ଜାନୁୟାରୀ ସୁଦ୍ଧା ଶେଷ ହେବ ବୋଲି ସ୍ଥିର ହୋଇଥିବା କ୍ରୀଡ଼ାମନ୍ତ୍ରୀ ସୂଚନା ଦେଇଛନ୍ତି। ଏନଡିଏସ୍ ଇନ୍‌ଡୋର ଷ୍ଟାଡିୟମରେ ୧.୫୨ କୋଟି ଟଙ୍କା ବ୍ୟୟରେ ଏକ ଜିମ୍ନାସିୟମ ହଲ୍ ନିର୍ମାଣ ହେବ। ୨୦୨୧ ମାର୍ଚ୍ଚ ସୁଦ୍ଧା ଏହା କାର୍ଯ୍ୟକାରୀ ହେବ। ଦେଶରେ କ୍ରୀଡ଼ା ସଂସ୍କୃତିର ବିକାଶ କ୍ଷେତ୍ରରେ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଏହି ଅବସରରେ ଉଦ୍‌ବୋଧନ ଦେଇ ରିଜିଜୁ କହିଥିଲେ। ସ୍ଥାନୀୟ ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ଲାଗି ଲଦାଖ ୟୁଟି ପ୍ରଶାସନ ତରଫରୁ ପୁରସ୍କାର ଏବଂ ଚାକିରି ବ୍ୟବସ୍ଥା କରିବା ଉଚିତ୍ ବୋଲି ସେ କହିଥିଲେ।



ୟୁଏଇରେ ଆଇପିଏଲ୍ ଆୟୋଜନ ତଦାରଖ ଅବସରରେ ସୋମବାର ଶାରଜା କ୍ରିକେଟ୍ ଷ୍ଟାଡିୟମ୍‌ରେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି।

# ଆଇପିଏଲ୍: ଲିଭ୍‌ଇନ୍‌ଗାର୍ଡ ଦିଲ୍ଲୀ କ୍ୟାପିଟାଲ୍ସ ହାଇଜିନ୍ ପାର୍ଟନର

**ଦୁବାଇ, ୧୪।୯**

ସୁଇଜରଲାଣ୍ଡର ବିଶ୍ୱ ପ୍ରସିଦ୍ଧ ହାଇଜିନ ଟେକ୍ନୋଲୋଜି କମ୍ପାନୀ ଲିଭ୍‌ଇନ୍‌ଗାର୍ଡ ଏଜି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଟିମ୍ ଦିଲ୍ଲୀ କ୍ୟାପିଟାଲ୍ସର ଅଫିସିଆଲ ହାଇଜିନ୍ ପାର୍ଟନର ହୋଇଛି। ଲିଭ୍‌ଇନ୍‌ଗାର୍ଡ ଏଜି ଭାରତ ବ୍ୟତୀତ ସୁଇଜରଲାଣ୍ଡ, ଜର୍ମାନୀ, ୟୁଏସ୍‌ଏ, ସିଙ୍ଗାପୁର, ଜାପାନ ଓ ଦକ୍ଷିଣ ଆଫ୍ରିକାରେ ଏହାର ସ୍ଥିତି ଜାହିର କରିଛି। କମ୍ପାନୀ ତରଫରୁ ପ୍ରଥମ ଥର ଏଭଳି ଫେସ୍ ମାସ୍କ ପ୍ରସ୍ତୁତ କରାଯାଇଛି, ଯାହାରକି କରୋନା ଭାଇରସ, ସାର୍ସ-କୋଭି-୨ ସମେତ ଅନେକ ପ୍ରକାର ଜୀବାଣୁ ଓ ଭୂତାଣୁକୁ ମାରିଦେବାର କ୍ଷମତା ୯୯.୯% ପ୍ରତିଶତ ରହିଛି। କୋଭିଡ୍-୧୯ ମହାମାରୀ ଯୋଗୁ ବିଶ୍ୱର ସବୁଠାରୁ ସମ୍ମାନଜନକ କ୍ରିକେଟ ଲିଗ୍ ଏଥର ଭାରତରେ ନ ହୋଇ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ସେପ୍ଟେମ୍ବର ୧୯ରୁ ହେଉଛି। ବର୍ତ୍ତମାନ ପରିସ୍ଥିତିରେ ଦିଲ୍ଲୀ କ୍ୟାପିଟାଲ୍ସର ଖେଳାଳି ଏବଂ ଦଳର ସଦସ୍ୟମାନଙ୍କର ସ୍ୱାସ୍ଥ୍ୟ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ । ଏହି ଅବସରରେ ଲିଭ୍‌ଇନ୍‌ଗାର୍ଡ ଟେକ୍ନୋଲୋଜିର ସିଇଓ ସଞ୍ଜୀବ ସ୍ୱାମୀ କହିଛନ୍ତି, ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଅନ୍ୟତମ ଲୋକପ୍ରିୟ ଦଳ ସହିତ ସମ୍ପୃକ୍ତ ହୋଇଥିବାରୁ ଆମେ ଗର୍ବିତ। ମହାମାରୀ ସମୟରେ ଲିଭ୍‌ଇନ୍‌ଗାର୍ଡ ଫେସ୍ ମାସ୍କ ବ୍ୟବହାର ଦ୍ୱାରା ଦିଲ୍ଲୀ କ୍ୟାପିଟାଲ୍ସ ଦଳର ସ୍ୱାସ୍ଥ୍ୟ ରିସ୍କ କମ୍ ରହିବ। ଯାହାଫଳରେ ଖେଳାଳିମାନେ ପ୍ରତିଯୋଗିତାରେ ନିଶ୍ଚିନ୍ତରେ ମନୋନିବେଶ କରିପାରିବେ। ଅନ୍ୟପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍ସ ସିଇଓ ଧୀରଜ ମାଲହୋତ୍ରା କହିଛନ୍ତି ଯେ, କରୋନା ମାହାମାରୀ ସମୟରେ ଆଇପିଏଲ ଆୟୋଜନ କରିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରତି ଏକ ଚ୍ୟାଲେଞ୍ଜ ସଦୃଶ। ଏହି ପରିସ୍ଥିତିରେ ଖେଳାଳିମାନଙ୍କ ସ୍ୱାସ୍ଥ୍ୟ ଅତ୍ୟନ୍ତ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଲିଭ୍‌ଇନ୍‌ଗାର୍ଡ ଏଜି ଠିକଣା ସମୟରେ ସେମାନଙ୍କ ହାଇଜିନ୍ ଟେକ୍ନୋଲୋଜି ପ୍ରସ୍ତାବ ନେଇ ଆସିଥିଲା।




# ୟୁନିଟ-୬ ଆଥଲେଟିକ୍ ଆସୋସିଏଶନର ଜରୁରୀ ବୈଠକ

**ଭୁବନେଶ୍ୱର, ୧୪।୯(ସ୍ପୋର୍ଟ୍ସ ବ୍ୟୁରୋ)**

**ଅନୁଷ୍ଠାନର ଭାବମୂର୍ତ୍ତିରେ ଆଞ୍ଚ ଆଣିବା ପାଇଁ ଅପଚେଷ୍ଟାକୁ ଦୃଢ଼ ନିନ୍ଦା**

ରାଜ୍ୟରେ ଫୁଟବଲର ପ୍ରଚାର ଓ ପ୍ରସାର ପାଇଁ ନିରନ୍ତର ଉଦ୍ୟମ କରି ଆସୁଥିବା ୟୁନିଟ-୬ ଆଥଲେଟିକ୍ ଆସୋସିଏଶନର ଜରୁରୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ କରି ଦକ୍ଷ ଓ ଅଭିଜ୍ଞ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ଏହି ଆସୋସିଏଶନ ବିଭିନ୍ନ ବୟସ ବର୍ଗରେ ତାଲିମ ଦେବା ସହ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ, ରାଜ୍ୟସ୍ତରୀୟ ଗୋଲ୍ଡକପ୍ ଫୁଟବଲ, ଟାଟା-ଉତ୍କଳିକା ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରତିବର୍ଷ ଆୟୋଜନ କରି ଆସୁଛି। ଚଳିତ ବର୍ଷ କରୋନା ମହାମାରୀ ଜନିତ ସରକାରୀ ଗାଇଡଲାଇନ୍ ଯୋଗୁ ଫୁଟବଲ ଜନିତ ସମସ୍ତ ପ୍ରକାର କାର୍ଯ୍ୟକଳାପକୁ ବନ୍ଦ ରଖାଯାଇଛି। ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଆସୋସିଏଶନ ଭାବମୂର୍ତ୍ତିରେ ଆଞ୍ଚ ଆଣିବା ପାଇଁ ଅପଚେଷ୍ଟା କରୁଥିବା ଅଭିଯୋଗ କରାଯାଇଛି। କିଛି ବ୍ୟକ୍ତି ନୂତନ ସଦସ୍ୟତା ଗ୍ରହଣ ଆଳରେ ଅନୁଷ୍ଠାନ ନାମରେ ଏକ ଆବେଦନ ଫର୍ମଦ୍ୱାରା ଅର୍ଥ ସଂଗ୍ରହ କରିବାକୁ ଚେଷ୍ଟା ଚଳାଇଛନ୍ତି। ଏହା ନଜରକୁ ଆସିବାପରେ ଭିଡିଓ କନ୍‌ଫରେନ୍ସ ଦ୍ୱାରା ଆସୋସିଏଶନର ଜରୁରୀ ବୈଠକ ଡକାଯାଇ ଉଦ୍‌ବେଗ ପ୍ରକାଶ କରାଯାଇଛି। ଏହାକୁ ଦୃଢ଼ ନିନ୍ଦା କରିବା ସହ ଏପରି କୌଣସି ପଦକ୍ଷେପ ଆସୋସିଏଶନ ପକ୍ଷରୁ ନିଆ ଯାଇ ନ ଥିବା ସମ୍ପାଦକ ଦିଲୀପ ଦାସ ପ୍ରକାଶ କରିଛନ୍ତି। ଆସୋସିଏଶନକୁ ନିନ୍ଦିତ କରିବା ପାଇଁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କଦ୍ୱାରା ଏପରି କାର୍ଯ୍ୟ ଜାରିରହିଲେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦିଲୀପ କହିଛନ୍ତି।

## ଦର୍ଶକଙ୍କ ଉପସ୍ଥିତିରେ ହୋଇପାରେ ବକ୍ସିଂ ଡେ' ଟେଷ୍ଟ

**ମେଲବୋର୍ନ, ୧୪।୯ (ପି.ଟି.)**

ଅଷ୍ଟ୍ରେଲିଆନ୍ ଓପନ୍ ଏବଂ ଭାରତକୁ ନେଇ ବକ୍ସିଂ ଡେ' ଟେଷ୍ଟ ଦର୍ଶକଙ୍କ ଉପସ୍ଥିତିରେ ଆୟୋଜନ କରିବା ଲାଗି ଯୋଜନା ଚାଲିଛି। ଏନେଇ କ୍ରିକେଟ ଅଷ୍ଟ୍ରେଲିଆ ଓ ଟେନିସ ଅଷ୍ଟ୍ରେଲିଆ ସହିତ ଆଲୋଚନା ଜାରି ରହିଥିବା ଭିକ୍ଟୋରିଆ ପ୍ରଦେଶ ପ୍ରଧାନମନ୍ତ୍ରୀ ଡାନିଏଲ ଆଣ୍ଡ୍ରୁଜ୍ ସୋମବାର ପ୍ରକାଶ କରିଛନ୍ତି। କୋଭିଡ୍-୧୯ ମହାମାରୀକୁ ନେଇ ଭିକ୍ଟୋରିଆ ସଂଘର୍ଷ ଚଳାଇଥିବାରୁ ଏମ୍‌ସିଜି ବକ୍ସିଂ ଡେ ଟେଷ୍ଟ ଆୟୋଜନ ଅଧିକାର ହରାଇବା ନେଇ କଳ୍ପନାଜଳ୍ପନା ଚାଲିଛି। ଭିକ୍ଟୋରିଆ ଜୁଲାଇଠାରୁ ଲକ୍‌ଡାଉନ୍‌ରେ ରହିଛି। ହିସାବ ଅନୁସାରେ ଅଷ୍ଟ୍ରେଲିଆରେ କରୋନା ପଜିଟିଭଙ୍କ ସଂଖ୍ୟା ୨୬,୦୦୦ ରହିଥିବାବେଳେ ୮୦୦ଜଣଙ୍କର ଇତିମଧ୍ୟରେ ମୃତ୍ୟୁ ଘଟି ସାରିଲାଣି। ଦେଶର ମୋଟ ସଂକ୍ରମିତଙ୍କ ମଧ୍ୟରୁ ୭୫ ପ୍ରତିଶତ ହେଉଛନ୍ତି ଭିକ୍ଟୋରିଆର ଏବଂ ସେଠାରେ ମୃତ୍ୟୁର ହାର ମଧ୍ୟ ୯୦ପ୍ରତିଶତ। ଏଭଳିପରିସ୍ଥିତିରେ ଦର୍ଶକଙ୍କ ସୁରକ୍ଷା ଆମ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ।

# ଇଂଲଣ୍ଡଠାରୁ ହାରିଲା ଅଷ୍ଟ୍ରେଲିଆ

**ମାଞ୍ଚେଷ୍ଟର, ୧୪।୯(ଏପି)**

ଶେଷଭାଗରେ ନାଟକୀୟ ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ଅଷ୍ଟ୍ରେଲିଆ ଏଠାରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ୨୪ ରନରେ ପରାଜିତ ହୋଇଛି। ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୨୩୨ ରନ ବିଜୟ ଲକ୍ଷ୍ୟର ପିଛା କରି ଅଷ୍ଟ୍ରେଲିଆ ୩୦ ଓଭର ବେଳକୁ ୨ ଉଇକେଟ ହରାଇ ୧୪୩ ରନ ସଂଗ୍ରହ କରିଥିଲେ ହେଁ ୪୮.୪ ଓଭରରେ ୨୦୭ ରନରେ ଅଲଆଉଟ ହୋଇଯାଇଥିଲା। ଫଳରେ ୩ ମ୍ୟାଚ ବିଶିଷ୍ଟ ସିରିଜ ଏବେ ୧-୧ ସ୍ଥିତିରେ ପହଞ୍ଚିଛି। ୧୦ ଓଭରରେ ୨ଟି ମେଡେନ ନେଇ ୩୪ ରନ ବିନିମୟରେ ୩ଟି ଉଇକେଟ ନେଇଥିବା ଇଂଲଣ୍ଡ ଫାଷ୍ଟ ବୋଲର ଜୋଫ୍ରା ଆର୍ଚର ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଅଷ୍ଟ୍ରେଲିଆ ୩୭ ରନ ମଧ୍ୟରେ ଡେଭିଡ ୱାର୍ନର(୬) ଓ ମାର୍କୁସ ଷ୍ଟୋଇନ୍ସ(୯)ଙ୍କ ଉଇକେଟ ହରାଇଥିଲେ ହେଁ ତୃତୀୟ ଉଇକେଟ ଯୋଡ଼ିରେ ଅଧିନାୟକ ଆରୋନ ଫିଞ୍ଚ୍ ଓ ମାର୍ନର ଲାବୁସ୍କାନେଙ୍କ ୧୦୭ ରନର ଭାଗୀଦାରି ବଳରେ ବିଜୟ ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲା। ତେବେ ଏହି ଯୋଡ଼ି ଭାଙ୍ଗିବାରେ ଦଳୀୟ ଇନିଂସ ଭୁଶୁଡ଼ି ପଡ଼ିଥିଲା। ଫିଞ୍ଚ୍ ୧୦୫ ବଲ୍‌ରୁ ୮ ଚୌକା ଓ ୧ ଛକା ସହାୟତାରେ ସର୍ବାଧିକ ୭୬, ଲାବୁସ୍କାନେ ୪୮ ଓ ଆଲେକ୍ସ କାରେ ୩୬ ରନ କରିବାକୁ ସକ୍ଷମ ହୋଇଥିଲେ। ୭ ଖେଳାଳି ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ଆର୍ଚରଙ୍କ ସମେତ କ୍ରିସ୍ ୱୋକ୍ସ ଓ ସାମ୍ କୁରାନ ୩ଟି ଲେଖାଏ ଏବଂ ଆଡିଲ ରଶିଦ ଗୋଟିଏ ଉଇକେଟ ନେଇଥିଲେ। ଟମ୍ କୁରାନ ଉଇକେଟ ପାଇ ନ ଥିଲେ ହେଁ ନିଜ ୧୦ ଓଭର ସ୍ପେଲରେ ୨ଟି ମେଡେନ ନେବାସହ ମାତ୍ର ୨୮ ରନ ବ୍ୟୟ କରିଥିଲେ।



ଉଇକେଟ୍ ନେବା ପରେ ଜୋଫ୍ରା ଆର୍ଚର (ଡାହାଣ)ଙ୍କୁ ସାଥି ଖେଳାଳିଙ୍କ ବଧେଇ।

### ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ୫୦ ଓଭରରେ ୨୩୧/୯(ଇଅନ ମୋର୍ଗାନ-୪୨, ଜୋ ରୁଟ୍-୩୯, ଟମ୍ କୁରାନ-୩୭, ଆଡିଲ ରଶିଦ-୩୫*, କ୍ରିସ୍ ୱୋକ୍ସ-୨୬, ଆଡାମ ଜାମ୍ପା-୩/୩୬, ମିଚେଲ ଷ୍ଟାର୍କ-୨/୩୮, ଜୋଶ୍ ହାଜେଲଉଡ-୧/୨୭, ପ୍ୟାଟ୍ କୁମିନ୍ସ-୧/୫୬, ମିଚେଲ ମାର୍ଶ-୧/୪୯)। **ଅଷ୍ଟ୍ରେଲିଆ** ୪୮.୪ ଓଭରରେ ୨୦୭/ଅଲଆଉଟ(ଫିଞ୍ଚ୍-୭୩, ଲାବୁସ୍କାନେ-୪୮, ଆଲେକ୍ସ କାରେ-୩୬, ୱୋକ୍ସ-୩/୩୨, ଆର୍ଚର-୩/୩୪, ସାମ୍ କୁରାନ-୩/୩୫, ରଶିଦ-୧/୬୭)।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ